
ISSN 2976-9329

# ସୃଜନ
# SRUJAN
## The Creativity Journal



**2024, Volume 4, Issue 3**

ISSN 2976-9329

***Editor-in-Chief***
Prof Nilamadhab Kar

***Editorial board***
Prof Sarat Chandra Rath
Prof Nandini Sahu
Dr Suresh Rath
Mr Pravat Ranjan Beura
Mrs Nirupama Kar
Mona Dash
Mr Bijay Biswaal
Dr Chinmayi Nath
Dr Suryasnata Tripathy
Mona Lisa Jena
Dr Dinabandhu Sahoo
Shri Harish Chandra Kar
Shri Satya Pattanaik
Prof Tanmay Panda
Dr Aloke Patnaik
Prof Prasanta Kumar Panda

**Regional Representatives**
Antaryami Upadhyaya – UK
Tapan Panda – America
Satyadeep Acharya – Australia
Pritisikta Panda – Europe

**Distinguished reviewers**
Padarabinda Rath
Naresh Chandra Sahoo

**Creative Support**
Shreyan Kar
GenX studios

**Administrative support**
Gaye Johnson

---

**Publisher:** The Institute of Insight, UK
**Place of publication:** Epsom, London, UK
**Contact:** Srujan, 60 Highfield Drive, Epsom, KT19 0AP, London, UK
**Sponsor:** Quality of Life Research and Development Foundation (QoLReF)
**Submit articles at:** srujan.journal@gmail.com

Copyright of all published material in this journal is held by the authors. Articles are open-access, distributed under the terms [CC BY-NC] which permits unrestricted use, distribution, and reproduction in any medium, provided the original author and source are credited. Please inform any concerns related to copyright or ethical issues to the authors and editors. Permission is required for commercial use of the articles.

2024, Volume 4, Issue 3

# Contents


| | | |
|---|---|---|
| କୁନ୍ତଳା କୁମାରୀ ସାବତ | ଶେଫାଳି ପ୍ରତି | 1 |
| | କିଏ କହେ ନାହିଁ ଆମର ସାହସ | 6 |
| Prodeepta Das | People from Odisha | 11 |
| ସନାତନ ବେହୁରା | ପଣ୍ଡିତଙ୍କ ଖୋଇ | 15 |
| ବିଜୟ କୁମାର ପରିଡ଼ା | ଯାହା ପାଇଁ ଯିଏ | 17 |
| ନାରାୟଣ ଚନ୍ଦ୍ର ଶତପଥୀ | ରକ୍ତ ସମ୍ପର୍କ | 21 |
| Chinmayi Nath | City Landscapes | 27 |
| ରଞ୍ଜନ ସାହୁ | ଯମ ଦର୍ଶନ | 31 |
| ସୁଶାନ୍ତ ଶେଖର ଦାଶ | ଗିରିଶୃଙ୍ଗର ଦେବତା | 34 |
| ଗୋପାଳକୃଷ୍ଣ ଆଚାର୍ଯ୍ୟ | ଆଉ ମନେ ନାହିଁ | 39 |
| ପ୍ରଶାନ୍ତ କୁମାର ଦାଶ | ଶରତ ବାଣ୍ଟୁଛି ସୁଖ | 41 |
| | ଅଳସୀ ଜହ୍ନର ଗାଆଁ | 42 |
| ବୀଣାପାଣି ଦେବତା | ବାଟରାତି | 43 |
| | ନିଆଁ ଧୂଆଁ ଧ୍ୱଂସସ୍ତୂପ | 44 |
| | ସଂଖ୍ୟାମାନେ ଏବେ ରାସ୍ତାରେ | 46 |
| ସମରେନ୍ଦ୍ରନାଥ ମହାପାତ୍ର | ଓଃ, ସେଇ ଫାଲ୍‌ଗୁନ | 48 |
| | ଶୁଣିଚ? | 49 |
| ଗୀତା ଷଡ଼ଙ୍ଗୀ | କବିତା କଦମ୍ବ | 50 |
| | ମୃଣ୍ମୟୀ | 51 |
| | ସୁନ୍ଦର ଖରାର ଦୃଶ୍ୟ | 52 |
| | ହଳେ ହାତ | 53 |
| Sanjay Bhatt | Siba Panigrahi: A Maestro Whose Brush Unleashed Dreams | 54 |
| ମୋନାଲିସା ଜେନା | ଗଣ୍ଡଭୈରବ | 63 |
| ସୁଧାଂଶୁ ଶେଖର ଦ୍ୱିବେଦୀ | ମାର୍କୋପୋଲୋ | 67 |
| ହରିଶ୍ଚନ୍ଦ୍ର ବେହେରା | କବିତାର ମେହେଫିଲ୍ | 70 |
| | ପାହାଡ଼ୀ ଝରଣା କି ଗୀତ ଗାଉଛି | 71 |
| | ଦରଆଉଜା କବାଟ | 72 |
| ସୁମିତ୍ରା ମିଶ୍ର | ମା’ ଚାଲିଗଲା ପରେ | 73 |
| | କିଛି ସ୍ୱପ୍ନ | 75 |

| | | |
|---|---|---|
| | କିଏ ଏମାନେ | 76 |
| ଅଲେଖ ନନ୍ଦୀ | ମାଆ ଠାରୁ ବଡ଼ କିଏ ? | 79 |
| | ମୋକ୍ଷ | 80 |
| | ମେଧା | 81 |
| ତପତୀ ପାଣିଗ୍ରାହୀ | ବହି | 82 |
| | ମୋ ଗାଆଁ | 83 |
| | ଗୀତ | 84 |
| ମାନସ ରଂଜନ ମହାପାତ୍ର | ନିଃଶବ୍ଦ ଶବ୍ଦରେ ଆଜି | 85 |
| | ଆସମାନ୍ ତାରା | 86 |
| | ପ୍ରମ୍ପ୍ଟର୍ | 87 |
| ସୁରାତ୍ରୀ ପ୍ରଧାନ | ଫଗୁଣ | 88 |
| | ଏକ ସୂତ୍ରେ ବନ୍ଧା ଜୀବନ | 89 |
| | ପ୍ରତୀକ୍ଷାର ଅନ୍ତରାଳେ | 90 |
| ପ୍ରଭାତ ରଞ୍ଜନ ବେହୁରା | ଓଡ଼ିଆ ଲିଖନକୁ ତ୍ରୁଟିଶୂନ୍ୟ କିପରି କରିବା ? | 91 |
| Nilamadhab Kar | You can be free | 96 |
| | Heaviness of your teardrops | 97 |
| | I won't be there for you | 98 |
| | Book review | |
| ସନ୍ତୋଷ ରଥ | ସଜ ସକାଳ | 99 |
| | ସିନ୍ଧୁରୁ ବିନ୍ଦୁଏ | 99 |
| | ଚେତନା ରଶ୍ମି | 100 |
| ବୀରେନ୍ଦ୍ର କର | ମାନବ ଓ ମାନବତା | 100 |
| ଦେବରାଜ ବିଶୋଇ | ପ୍ରୀତି ବାଟିକା | 101 |
| | ଗୀତିବିଥିକା | 101 |
| ବନଜା ଦେବୀ | ଚତୁର୍ବେଦ କବିତା ଶତକ | 101 |
| ସୋମଦେବ ଶାସ୍ତ୍ରୀ (ଅନୁବାଦ: ଦୁର୍ଗାଚରଣ ମହାନ୍ତି) | ଅଥର୍ବବେଦ ସନ୍ଦେଶ | 101 |
| Prodeepta Das | Coverpage | |




## Invitation of articles for Srujan: The Creativity Journal

This is an effort to put together a journal with the choicest creative articles in Odia Literature and creativity in other fields of artistic expressions linked to Odisha for an international readership; with an aim of propagating, promoting Odia literature and creativity worldwide.

Articles ('poem, short story, art, and other creative forms') are invited for the Srujan: The Creativity Journal. Please send your selected articles only. Submit one article at a time; for poems you can send 3 small poems. Do not send essays and critiques.

This is a multi-lingual journal accepting creative articles of translations from and to Odia from different languages; along with article from Odia people writing in other languages.

Selection of all the submitted articles is done by a peer group, except the invited ones.

Please refer to the 'Instruction to authors' for more information about submission. All the articles should be submitted in Word file, (Unicode font, preferably Kalinga), author's name, address (place and state/country), bio in 100 words, email are essential. Submit to the email below.

The article should be the authors' own creation. Authors will remain responsible for any conflicts about their submission. Editorial board or the publishers will not have any liability.

Submit at: srujan.journal@gmail.com

---

## ସୃଜନ ପାଇଁ ଲେଖା

ଓଡ଼ିଆ ଭାଷା ଓ ସୃଜନ ସମ୍ଭାର ସବୁକୁ ନେଇ ସଂଯୋଜିତ ଏହି ପତ୍ରିକା ବିଶ୍ୱର ପାଠକପାଠିକାମାନଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ । ଓଡ଼ିଆ ସାହିତ୍ୟର ଓ କୀର୍ତ୍ତିସବୁର ପ୍ରଚାର ପ୍ରସାର ଏହାର ମୁଖ୍ୟ ଲକ୍ଷ୍ୟ ।

ଏହା ପାଇଁ ଆପଣ 'କବିତା', 'କ୍ଷୁଦ୍ରଗଳ୍ପ', 'ଚିତ୍ରକଳା', 'ଆଲୋକଚିତ୍ର' ଓ ଅନ୍ୟ ସର୍ଜନଶୀଳ ଲେଖା ପଠାଇପାରିବେ । ଆପଣ ନିଜର ସୁନିର୍ବାଚିତ ଲେଖାଗୁଡ଼ିକୁ ହିଁ ପଠାନ୍ତୁ । ଥରକେ ଗୋଟିଏ ଲେଖା ପଠାନ୍ତୁ; ତେବେ କବିତା ପାଇଁ ଥରକେ ତିନୋଟି ଛୋଟ କବିତା ପଠାଇ ପାରିବେ । ନିବନ୍ଧ, ଆଲୋଚନା ଆଦି ପଠାନ୍ତୁ ନାହିଁ ।

ଏହା ବହୁ-ଭାଷିକ ପତ୍ରିକା । ଓଡ଼ିଆ କବି ଓ ଲେଖକ ନିଜର ଇଂରାଜୀ ଲେଖା, ଅନୁବାଦ ଲେଖା (ଓଡ଼ିଆରୁ ଅନ୍ୟଭାଷାକୁ ଓ ଅନ୍ୟ ଭାଷାରୁ ଓଡ଼ିଆକୁ ଅନୁବାଦ ହୋଇଥିବା ଲେଖା) ପଠାଇ ପାରିବେ ।

ଆମନ୍ତ୍ରିତ ଲେଖାକୁ ଛାଡ଼ିଦେଇ, ପଠାଯାଇଥିବା ଅନ୍ୟସବୁ ଲେଖାଗୁଡ଼ିକର ଚୟନ ଏକ ଲେଖକ-ଲେଖିକା ଓ ପାଠକ ମଣ୍ଡଳୀ ଦ୍ୱାରା କରାଯାଏ l

ଲେଖା ପଠାଇବା ପାଇଁ 'ଲେଖକୀୟ ନିର୍ଦ୍ଦେଶାବଳୀ' ଦେଖନ୍ତୁ । ଲେଖାସବୁ Word ଫାଇଲରେ ପଠାନ୍ତୁ, (ଓଡ଼ିଆ ଲେଖା ପାଇଁ କଳିଙ୍ଗ ଫଣ୍ଟ୍, ୟୁନିକୋଡ୍ ଅଧିକ ବାଞ୍ଛନୀୟ), ନିଜର ନାମ, ଠିକଣା (କେବଳ ଗ୍ରାମ/ସହର ଓ ରାଜ୍ୟ/ଦେଶ), ନିଜ ବିଷୟରେ ଶହେ ଶବ୍ଦ, ଇମେଲ୍‌ରେ, ପଠାଇବା ନିହାତି ଦରକାର l ଲେଖାସବୁ ନିମ୍ନରେ ଦିଆଯାଇଥିବା ଇମେଲ୍ ଠିକଣାରେ ପଠାନ୍ତୁ l

ଲେଖାସବୁ ଲେଖକ-ଲେଖିକାଙ୍କ ନିଜସ୍ୱ କୀର୍ତ୍ତି ହୋଇଥିବା ଆବଶ୍ୟକ । ଲେଖା ପ୍ରକାଶନର ନୀତି ନିୟମର କୌଣସି ଉଲ୍ଲଙ୍ଘନ ପାଇଁ ଲେଖକ-ଲେଖିକା ନିଜେ ଦାୟୀ ରହିବେ; ସେଥିରେ ସୃଜନ ସମ୍ପାଦନା ମଣ୍ଡଳୀ ବା ପ୍ରକାଶକଙ୍କର କୌଣସି ଦାୟିତ୍ୱ ରହିବ ନାହିଁ l

ଲେଖା ପଠାଇବା ପାଇଁ ଇମେଲ୍: srujan.journal@gmail.com

---

**Instruction to authors is given at the end of this issue.**

---

***For further information please contact the*** Srujan Editorial Board:
srujan.journal@gmail.com OR srujan@instituteofinsight.org

The Institute of Insight, UK: theinstituteofinsight@gmail.com

Quality of Life Research and Development Foundation (QoLReF),
qolref@gmail.com

# ଶେଫାଳି ପ୍ରତି

Srujan ISSN 2976-9329

## କୁନ୍ତଳା କୁମାରୀ ସାବତ

ଶେଫାଳି !
କେଉଁ ଦୂର ତରୁବରେ ଫୁଟିଅଛୁ ଗୋପନେ
ଭୁରୁଭୁରୁ ଗନ୍ଧ ତୋର ଭାସି ଆସେ ପବନେ
ବାତାୟନ ପାଶେ ବସି
ଚାହେଁ ନବୋଦିତ ଶଶୀ
ହସି ହସି ସତେ ଉଇଁ ଆସେ ଦୂର ଗଗନେ
ଭବାବେଶେ ମୁଗ୍ଧ ମୁଁ ମଜିଅଛି ସ୍ୱପନେ ! (୧)

ଭାବରାଜ୍ୟେ ବୁଲେଁ ସତେ ହଜିଅଛି ଚେତନା
ଅନ୍ତର ଅନ୍ତର ରାଜ୍ୟେ ପୂରିଅଛି କଳ୍ପନା
ବିଶାଳ ଏ ବିଶ୍ୱକ୍ଷେତ୍ରେ
ଅର୍ଦ୍ଧ ନିମୀଳିତ ନେତ୍ରେ
ଦେଖେଁ ସତେ ଶୋଭାରାଶି ପଡୁଅଛି ଉଛୁଳି
ତହିଁ ସୁଧା ଢାଳୁକିରେ ଗନ୍ଧେ ଗଙ୍ଗଶିଉଳି ? (୨)

ଶରଦ ଦିନାନ୍ତେ ବସି ବାତାୟନ ପାଶରେ
ବୁଡ଼ିଅଛି ମନ ମୋର କିବା ପ୍ରେମ ରସରେ
ଆବେଶେ ପୁଲକେ ମୋର
ନୟନରୁ ବହେ ଧାର
ହୃଦତନ୍ତ୍ରୀ ବାଜିଉଠେ କି ଅମୃତ ସୁସ୍ୱରେ
ନିମିଷେ ଭାବଇଁ ମୁଁ ତ ଅଛି ଅବା ସ୍ୱର୍ଗରେ ! (୩)

ସାରାଦିନ ପରିଶ୍ରମ କ୍ଲେଶ କ୍ଳାନ୍ତି ଅଶେଷ,
ନାନା ଚିନ୍ତା ରୋଗଶୋକ କଷ୍ଟ ଦେଲା ବିଶେଷ

ଯହୁଁ ରବି ଅସ୍ତାଚଳେ
ଧୀରେ ଧୀରେ ଢଳିଗଲେ
ସନ୍ଧ୍ୟାଗାଥା ଗାଇ ପକ୍ଷୀ ଫେରିଲେ ସ୍ଵ ସଦନେ
ତମୋରାଶି ବୋଳିଦେଲା ନିଶା ଧରା ଆନନେ (୪)

ନୀଳ ନଭ ମଣ୍ଡି ଧୀରେ ହସି ଦିପ୍ତଲୋଚନେ
ଦେଖା ଦେଲେ ଶତଶତ ତାରା ଜ୍ୟୋତି - ବସନେ
ଅଙ୍ଗେ ବୋଳି ସୁଧାରାଶି
ଶଶାଙ୍କ ଉଇଁଲା ଆସି
ଝରି ଝରି ପଡ଼ିଲା କି ଭୁବନରେ ଅମୃତ
ସତେକି ଧରଣୀରାଣୀ ଦୁଃଖ ଦେଲା ବିସ୍ମୃତ (୫)

ରବି ବିରହରେ ଧନୀ କାନ୍ଦିଥିଲା ମଉନେ
ଅନ୍ଧକାରେ ନତ ନେତ୍ରେ ବିଷାଦିତ ବଦନେ
ଚାନ୍ଦ କି ଆସିଲା ଉଇଁ
ଚାନ୍ଦିନୀ ଚୁମ୍ବିଲା ଭୂଇଁ
ହସିଲା କି ବସୁମତୀ ଚାରୁ ଶୁଭ୍ର ଦୁକୂଳେ
ଫୁଟିଲୁ ଶେଫାଳି ରହି ତୁ କି ପ୍ରେମ ଆକୁଳେ (୬)

ଶେଫାଳି !
ମୃଦୁ ମୃଦୁ ଗନ୍ଧ ତୋର ଭାସି ଆସେ ପବନେ
ଛନ ଛନ ପ୍ରାଣ ମୋର କି ଆକୁଳ ଗୋପନେ !
ସତେ ମୋର ଦୁଃଖ ରାଶି
କ୍ଷଣେ କାହିଁ ଗଲା ଭାସି
କେତେ କି କଳ୍ପନା ମନେ ଆସୁଅଛି ବିଜନେ
କ୍ଷଣେ ପହଞ୍ଚିଲି ସତେ ଯାଇଁ ସ୍ଵର୍ଗ ଭୁବନେ ! (୭)

ଶେଫାଳି !
କ୍ଷୁଦ୍ର ତୋର ତନୁ, ତହିଁ ଭରା ଏତେ ଅମୃତ

ବିହିଲୀଳା କେ ବୁଝିବ, ଜ୍ଞାନାତୀତ ଅଦ୍ଭୁତ !
ଗୋପନେ ଫୁଟିଛୁ ଦୂରେ
ତରୁପତ୍ର ଗହଳରେ
ତଥାପି ତୋ ବାସେ ମୋର ପ୍ରାଣ ହୁଏ ଆକୁଳ
କହ କେଉଁ ଶିଳ୍ପୀ ତୋତେ ଗଢ଼ିଅଛି ରେ ଫୁଲ ! (୮)

କି କୋମଳ କି ଲଳିତ କି ମଧୁର ସୁରଭି
କର୍କଶ କୁତ୍ସିତ ପତ୍ରେ ଶୋଭେ କିନ୍ତୁ ଅଟବୀ
ରୁକ୍ଷ ପତ୍ରରାଶି କୋଣେ
ଫୁଲ ଫୁଟୁ ଏତେ ଗୁଣେ
ଲୁଚି ଲୁଚି ବାସେ ତୋର ମୁଗ୍ଧ କରୁ ସଂସାର
ନୀଚ ମଧ୍ୟେ ଉଚ୍ଚ ସୃଷ୍ଟି ବିଧାତାର ବିଚାର (୯)

ପଙ୍କେ ପଦ୍ମ ଗଢ଼ିଅଛି ବିଧାତା କି ଯତନେ
ଶାମୁକା ଗରଭେ ନିହିଅଛି ମୁକ୍ତା ରତନେ
କଳାମେଘ କଳେବରେ
ସୌଦାମିନୀ ଶୋଭା ଧରେ
କଳା କୋକିଳ କଣ୍ଠରେ ପୂରି ଅଛି ପୀୟୂଷ
ତୁଚ୍ଛ ଭାବେ ନୁହେଁ କିଛି, କ୍ଷୁଦ୍ର ତୋର ସଦୃଶ (୧୦)

ଶେଫାଳି !
ମନେ ମନେ ରୂପ ତୋର କଳ୍ପନାରେ ଆସେ କି
ଭାବିଭାବି କଥା ତୋର ଉଲ୍ଲାସରେ ଭାସେ କି
ଏକ ରାତ୍ରି ପାଇଁ ଫୁଟି
ସୁବାସେ ଯାଉଛୁ ଲୋଟି
କ୍ଷୁଦ୍ର ତୋର ଜୀବନରେ ସୁମହତ ବିକାଶ
କ୍ଷୁଦ୍ର ବୋଲି ମୁହିଁ କିମ୍ପା ହୋଇବି ରେ ନିରାଶ (୧୧)

ଶେଫାଳି !
କ୍ଷୁଦ୍ର ମୁହିଁ ଦୀନ ମୁହିଁ ରେଣୁ କଣା ଜଗତେ ?
ଚାହିଁଲେ ବିଶାଳ ବିଶ୍ୱ ଆସୁଛି କି ପରତେ ?
 କ୍ଷୁଦ୍ର ହେଲେ ସୁଦ୍ଧା ମୁହିଁ
 ଅକାରଣେ ଜନ୍ମି ନାହିଁ
ଅନନ୍ତ ବିନାଶ ମୋର ଲେଖାନାହିଁ କପାଳେ
ଏତେ ରାତି ପାଇଁ ଫୁଟି ଝଡ଼ିଯିବି ସକାଳେ ! (୧୨)

ଶେଫାଳି !
ନିତି ପ୍ରାତେଃ ଦେଖେଁ ପଡ଼ିଅଛୁ ତରୁ ମୂଳରେ
ଢଳଢଳ ହିମବିନ୍ଦୁ ଶୋଭେ ଶୁଭ୍ର ଦଳରେ
 ସ୍ଫଟିକେ ପ୍ରବାଳ ପରା
 ଗଠିତ ତୋ ତନୁ ତୋରା
ମନୋନ୍ମାଦକର ତହିଁ ପୂରିଅଛି ସୁବାସ
କି କୋମଳ କି ଲଳିତ କି ମୋହନ ବିକାଶ (୧୩)

କି ଯତନେ ଆହରି ମୁଁ ଗୁନ୍ଥେ ମାଳା ଆଦରେ
ପୁଲକିତ ପ୍ରେମ ସ୍ପର୍ଶେ ଦୋଳାଏ ମୋ କଣ୍ଠରେ
 ଧୀରେ ପରଷି ଅଧରେ
 କେତେ ମୁଁ ତୋତେ ଆଦରେ
କି ବୁଝିବୁ ପ୍ରାଣହୀନ, ଆକୁଳତା ମୋହର
କେତେ ପ୍ରେମ କରେ ତୋତେ ଗୋପନେ ମୋ ଅନ୍ତର ? (୧୪)

ଶେଫାଳି !
କହେଁ ତୋ ଆଗରେ ସବୁ, ତୁ କି ବନ୍ଧୁ ଜୀବିତ
ହେଲେ ମୋ ହୃଦୟ ଶତ ବେଦନାରେ ବ୍ୟଥିତ
 ଆପଣା ମନେ ମୁଁ ଭାଷେ
 ତୋତେ ଶୁଣାଇବା ଆଶେ

ଶୁଣୁ କି ନ ଶୁଣୁ ଏକା ଜାଣୁ ତୁ ସୁମନ
ବୁଝୁ କି ନ ବୁଝୁ ମୋର ଶତ ପ୍ରୀତି-ବଚନ (୧୫)

କହି କହି କିନ୍ତୁ ମୁହିଁ ଲଭେଁ ପ୍ରାଣେ ଆରାମ
ତୋ ବୁଝିବା ନ ବୁଝିବା ମୋର ପକ୍ଷେ ସମାନ
କହୁଥିବି ଦିବାରାତି
ପ୍ରାଣେ ତ ଲଭିବି ଶାନ୍ତି
ତୋ ଉଦ୍ଦେଶେ ଆରେ ଫୁଲ ମୋ ପ୍ରାଣର ଏ ବ୍ୟଥା
ତୁ ନ ଶୁଣୁ ଆଉ ଜଣେ ଶୁଣିବ ତ ମୋ କଥା (୧୬)

ଶେଫାଳି !
ମୋ ଜୀବନ ଶେଷ କାଳେ ପଡ଼ିବି ତ ମୁଁ ଝରି
ତୋଳିନେବ ନାହିଁ କି ସେ ମୋତେ ଯତ୍ନେ ଆହରି
ମୋର ଆତ୍ମାଫୁଲ ଚାରୁ
ଚରଣେ ଦଳିବା ଠାରୁ
ତାର ପ୍ରିୟ ନିକେତନ ସଜାଇବ ନେଇ ସେ
ତୋଷିବ ପ୍ରାଣଟି ମୋର କେତେ ପ୍ରେମ ଦେଇ ସେ (୧୭)

ଶେଫାଳି !
ତୋହ ପରି କ୍ଷୁଦ୍ର ମୁହିଁ ତୋହ ପରି କ୍ଷଣିକ
ହସେ ବାସେ ରସେ ମାତ୍ର ଫୁଟିଅଛି ଘଡ଼ିକ
ମାଟିରେ ମିଶିବୁ ତୁହି
ମାଟିରେ ମିଶିବି ମୁହିଁ
ତଥାପି ମୋ ଆତ୍ମାଫୁଲ ନ ଯିବ ରେ ମଉଳି
ତେଣୁ ଆଶା ବହି ଦିନକାଟେ ଗଙ୍ଗଶିଉଳି (୧୮)

ଶେଷ ଗତି ନୁହଁ ମୋର ମୃତ୍ୟୁ କେଉଁ କାଳରେ
ମରିବାକୁ ଫୁଟି ନାହିଁ ଭବତରୁ ଡାଳରେ
ଅଛି ରମ୍ୟ ଉପବନ

ଯହିଁ ଫୁଟି ଚିରଦିନ
ଅନନ୍ତ ଅମୃତ ପ୍ରେମ ସୁଧାମୟ ସୁବାସ
ମୋହିବି ମୋ ପ୍ରାଣପ୍ରିୟ ଦେବତାଙ୍କୁ ଉଲ୍ଲାସେ (୧୯)

ଶେଫାଳି !
ମୃଣ୍ମୟ ଶରୀର ତୋର ଏଡ଼େ ଚାରୁ ଶୋଭିତ
ନ ଜାଣେ ମୋ ଆତ୍ମାଫୁଲ କି ସୌନ୍ଦର୍ଯ୍ୟେ ଚିତ୍ରିତ
ତୁ ଯଦି ମୋ ନେତ୍ରେ ପ୍ରିୟ
ତାଙ୍କ ନେତ୍ରେ ହେବି ହେୟ
ମୁଁ କି କେଉଁ କାଳେ ମୋର ନ ହୁଏ ତ ବିଶ୍ୱାସ
ଫୁଟିବି ମୁଁ ଚିରଦିନ ନ ହେବ ମୋ ବିନାଶ (୨୦)
***

# କିଏ କହେ ନାହିଁ ଆମର ସାହସ

Srujan ISSN 2976-9329

**କୁନ୍ତଳା କୁମାରୀ ସାବତ**

କିଏ କହେ ନାହିଁ ଆମର ସାହସ?
କିଏ କହେ ଆମେ ଅଜ୍ଞାନ ଅଳସ?
କିଏ କହେ ମୃତ ଓଡ଼ିଆର ପ୍ରାଣ?
ଚିର ଅବସାନ ତା ଗୌରବ ଟାଣ?
ହୃଦୟ ସ୍ପନ୍ଦନ ହଜିନାହିଁ ତାର
ଶିରାରେ ଶିରାରେ ବହେ ପ୍ରାଣଧାର
ଜାଗିଲାଣି ତାର ତରୁଣ ସନ୍ତାନ
ଘୁଞ୍ଚାଇବେ ମିଳି ମାତୃ ଅପମାନ
କେ କେତେ ପ୍ରେରଣା ପ୍ରାଣେ ଲଭି ଶୁଭ
ଧରି ହୃଦେ ଦୃଢ଼ ବିଶ୍ୱାସ - ଧ୍ରୁବ
ସେ ତରୁଣ ହୃଦ ପ୍ରତି ରକ୍ତ ବିନ୍ଦୁ
ମିଶି ବିରଚିବ ମହାଶକ୍ତି ସିନ୍ଧୁ ।
***



**Dr Kuntala Kumari Sabat** (8 February 1901- 23 August 1938) was a physician, poet, novelist, essayist, columnist, social activist, fiery orator, and a leader in the Indian freedom struggle. She studied from Ravenshaw Girls High School and continued her education in Orissa Medical School, Cuttack (Currently, Srirama Chandra Bhanja Medical College and Hospital). She earned her Licentiate Medical Practitioner) (LMP) degree in

1921 with a gold medal. She worked and wrote against caste discrimination, child marriage, discrimination against women and Purdah. She supported widow remarriage, and women's freedom.

She was fluent in Odia, Hindi, Bengali, English and Burmese. She wrote mostly in Odia, but in Hindi as well. She edited several magazines such as Mahavir, Jivana, Nari Bharati. She was invited to speak at convocation ceremony of Benaras Hindu University and Allahabad University. She established an organisation called Bharati Tapovan Sangha that worked towards development of Odia language. Kuntala Kumari's literary work and her role in the public life were many times comparable to those of Sarojini Naidu. She is known as the "Nightingale of Odisha".

Her published works included: Uchvasa (1924); Sphulinga (1927); Archana (1927); Odianka kandana (1936); Bhranti, Prema Cintamani, (1931); Anjali; Kali Bohu; Nawtundi, etc. Her literary works are available in Utkala Bharati Kuntala Kumari granthamala (1968), Kataka shtudents shtora and Kuntalakumari Granthabali: Kabyakhanda (in Odia and Hindi) (2004), Prachi Sahitya Pratishthana. She has been aptly addressed as Utkala Bharati Kuntala Kumari Sabat.

***

The poem 'Sephali Prati' or Ode to the Jasmine has been particularly well known. This has been translated by various authors. Excerpts from the translated poem taken from an article by Anjali Sahoo (2022) are given below:

'On an autumn day sitting by window
In (which) love sentiment deep in meadow
My eyes spill up
my heart hops up
Its string hums in (which) tune of fantasy
Now I feel like breathing in ecstasy.'
***
'Every morning I see, you fall on dirt
With shaking dew drops, (your) petals look great
Like coral crystal
Your body looks typical
With full of fragrance so fascinating
So soft so charming so graceful the making!'
***

‘In my twilight, I’ll drop down on dust
Won’t He hug me with love and trust
My cute soul bud
Not destined to be rubbed
He’ll adorn her abode with (my soul) flower
He will love me much in shower!’
***
‘My heart gets lighter if I speak you in sequence
You realize or not – both mean equal in sense
It offers me solace and peace
Let me tell day-night please
I dedicate you my heart’s agony
Suppose you don’t hear- He listens me!’
***
‘Endless weariness all day long
Sickness, stress, pain, ache me along
While the Sun sets
Slowly in west
Birds come singing twilight tune
Night smears dark on earth’s face soon’
***
‘Jasmine!
Little your body with full of splendor
Who knows God’s sport full of wonder!
In green leaves, hay
Bloomed at faraway
Even so my core bewilders lately
Tell me which artist shapes you deftly!’
***
‘How soft, sweet and slushy your incense!
Coarse, odd leaves but tree looks immense
Inside roughness
So many assets
Unseen! Still stun all by fragrance
High in lowly birth- it’s God’s instance!’
***
‘God creates Lotus in mire - How neatly!
God inserts pearl in oyster - How greatly!
In every cloud’s black
He puts shiny spark
He adds honey in Black cuckoo’s voice
Nothing is trivial, tiny in His choice!’

***

'Jasmine!
Your aroma slowly blows in breeze hence
Restless my heart stirs in silence
(As if) All my torment
Sail far for a moment
Loads of imagination comes up still
I reach (as if) in heaven for a while!'

***

'Jasmine!
I am just like you- tiny and transitory
My smile, scent and sentiment- all temporary
You will return to dirt
I will return to dirt
But my soul flower will never decline
With this hope I pass my days jasmine!'

***

'Demise will be my last resort never
Bloomed in God's tree, not to decay ever
In God's pretty grove
I will bloom with love
(Having) Endless, deathless, timeless fragrance
I will charm my God with elegance.'

***


**References**


- Janmejay Choudhury, Kuntala Kumari Sabat: A True Patriotic Literateur and Reflection of Her Literary Works on Gandhian Movement. Orissa Review, August – 2010, 25-28. Available at https://magazines.odisha.gov.in/Orissareview/2010/August/engpdf/25-28.pdf [Accessed on 10 October 2024]
- https://en.wikipedia.org/wiki/Kuntala_Kumari_Sabat [Accessed on 10 October 2024]
- https://amritmahotsav.nic.in/unsung-heroes-detail.htm?4552
- https://cmsadmin.amritmahotsav.nic.in/district-reopsitory-detail.htm?3049 [Accessed on 10 October 2024]
- Anjali Sahoo (2022) Spiritual Quest through Nature: A study of Kuntala Kumari Sabat's poem 'Ode to the Jasmine', European Journal of English Language and Literature Studies, Vol.10, No.2, pp.72-80. Available at: https://www.eajournals.org/wp-content/uploads/Spiritual-Quest-through-Nature.pdf [Accessed on 10 October 2024]
- Nirmala Kumari Mohapatra, Poetess Kuntala Kumari Sabat. Odisha Review February-March, 2021, p12-13. Available at: https://magazines.odisha.gov.in/Orissareview/2021/Feb-Mar/engpdf/12-13.pdf [Accessed on 10 October 2024]

# People from Odisha

Srujan ISSN 2976-9329

Prodeepta Das



.









**Prodeepta Das** grew up in Cuttack, studied at Ravenshaw College, University of Sussex and University of London. As an independent photojournalist, he has worked on several books for children; his I Is For India is widely read in the UK, USA and has been translated into Danish and Spanish. S Is For South Africa, which he photographed was chosen as the best children's book on Africa by the Smithsonian Institute, Washington. He has photographed for many corporates and NGOs including Tata Steel, Tate & Lyle, Save the Children, Help Age International and UNICEF. He has exhibited in galleries in the UK, Canada and India. In 1984 he photographed some of Odisha's tribes, which formed an exhibition, Hills of flute, in London and was reviewed in magazines. He focuses on portrait and humanist photography. More of his work can be found on www.prodeeptadas.com

# ପଣ୍ଡିତଙ୍କ ଖୋଇ

SRUJAN
The Creativity Journal
Srujan ISSN 2976-9329

## ସନାତନ ବେହୁରା

ହରିପୁର ଗାଆଁରେ ବ୍ରାହ୍ମଣ, ବାରିକ, ଗୁଡ଼ିଆ, ତେଲୀ, ତନ୍ତୀ, ବଢ଼େଇ, କୁମ୍ଭାର, କମାର ପ୍ରଭୃତି ଛତିଶ ପାଟକର ଲୋକ ବାସ କରନ୍ତି । ଲୌକିକ ବୃତ୍ତି, ବଂଶ ପରମ୍ପରା କ୍ରମେ କାହାରି କିଛି ଅଭାବ ଅସୁବିଧା ନାହିଁ । ତେଣୁ  କେହି ବେକାର ନାହାନ୍ତି । ଅଙ୍କ, ଅଭିଷେକ ପଡ଼ିଲେ ବ୍ରାହ୍ମଣ, ବାରିକଙ୍କ ଖିଆପିଆ, ବୁହାବୋହିରେ କଟେବାର ।

ଏହି ଗ୍ରାମରେ ସାଧୁ ମିଶ୍ରେ ନାମରେ ଜଣେ କର୍ମାଣିଆ ପୁରୋହିତ ଥାଆନ୍ତି । ମାତ୍ର ସେ ଭାରି ଲୋଭୀ । ସେ ଯେଉଁଠାକୁ ଯାଆନ୍ତି, ସେଦିନ ତାଙ୍କ ଘରେ ରୋଷେଇ ବାସ ବନ୍ଦ କରିଦେଇଥାନ୍ତି । ପଣ୍ଡିତେ ଭାରି ଫିସାଦଖୋର । ସେ  ବୁଲେଇ ବଙ୍କେଇ ତାଙ୍କ କାମଟି ଯେ କୌଣସି ମତେ ହାସଲ କରିବାରେ ଧୁରନ୍ଧର । ତେଣୁ  ଭୋଜିଭାତ କୌଣସିଠାରେ ହେଲେ ସେ ଆଗ ପତର ନ ପକେଇଲେ, ଅନ୍ୟ କେହି ପତର ପକାନ୍ତି ନାହିଁ । କାରଣ ସେଠାରେ ତାଙ୍କର ଉପସ୍ଥିତି  ନିହାତି ଦରକାର ।  କାହାର ଯଦି ଭୋଜିଭାତ ହେବାର ଥାଏ, ସେ ନିଶ୍ଚିତ ଭାବରେ ପଣ୍ଡିତଙ୍କୁ ଡାକିବାକୁ ଯାଏ । ପଣ୍ଡିତେ ମଧ ତିନି ଚାରି ଦିନ ଆଗରୁ କାହାର କେଉଁଠି, କ'ଣ ପାଇଁ ଭୋଜିଭାତ ହେଉଛି, ସେ ସବୁର ହିସାବ ରଖିଥାଆନ୍ତି ।

ସେ ଯେଉଁ ଭୋଜିକୁ ଯିବେ, ସେଠାରେ ତ ଖାଇବେ । ପଣ୍ଡିତେ ଖାଇସାରିବା ପରେ ନିଜର ମତାମତ ରଖିବେ ନିଶ୍ଚୟ । ଭୋଜିରେ ଖାଦ୍ୟ ପ୍ରସ୍ତୁତି ଯେତେ ସୁଆଦିଆ ହୋଇଥାଉ ପଛେ, ସେଥିରେ ଗୋଟାଏ ଦୁଇଟା ଦୋଷ ଯେମିତି ହେଲେ ବାହାର କରିବା ତାଙ୍କ ଅଭ୍ୟାସ । ଯଥା – ଭାତ ଯାଉଆ ହୋଇଗଲା ବା ପୋଡ଼ିଗଲା, ଡାଲି ପାଣିଆ ହୋଇଗଲା, ମାଛଝୋଳ କୁହୁଳିଗଲା, ରସା ତରକାରି ଅଲଣା ନୋହିଲେ ରାଗୁଆ ହୋଇଗଲା ଇତ୍ୟାଦି ।

ପଣ୍ଡିତଙ୍କର ସାତ ପୁଅ – କଳାକର, ନିଶାକର, ରୂପାକର, ଦିବାକର, ବୀଣାକର, ପ୍ରଭାକର ଓ ରତ୍ନାକର । ଯଜମାନ ପଣ୍ଡିତଙ୍କୁ ଡାକିବାକୁ ଆସିଲେ, ପଣ୍ଡିତେ ଅନ୍ୟ କେଉଁଠି କାମ ଅଛି ବୋଲି ବାହାନା କରନ୍ତି । ତଥାପି ଯଜମାନ ପଣ୍ଡିତଙ୍କୁ ଯିବାକୁ ବାଧ କରନ୍ତି । ପଣ୍ଡିତେ ଭୋଜିକୁ ନ ଗଲେ, ସେ (ଯଜମାନ) ସେଠାରୁ ଫେରିବ ନାହିଁ ବୋଲି ଅଡ଼ିବସେ । ତଥାପି ପଣ୍ଡିତେ କହନ୍ତି, "ମୁଁ ତ ଯାଇପାରିବି ନାହିଁ । ହଉ ତମେ ଯଦି ଅଳି କରୁଛ, ବଡ଼ପୁଅ କଳାକରକୁ ସାଥୀରେ ନେଇଯାଅ ।" ତଥାପି ଯଜମାନ ନଛୋଡ଼ବନ୍ଧା । ଏଥର ପଣ୍ଡିତେ କହନ୍ତି, "ଏତେ ଯଦି ବାଧ କରୁଛ, ମୋ ବଦଳରେ ନିଶାକର ଯାଉ !" କିନ୍ତୁ ପଣ୍ଡିତଙ୍କୁ ଡାକିବାକୁ ଆସିଥିବା ଯଜମାନ ଏଥର କହନ୍ତି, "ହଉ, କଳାକର, ନିଶାକର ତ ଯିବେ, ହେଲେ ଆପଣ ବି ଆସନ୍ତୁ ।" ଏଇଭଳି ଯଜମାନଙ୍କ ବାରମ୍ବାର ଅନୁରୋଧ କ୍ରମେ ପଣ୍ଡିତଙ୍କ ସାନପୁଅ ଗଲା ପରେ ପଣ୍ଡିତେ ଆଉ ଯଜମାନ ସାଙ୍ଗହୋଇ ଭୋଜି ପାଖରେ ପହଞ୍ଚନ୍ତି ।

ପତ୍ର ପଡ଼େ । ପଣ୍ଡିତେ ବସନ୍ତି । ଖିଆପିଆ ଚାଲେ । ଘରେ ତ ରୋଷେଇ ବନ୍ଦ, ପଣ୍ଡିତିଆଣୀଙ୍କ କଥା ପଣ୍ଡିତଙ୍କ ମନରେ ପଶେ । ତେଣୁ ପଣ୍ଡିତେ ବଡ଼ ପାଟି କରି କହନ୍ତି, "ଆରେ କଳାକର ! ଦେଖ୍ ଆଜି ମାଛ ଝୋଳଟି କେଡ଼େ ସୁଆଦିଆ ହୋଇଛି । ତୋ ମା'କୁ କେତେ ମସଲାମସଲି ଦିଏ । ହେଲେ ସେ କେବେ ମୋତେ ଏମିତି ସୁଆଦିଆ ରନ୍ଧା ଖୁଆଇଛି ? ଆଜି ଏଥିରୁ ଟିକେ ନେଇ ତୋ ମା'କୁ ଚଖେଇବୁ ତ ? ସିଏ ଚାଖିକି ଜାଣୁ, ମାଛଝୋଳ କେମିତି ରନ୍ଧାଯାଏ !!"

ମାଛଝୋଳର ପ୍ରଶଂସା ଶୁଣି ଯଜମାନର ମନ କୁଣ୍ଢେ ମୋଟ ହୋଇଯାଏ । ତେଣୁ ସେ ପଚାରେ, "ପଣ୍ଡିତେ, ରସା ଆଉ ଅନ୍ୟ ସବୁ କେମିତି ହୋଇଛି ?" ପଣ୍ଡିତେ ବାଧ୍ୟହୋଇ କହନ୍ତି, "ସେ ସବୁ ବି ଭଲ ହୋଇଛି । ଆରେ, କଳାକର, ସବୁଥିରୁ ଟିକେ ଟିକେ ନେଇ ତୋ ମା'କୁ ନେଇ ଆଜି ଚଖା !" ଏହାପରେ ଯଜମାନ ସବୁ ଦରବରୁ କଳାକରକୁ ଗୋଟିଏ ବଡ଼ ପାରୁଶ ବାନ୍ଧିବାକୁ ଦିଅନ୍ତି, ଯାହା ତିନି ଚାରିଜଣଙ୍କର ଗୋଟିଏ ବକତର ଖୋରାକି ହେବ ।

ପଣ୍ଡିତେ ଖାଇସାରି ହାକୁଟି ମାରନ୍ତି । ଦାନ୍ତ ଖୁଣ୍ଟନ୍ତି । କିଛି ସମୟ ବି ଦମ୍ ନିଅନ୍ତି । ପଣ୍ଡିତଙ୍କ ବସିବା ଦେଖି ଅନ୍ୟମାନେ ବି ତାଙ୍କ ପାଖାପାଖି ବସିଯାଆନ୍ତି । ଭୋଜି ବିଷୟରେ ଆଲୋଚନା ହୁଏ । ଲୋକମାନେ ପଣ୍ଡିତଙ୍କ ମତାମତ ବି ଲୋଡ଼ନ୍ତି । ପଣ୍ଡିତେ ଏବେ ନିଜର ଅଭ୍ୟାସ ମୁତାବକ, ଭୋଜିର କେତୋଟି ଦୋଷ ଦେଖାନ୍ତି ।

ଥରେ ସମସ୍ତେ ମିଶି ଗୋଟାଏ ଉପାୟ କଲେ । ରନ୍ଧାରେ ଖରାପ ହୋଇଯାଇଥିବା ଜିନିଷକୁ ଅଲଗା ରଖି, କେବଳ ସବୁ ଭଲ ଭଲ ରନ୍ଧାଜିନିଷ ପଣ୍ଡିତଙ୍କୁ ଖାଇବାକୁ ଦେଲେ । ଖାଇସାରିବା ପରେ ପଣ୍ଡିତଙ୍କୁ କହିଲେ, "ଆଜି ତ ସବୁ ଜିନିଷ ଭଲ ହୋଇଛି । ତେବେ ଆପଣଙ୍କ ମତ ଟିକିଏ ଶୁଣାନ୍ତୁ ।"

ପଣ୍ଡିତଙ୍କର ତ ଅଭ୍ୟାସ, ସେ ଯେମିତି ହେଲେ ଗୋଟାଏ କି ଦୁଇଟା ଦୋଷ ଦେଖେଇବେ । ପଣ୍ଡିତେ ତ କେବଳ ସବୁ ଭଲ ଜିନିଷ ଖାଇଥିଲେ । ତେଣୁ ଟିକିଏ ରହି ଗମ୍ଭୀର ସ୍ୱରରେ କହିଲେ, "ଏତେଟା ଭଲ ହେବା ଉଚିତ ନୁହେଁ।" ଏଭଳି ମନ୍ତବ୍ୟ ଶୁଣି ସମସ୍ତେ ତାଙ୍କୁ ନିନ୍ଦା କଲେ ।

ଆଜିକାଲି ଏ ଦୁନିଆଁରେ ଦଳେ ଏପରି ଲୋକ ଅଛନ୍ତି – ଯେତେ ଯାହା ଭଲ କଲେ ବି ସେମାନେ ପଣ୍ଡିତଙ୍କ ପରି କିଛି ନା କିଛି ଦୋଷ ଦେବେ । ଅଥଚ ସେ ନିଜେ କାହାକୁ କେବେ ବକତେ ବି ଖୁଆଇ ନଥିବେ ।

***

**ସନାତନ ବେହୁରା,** ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ଶିକ୍ଷକ । ଉତ୍କୃଷ୍ଟ ଶିକ୍ଷକତା ପାଇଁ ୧୯୯୦ ମସିହାରେ ରାଜ୍ୟପାଳ ପୁରସ୍କାର ଲାଭ କରିଥିଲେ । ସେ ଶିକ୍ଷକତା କରୁଥିବା ସମୟରେ ବିଭିନ୍ନ ସମାଜ ସେବାରେ ସମ୍ପୃକ୍ତ ଥିଲେ । ଏହା ସହିତ ଶିଶୁ ସାହିତ୍ୟରେ ଦକ୍ଷତା ଅର୍ଜନ କରିଛନ୍ତି । ଓଡ଼ିଶାର ସମସ୍ତ ଦୈନିକ ସମ୍ବାଦପତ୍ର ତଥା ଏକାଧିକ ଶିଶୁ ପତ୍ରିକାରେ ତାଙ୍କର ଶିଶୁଗଳ୍ପ ଓ କବିତା ପ୍ରକାଶିତ ହୋଇଛି । ସେ ପ୍ରାୟ ୩୫ଟି ପୁସ୍ତିକା ପ୍ରକାଶ କରିଛନ୍ତି । ତାଙ୍କର ଏକାଧିକ ପାଣ୍ଡୁଲିପି ଏବେ ପ୍ରକାଶ ଅପେକ୍ଷାରେ ରହିଛି । ବର୍ତ୍ତମାନ ସେ ପଟାମୁଣ୍ଡାଇରେ ଅବସ୍ଥାନ କରୁଛନ୍ତି । (ଶଂସିତ ଶିଶୁଗଳ୍ପଟି ରବିବାର ସମ୍ବାଦ ସାପ୍ତାହିକ ପତ୍ରିକାର ୨୬/୦୩/୧୯୮୯ସଂଖ୍ୟାରେ ପ୍ରକାଶିତ) ।

# ଯାହା ପାଇଁ ଯିଏ

SRUJAN
The Creativity Journal
Srujan ISSN 2976-9329

## ବିଜୟ କୁମାର ପରିଡ଼ା

ବିନୟ ବାବୁ ନିକଟରେ ସତୁରି ଟପିଲେ । ଅବସରକାଳରେ ବହୁ ନୂଆ ପୁରୁଣା କଥା ମନେପଡ଼େ । ଥରେ ଖବରକାଗଜରେ ପ୍ରକାଶିତ ଏକ ବିବାହଜନିତ ଖବର ତାଙ୍କ ନଜରରେ ପଡ଼ିଲା - ପ୍ରଥମ ସ୍ତ୍ରୀ ଜୀବିତ ଥାଉଥାଉ ପ୍ରେମିକାକୁ ଦ୍ୱିତୀୟ ବିବାହ କରିବାକୁ ଯାଉଥିବା ବର ବିବାହବେଦୀରୁ ଗିରଫ । ତା ଛଡ଼ା ବିବାହପର ବିଭ୍ରାଟ ସମ୍ପର୍କିତ ଖବର ଅନେକ ସମୟରେ ଆଖିରେ ଓ କାନରେ ପଡ଼େ । ବିବାହ ପରି ଜୀବନର ଏକ ମୁଖ୍ୟକର୍ମ ବିଭିନ୍ନ ଭାବେ ବାଟବଣା ହେଉଥିବା ଦେଖି ଚାଳିଶବର୍ଷର ସ୍ୱାଭାବିକ ବୈବାହିକ ଜୀବନ କଟାଇଥିବା ବିନୟବାବୁଙ୍କୁ ଅସ୍ୱସ୍ତିକର ଲାଗେ ।

ପ୍ରାୟ ଚାରିବର୍ଷ ତଳର ଗୋଟିଏ ବିବାହ କଥା ତାଙ୍କର ମନେ ପଡ଼ିଲା । ଜଣେ ସମ୍ପର୍କୀୟ ଭଣଜାର ବିବାହ ହେଲା । ଉଚ୍ଚଶିକ୍ଷାପ୍ରାପ୍ତ ଓ ସମସ୍ତରୀୟ ଉଚ୍ଚପଦରେ ଅଧିଷ୍ଠିତ ସମବୟସୀ ବର ଓ ବଧୂ ପରସ୍ପରକୁ ମନୋନୀତ କରିଥାନ୍ତି । କନ୍ୟା ଏକ ଭିନ୍ନ ପ୍ରଦେଶର । ଅତ୍ୟାଧୁନିକ ବ୍ୟବସ୍ଥାରେ ବିବାହପୂର୍ବ କାର୍ଯ୍ୟକ୍ରମ ଓ ବିବାହ ଅନୁଷ୍ଠିତ ହେଲା । ବନ୍ଧୁ ପରିଜନଙ୍କୁ ଆଧୁନିକ ଶୈଳୀରେ ଭୂରିଭୋଜନରେ ଆପ୍ୟାୟିତ କରିସାରି ବରର ପିତାମାତା ନବଦମ୍ପତିକୁ ପ୍ରମୋଦ ଭ୍ରମଣରେ ବିଦେଶ ପଠାଇଲେ । ଭ୍ରମଣରୁ ଫେରି ସେ ଦୁହେଁ ନିଜନିଜ କର୍ମସ୍ଥଳୀରେ ଯୋଗଦେଲେ । କିଛି ମାସ ପରେ ଦୁହିଁଙ୍କ ଭିତରେ କୌଣସି କାରଣରୁ ମତାନ୍ତର ଆରମ୍ଭ ହୋଇ ମନାନ୍ତର ଓ ଶେଷରେ ବିବାହବିଚ୍ଛେଦରେ ପରିଣତ ହେଲା । ମନକୁ ଦୋହଲାଇ ଦେବାଭଳି ଏ ଆଲୋଡ଼ନ ସାମାନ୍ୟ ଥମିବା ପରେ ବରର ବିବାହ ପୁଣିଥରେ ସ୍ୱନିର୍ବାଚିତ ଅନ୍ୟ ଏକ ସମସ୍କନ୍ଧ କନ୍ୟା ସହ ସମାହିତ ହେଲା । ଏଥର ଅବଶ୍ୟ ବିଶେଷ ଆଡ଼ମ୍ବର ନଥିଲା । ତେବେ ଏ ଦୁହିଁଙ୍କ ପାରିବାରିକ ଜୀବନ ବେଶ୍ ସୁରୁଖୁରୁରେ ଚାଲିଛି । ଏ ଭିତରେ ସନ୍ତାନଟିଏ କୋଳକୁ ଆସି ପରିବାରର ଖୁସିକୁ ଦ୍ୱିଗୁଣିତ କରିଛି ।

ଏସବୁ କଥା ଭାବିଲାବେଳକୁ ମନେ ପଡ଼ିଲା ମାଆଙ୍କ ଠାରୁ ଶୁଣିଥିବା ତାଙ୍କର ଜଣେ ନିଜ ଦାଦାଙ୍କ ବିବାହ କଥା । ପ୍ରାୟ ଅଶୀ ବର୍ଷ ତଳର ଘଟଣା । ତାଙ୍କ ଗାଁରୁ ପ୍ରାୟ ଛଅ ମାଇଲ ଦୂର ପଡ଼ୋଶୀ ପଶ୍ଚିମବଙ୍ଗର ଗୋଟିଏ ଗାଁର ଏକ ମଧ୍ୟବିତ୍ତ ପରିବାରର ବଡ଼ଝିଅର ବିବାହ ତାରିଖ ସ୍ଥିର ହୋଇସାରିଥାଏ । ବିବାହ ଦିନ ପହଞ୍ଚିଲା, ରାତିରେ ପାଣିଗ୍ରହଣ ଲଗ୍ନ । କନ୍ୟାଘରୁ ପ୍ରାୟ ଦଶ ମାଇଲ ଦୂର ପଶ୍ଚିମବଙ୍ଗର ଅନ୍ୟ ଏକ ଗାଁରେ ବରଘର । ସେଦିନ ସକାଳୁସକାଳୁ କନ୍ୟାମାମୁଙ୍କ ନେତୃତ୍ୱରେ ସାତଜଣିଆ ବରଧରା ଦଳ ବାହାରିଗଲା । ସେଥିରେ ସାମିଲ ଥିବା କନ୍ୟାର ସାନଭାଇ ବରକୁ ଯଥାବିଧି ନିମନ୍ତ୍ରଣ କରି ବର ଓ ବରଯାତ୍ରୀ ସହ ଫେରିବ । ଅନ୍ୟମାନେ ସସମ୍ମାନ ବରପକ୍ଷ ଦ୍ୱାରା

ଆପ୍ୟାୟିତ ହୋଇ ଯଥାଶୀଘ୍ର କନ୍ୟାଘରକୁ ଫେରିଆସି କୁଶଳ ବାର୍ତ୍ତା ଜଣାଇବେ ଏବଂ ବର ଓ ବରଯାତ୍ରୀଙ୍କ ସ୍ୱାଗତ ସମ୍ଭାଷଣ ନିମନ୍ତେ ପ୍ରସ୍ତୁତିରେ ଲାଗିପଡ଼ିବେ ।

ସେକାଳରେ ଏ ଦୁଇ ଗାଁ ଭିତରେ ପକ୍କା ରାସ୍ତାଘାଟ ବା ଯାନବାହାନର ବ୍ୟବସ୍ଥା ନଥିଲା । ପଦବ୍ରଜରେ ବରଧରା ଦଳ ବରଘରେ ପହଞ୍ଚିବା ବେଳକୁ ଦିପହର ଖାଇବାବେଳ ଗଡ଼ିଗଲାଣି, ସମସ୍ତେ ଭୋକିଲା । ବରଘରେ ପାଦଦେବା ମାତ୍ରେ ବରଧରାଙ୍କ ହାତପାଦ ଧୋଇବାର ଯେଉଁ ବ୍ୟବସ୍ଥା ହୋଇଥିଲା ସେଥିରେ କିଛି ବ୍ୟତିକ୍ରମ ଥିବା କନ୍ୟାମାମୁଙ୍କ ନଜରରେ ପଡ଼ିଲା, ତେବେ ସେ ଚୁପ୍ ରହିଲେ । ଏ କଥା ବରପକ୍ଷ ଜାଣିପାରିଲେ ନାହିଁ । ସେମାନେ ବରଧରାଙ୍କୁ ପାଣିପଣା ଦେଇ ସଙ୍ଗେସଙ୍ଗେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କଲେ । ତେଣେ ବର-ନିମନ୍ତ୍ରଣ ପର୍ବ ମଧ୍ୟ ସରିଲା । ଘର ବାରଣ୍ଡାରେ ବରଧରାଙ୍କ ପାଇଁ ସ୍ୱତନ୍ତ୍ର ଆସନ ପଡ଼ିଲା ଓ ଭୋଜନ ପାଇଁ ବସିବାକୁ ଅନୁରୋଧ କରାଗଲା । ବରଧରାଙ୍କ ତରଫରୁ କନ୍ୟାମାମୁ ସୌଜନ୍ୟମୂଳକ ଭାବେ 'ଏବେ ତ ପହଞ୍ଚିଲୁ, ଆଉ ଟିକିଏ ପରେ ବସିବା' କହୁକହୁ ସେଇ ଗାଁର କିଛି ନିମନ୍ତ୍ରିତ ଭଦ୍ରଲୋକ ପହଞ୍ଚିଯାଇ ବରଧରାଙ୍କ ପାଇଁ ଉଦ୍ଦିଷ୍ଟ ଆସନରେ ବସିଗଲେ, ସେମାନେ ମଧ୍ୟ ଭୋକିଲା । ବରପକ୍ଷ ଅଡୁଆରେ ପଡ଼ିଲେ, ଖାଇବା ଆସନରୁ କାହାରିକୁ ଉଠାଇଦେବା ଅତ୍ୟନ୍ତ ଖରାପ କଥା । ଏଣୁ ବରପିତା ବରଧରାଙ୍କୁ ସାମାନ୍ୟ ଅପେକ୍ଷା କରିବାକୁ ହାତଯୋଡ଼ି ଅନୁରୋଧ କଲେ । ମାତ୍ର କନ୍ୟାମାମୁଙ୍କୁ ଏ ଦ୍ୱିତୀୟ ବ୍ୟତିକ୍ରମ ଗ୍ରହଣୀୟ ହେଲାନାହିଁ । ତାଙ୍କ ନିରବ ନିର୍ଦ୍ଦେଶରେ ବରଧରା ଦଳ ଖାଇବାକୁ ଅପେକ୍ଷା ନକରି ସଙ୍ଗେସଙ୍ଗେ ବରଘରୁ ବାହାରି ଆସିଲେ । ବରପକ୍ଷର କୌଣସି କଥା, କାକୁତି ମିନତି ଶୁଣିଲେ ନାହିଁ । ସେକାଳରେ ଝିଅବିବାହରେ କନ୍ୟାମାମୁଙ୍କ ହାତରେ ଥାଏ ଅଖଣ୍ଡ କ୍ଷମତା । କନ୍ୟାମାମୁଙ୍କ ବିଚାରରେ ବରପକ୍ଷର 'ପାନରୁ ଚୂନ ଖସିଲେ' ଭାଣିଜୀ ବିବାହ ସେ ବନ୍ଦ କରି ଦେଇ ପାରୁଥିଲେ । ରାସ୍ତାକଡ଼ ଦୋକାନରୁ ଏଣୁତେଣୁ କିଛି ଖିଆପିଆ କରି କୌଣସି ପ୍ରକାରେ ଭୋକକୁ ଚାପିଚୁପି ସମସ୍ତେ ଘରମୁହାଁ ହେଲେ । ସର୍ବାଗ୍ରେ କନ୍ୟାମାମୁ ଲମ୍ବାଲମ୍ବା ପାହୁଣ୍ଡ ପକାଇ କନ୍ୟାଘରେ ପହଞ୍ଚି ନିଜ ଭିଣୋଇ ବା କନ୍ୟାପିତାଙ୍କୁ ବିବାହ ବାତିଲ କରିଦେବାକୁ କହିଲେ । କନ୍ୟାମାମୁଙ୍କ କଥା ଅକାଟ୍ୟ । ବରପିତାଙ୍କୁ ପାନେ ଦେବାକୁ କନ୍ୟାପିତା ଅପେକ୍ଷା କଲେ ।

ସନ୍ଧ୍ୟା ଯାଇ ରାତି ପହରେ ଗଡ଼ିଲା । ବର ଓ ବରଯାତ୍ରୀ ଦଳ ସହ ବରପିତା ଆସି କନ୍ୟାଘର ଦାଣ୍ଡରେ ପହଞ୍ଚିଲେ । ସେଦିନ ଖରାବେଳର ଅଭାବନୀୟ ଘଟଣାରେ ବରପିତା ଭୀଷଣ ବିବ୍ରତ ହେଲେ ମଧ୍ୟ ଅନ୍ୟ ଉପାୟ ନ ପାଇ 'ଯାହାହେବ ଦେଖାଯିବ' ନୀତିରେ ଏକ ଛୋଟ ବରଯାତ୍ରୀ ଦଳ ସହ ଘରୁ ବାହାରି ଆସିଥିଲେ । ମାତ୍ର କନ୍ୟାପକ୍ଷରୁ କାହାରି ଦେଖା ନାହିଁ ବା ଆଲୋକ, କୋଳାହଳ କିଛି ନାହିଁ । କନ୍ୟାଘର ଫାଟକ ବନ୍ଦ କରି କାନ୍ଧରେ ଠେଙ୍ଗା ପକାଇ ଜଗିଛନ୍ତି ଖୋଦ୍ କନ୍ୟାପିତା । ପାଟିକରି ବରପିତାଙ୍କୁ କହିଲେ - ତୁମ ଘରେ ଝିଅ ଦେବି ନାହିଁ, ଭଲରେ ଭଲରେ ଫେରିଯାଅ, ନଚେତ୍ ଏଇ ଠେଙ୍ଗାରେ ମୁଣ୍ଡ ଫଟାଇଦେବି । କାକୁସ୍ଥ ବରପିତାଙ୍କ କୌଣସି ଅନୁନୟ ବିନୟ, କ୍ଷମାପ୍ରାର୍ଥନା

କାମ କଲାନାହିଁ । ଅଗତ୍ୟା ନିଜ ବରଯାତ୍ରୀ ଦଳର ମୁରବିମାନଙ୍କ ପରାମର୍ଶ ଅନୁସାରେ ଦଳବଳ ସହ ସେ ପଛଘୁଞ୍ଚା ଦେଲେ ।

ତେଣେ ମଙ୍ଗୁଳାକନ୍ୟାକୁ ନେଇ କନ୍ୟାଘରେ ସମସ୍ତେ ଭୀଷଣ ଚିନ୍ତାରେ, ଯେମିତି ହେଲେ ତା'ର ହାତଗଣ୍ଠି ପକାଇବାକୁ ହେବ, ଡେରିହେଲେ ପରିବାର ପାଇଁ ଅମଙ୍ଗଳ । ମାତ୍ର ବର କାହିଁ? ଦୈବାତ୍ କେହି ଜଣେ ମୁରବି ଶ୍ରେଣୀର ଲୋକ ନିକଟବର୍ତ୍ତୀ ଓଡ଼ିଶାର ଗୋଟିଏ ଗାଁର ଏକ ଜଣାଶୁଣା ପରିବାରର ଅବିବାହିତ ପୁଅଙ୍କ କଥା କହିଲେ । ଆଖପାଖ ଖଣ୍ଡେ ଅଞ୍ଚଳର ସ୍ୱଜାତିଙ୍କ ଖବର ରଖୁଥିବା କନ୍ୟାମାମୁ ସେ କଥା ଶୁଣିଥିବା କଥା ମନେ ପକାଇଲେ ଏବଂ ସଙ୍ଗେସଙ୍ଗେ କନ୍ୟାପିତାଙ୍କ ସମ୍ମତି ନେଇ ଅନ୍ୟ ଦୁଇଜଣ ମୁରବିଙ୍କୁ ସାଥିରେ ଧରି ସେଠାକୁ ବାହାରି ପଡ଼ିଲେ । ଲକ୍ଷ୍ୟସ୍ଥଳୀରେ ପହଞ୍ଚିବା ବେଳକୁ ଭୋର୍ ହୋଇ ଆସିଲାଣି ।

ଘରେ ସେମାନେ ପାଞ୍ଚ ଭାଇ । ଉପର ତିନିଭାଇଙ୍କ ବିବାହ ସରିଥାଏ, ବାକି ଥାଆନ୍ତି ଚତୁର୍ଥ ଓ ପଞ୍ଚମ । ବଡ଼ ଘର, ଜମିବାଡ଼ି ଅନେକ । ସେମାନଙ୍କ ବାପା ମା କେବେଠୁ ପରଲୋକରେ । ବୟୋଜ୍ୟେଷ୍ଠ ମୁରବି କେହି ନଥାନ୍ତି । କନ୍ୟାମାମୁଙ୍କ ଡାକରେ ବଡ଼ ପୁଅବହୂ ଉଠିଲେ । ଚୁମ୍ବକରେ ତାଙ୍କ କଥା ଶୁଣି ବଡ଼ ବହୂ ତାଙ୍କ ଦୁଇ ଯାଆ ଓ ଦିଅରଙ୍କୁ ନିଦରୁ ଉଠାଇଲେ । ବିଚାର ବିମର୍ଶ ଚାଲିଲା । ହିସାବ କରି ଦେଖିଲେ କନ୍ୟାର ବୟସ ଚତୁର୍ଥ ଭାଇର ବୟସଠୁ ପାଞ୍ଚବର୍ଷ କମ୍ । ଏ ପ୍ରକାର ବା ଏହାଠୁ ଅଧିକ ବୟସ ବ୍ୟବଧାନ ସେକାଳରେ ଗ୍ରହଣୀୟ ଥିଲା । ସେତେବେଳେ ବିବାହ ପାଇଁ ପଢ଼ାପଢ଼ିର ଗୁରୁତ୍ୱ ନଥିଲା କି ବର ବା କନ୍ୟାର ସମ୍ମତିର ଆବଶ୍ୟକତା ନଥିଲା । ମାତ୍ର ପାତ୍ରୀଟିଏ ଯୋଗାଡ଼ କରିବା ବିଶେଷ ସହଜ ନଥିଲା । ଚତୁର୍ଥ ଭାଇ ପାଇଁ ବହୁ ଖୋଜାଖୋଜି ପରେ ମଧ୍ୟ ଭଲ ପାତ୍ରୀଟିଏ ମିଳିନଥାଏ । କନ୍ୟାବାପାଙ୍କ ବୁନିୟାଦି ବିଷୟରେ ବଡ଼ଭାଇ ମଧ୍ୟ ତାଙ୍କ ବନ୍ଧୁବାନ୍ଧବଙ୍କ ଜରିଆରେ ପୂର୍ବରୁ ଅବଗତ ଥିଲେ । ଏଣୁ ଅଯାଚିତ ଭାବେ ଘରେ ପହଞ୍ଚିଥିବା ପ୍ରସ୍ତାବଟିକୁ ହାତଛଡ଼ା ନକରି ମଙ୍ଗୁଳାକନ୍ୟା ସହ ଏକ ପ୍ରକାର ଧରାବର ଭାବେ ଚତୁର୍ଥ ଭାଇର ବିବାହ ପାଇଁ ସମସ୍ତେ ରାଜି ହୋଇଗଲେ । ଭାଉଜମାନେ ସେ ପର୍ଯ୍ୟନ୍ତ ଶୋଇ ଘୁଙ୍ଗୁଡ଼ି ମାରୁଥିବା ଭାବୀ ବରକୁ ଉଠାଇ ଚଟାପଟ ଗାଧୁଆପାଧୁଆ କରାଇ ଧୋତିଜାମା ପିନ୍ଧାଇ କନ୍ୟାମାମୁଙ୍କ ସାଥିରେ ପଠାଇଦେଲେ । ଗୁରୁଜନଙ୍କ ଇଚ୍ଛା ଶିରୋଧାର୍ଯ୍ୟ ନ୍ୟାୟରେ ଭାବୀବର ମଧ୍ୟ ବେଶି ଆପତ୍ତି କଲେ ନାହିଁ । ବର ବିନା ପଟୁଆରରେ ବିବାହ ପାଇଁ ବାହାରିଗଲେ । ପରେପରେ ଅନ୍ୟ ଭାଇମାନେ କନ୍ୟାଘର ଉଦ୍ଦେଶ୍ୟରେ ବାହାରିଲେ ।

ବରକୁ ଦେଖି ଓ ବରର ଘର ପରିବାର କଥା ଶୁଣି କନ୍ୟାପକ୍ଷ ଭୀଷଣ ଖୁସି । କାଳବିଳମ୍ବ ନକରି ପୂର୍ବ ବର ପାଇଁ ସଜା ହୋଇ ରହିଥିବା ବେଦୀରେ ବସାଇ ଯଥାରୀତି ବିବାହ ସାରିଦେଲେ । କନ୍ୟାପିତା, ପରିବାର, ବନ୍ଧୁବାନ୍ଧବ, ଗାଁଲୋକେ ନୂତନ ଉତ୍ସାହରେ ବଡ଼ ଧରଣର ଭୋଜିଭାତର ଆୟୋଜନରେ ଲାଗି ପଡ଼ିଲେ । ବିବାହ ପରେ ସସମ୍ମାନ ବରକନ୍ୟାଙ୍କୁ ନେଇ ବରଘରେ ପହଞ୍ଚାଇ ଦିଆଗଲା । ଅସମୟରେ ନିଜ ପରିବାରର ସମ୍ମାନ ରଖିଥିବାରୁ କନ୍ୟାପିତା ବରର ଭାଇମାନଙ୍କୁ

କୃତଜ୍ଞତା ଜଣାଇବାକୁ ଭୁଲିଲେ ନାହିଁ । ଘରର ନୂଆବୋହୂକୁ ଦେଖି ବରଘରେ ଓ ଗାଁରେ ସମସ୍ତେ ଖୁସି ହୋଇଗଲେ ।

ଅଳ୍ପ କିଛିବର୍ଷ ପରେ ତୃତୀୟ ଭାଇର ପୁଅ ଭାବେ ବିନୟ ବାବୁଙ୍କ ଜନ୍ମ ହେଲା ଏବଂ ସିଏ ହେଲେ ସେଇ ଖୁଡ଼ିଙ୍କ ପ୍ରିୟ ପୁତୁରା । ଦାଦା ଓ ଖୁଡ଼ି ନିଜ ପିଲାପିଲିଙ୍କ ସହ ଖୁସିରେ ଘରସଂସାର କରି ପରିଣତ ବୟସରେ ଆଖି ବୁଜିଲେ । ଖୁଡ଼ିଙ୍କ ସ୍ନେହ ଆଦର ଏବେ ମଧ୍ୟ ବିନୟ ବାବୁ ଭୁଲି ନାହାନ୍ତି । ପିଲାଦିନେ ତାଙ୍କ ସାଥିରେ ତାଙ୍କ ବାପଘରକୁ ଯାଇ ସେଠାରୁ ଶଗଡ଼ରେ ବସି ବିଭିନ୍ନ ମେଳା ବୁଲିଯିବା କଥା ଏବେବି ତାଙ୍କର ମନେ ପଡ଼େ । ଆଉ ଗୋଟିଏ କଥା ତାଙ୍କୁ ଆହ୍ଲାଦିତ କରେ । ଏଇ ଖୁଡ଼ି ଆସିବା ପୂର୍ବରୁ ପଶ୍ଚିମବଙ୍ଗର ଅନ୍ୟ ଏକ ଗାଁର ଜଣେ କନ୍ୟା ତାଙ୍କ ଦ୍ୱିତୀୟ ବଡ଼ବାପାଙ୍କ ସ୍ତ୍ରୀ ଭାବେ ଘରକୁ ଆସି ସାରିଥିଲେ । ସେଇଭଳି ଅଳ୍ପ ଦିନ ପରେ ପଞ୍ଚମ ଭାଇ ମଧ୍ୟ ପଶ୍ଚିମବଙ୍ଗରୁ ବିବାହ କଲେ । ଘରେ ଦେଠେଇ ଓ ଖୁଡ଼ି ରୂପେ ତିନି ବଙ୍ଗକନ୍ୟାଙ୍କ ସହଯୋଗରେ ବିନୟ ବାବୁ ପିଲାଦିନୁ ସହଜରେ ବଙ୍ଗଳା ପଢ଼ିବା ଶିଖି ପକାଇଲେ । ବଙ୍ଗଳା ଲେଖି ନ ଜାଣିଥିଲେ ବି ବଙ୍ଗଳା ବହିପତ୍ର ପଢ଼ିବାକୁ ସେ ଏବେ ମଧ୍ୟ ଭଲ ପାଆନ୍ତି ।

ବିନୟ ବାବୁ ମାଆଙ୍କଠୁ ଆହୁରି ଶୁଣିଥିଲେ ଯେ ସେଦିନର ସେ ହତାଶ ବର କନ୍ୟାଘର ଫାଟକ ପାଖରୁ ଘରକୁ ଫେରିବା ରାସ୍ତାରେ ଅନ୍ୟ ଏକ ଗାଁର ଜଣେ କନ୍ୟା ସହ ବିବାହ ବନ୍ଧନରେ ଆବଦ୍ଧ ହେବାର ସୁଯୋଗ ପାଇଲେ ଏବଂ ସେ ଗାଁଟି ଥିଲା ଖୁଡ଼ିଙ୍କ ସମ୍ପର୍କୀୟ ମାମୁଘର ଗାଁ । ତାଙ୍କ ଦାଦାଖୁଡ଼ିଙ୍କ ପରି ସେ ଦମ୍ପତି ମଧ୍ୟ ସୁଖର ସଂସାର ଗଢ଼ିଥିବେ ବୋଲି ବିନୟ ବାବୁ ଆଶା କରନ୍ତି ।

ଅଦୃଷ୍ଟର ଏ ପ୍ରକାର ଅପ୍ରତ୍ୟାଶିତ କାରବାର ଆମ ସମସ୍ତଙ୍କୁ ଊଣା ଅଧିକେ ପ୍ରଭାବିତ କରେ - ଇଚ୍ଛାଅନିଚ୍ଛା, ଭଲମନ୍ଦର ବିଚାର ଆମ ହାତରେ ନଥାଏ । ବିନୟ ବାବୁଙ୍କ ମନେ ପଡ଼ିଲା ଓଡ଼ିଆ ସାହିତ୍ୟର ସେଇ ପ୍ରସିଦ୍ଧ ପଦ :

ଦଇବ ଦଉଡ଼ି, ମଣିଷ ଗାଈ,
ଯେଣିକି ଟାଣଇ ତେଣିକି ଯାଇ ।

***

**ଡ. ବିଜୟ କୁମାର ପରିଡ଼ା,** ବାଲେଶ୍ୱର ଫକୀର ମୋହନ କଲେଜରୁ ବି.ଏସ୍‌ସି., ଖଡ଼ଗପୁର ଆଇଆଇଟିରୁ ଏମ୍.ଏସ୍‌ସି ଓ ଭୁବନେଶ୍ୱର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସରୁ ପିଏଚ୍.ଡି. । ରିଜିଓନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ, ଭୁବନେଶ୍ୱର (ଏନ୍‌ସିଇଆରଟି)ରୁ ପଦାର୍ଥ ବିଜ୍ଞାନ ପ୍ରଫେସର ଭାବେ ଅବସରପ୍ରାପ୍ତ । ବିଜ୍ଞାନ ଲେଖା ଓ ଅନୁବାଦ ପ୍ରତି ଆଗ୍ରହୀ । ଅନୁବାଦ ତାଲିକାରେ ନାସା (NASA, USA) ପ୍ରକାଶିତ ଏକ ପୁସ୍ତକ ଓ ଜୁଲ୍ ଭର୍ନଙ୍କ ଏକ ଉପନ୍ୟାସ ଅନ୍ତର୍ଭୁକ୍ତ । ଭୁବନେଶ୍ୱରରେ ରହନ୍ତି ।

# ରକ୍ତ ସମ୍ପର୍କ

SRUJAN
The Creativity Journal
Srujan ISSN 2976-9329

## ନାରାୟଣ ଚନ୍ଦ୍ର ଶତପଥୀ

ଜେଜେମା' ଶୋଉଥିଲେ । ଆଖି ବୁଜି ହୋଇଯାଉଥିଲା । କିନ୍ତୁ ସେ ଆଖି ବୁଜିବାକୁ ଚାହୁଁ ନଥିଲେ । ନିସ୍ତେଜ ଆଖି ଦୁଇଟାରେ ଏପଟ ସେପଟ ଚାହୁଁଥିଲେ । ଜେଜେମା' ପ୍ରକୃତରେ ନିଦରେ ଶୋଇନଥିଲେ । କିନ୍ତୁ ତାଙ୍କର ଉଠିବାର ଶକ୍ତି ନଥିଲା । ସେ ରୋଗଗ୍ରସ୍ତା ଥିଲେ । ଦୀର୍ଘ ୧୫ ଦିନ ହେଲା ସେ ଉଠିନାହାନ୍ତି । ସେଇ ବିଛଣାରେ ତାଙ୍କର ନିତ୍ୟକର୍ମ କରୁଥିଲେ । ଆଉ ତାଙ୍କର ସେବା ସବୁ ତାଙ୍କ ଦୁଇ ନାତି କରୁଥିଲେ । ତିନି ଦିନ ତଳୁ ବଡ଼ ନାତୁଣୀ ତା' ଶାଶୁ ଘରୁ ଆସି ସେମାନଙ୍କୁ ସାହାଯ୍ୟ କରୁଥିଲେ । ବିଶେଷତଃ ରୋଷେଇ ବାସ କରି ଖାଇବା ପିଇବା କାମ ତ ସମ୍ଭାଳି ନେଉଥିଲେ । କିନ୍ତୁ ଜେଜେମା' ଦୁଇ ଦିନ ହେଲା ଖାଇବା ଛାଡ଼ି ଦେଇଥିଲେ । କେତେ କଷ୍ଟେମଷ୍ଟେ ବାଲି-ସାଗୁ ଫୁଟାଇ ତାଙ୍କୁ ଖାଇବାକୁ ଦିଆଯାଉଥିଲା । ତିନି ଭାଇଭଉଣୀ ଜେଜେମା' ପାଖରେ ପାଳିକରି ଜଗି ବସୁଥିଲେ । ଜେଜେମା' ତାଙ୍କର ଭରସା ଥିଲେ । ଦୁଇ ନାତିଙ୍କୁ ଚଳାଇ ଆସୁଥିଲେ । ତାଙ୍କର ଆଉ କେହି ନଥିଲେ । ବଡ଼ ନାତୁଣୀ ୧୭-୧୮ ବର୍ଷର, ସାନ ନାତୁଣୀ ୧୪-୧୫ ବର୍ଷର, ବଡ଼ ନାତି ୧୫-୧୬ ବର୍ଷର ଆଉ ସାନ ନାତି ୧୦-୧୧ ବର୍ଷର । ସେମାନଙ୍କର ପରିବାର ବୋଇଲେ ଏୟା । ଯାହା ହେଉ ବଡ଼ ନାତୁଣୀକୁ ତା' ବଡ଼ ବାପା-ମା' ବାହା କରିଦେଇଥିଲେ । ଜେଜେମା' ସାନ ନାତୁଣୀର ବାହାଘର କାମ ସାରି ଦେଇଥିଲେ । ବାକି ରହିଲେ ଦୁଇ ନାତି । ସେମାନେ କୁଆଡ଼େ ଯିବେ? କାହା ପାଖରେ ରହିବେ? ସଂସାରରେ ଆଉ କିଏ ତାଙ୍କୁ ସମ୍ଭାଳି ରଖିଥାନ୍ତା? ସେଇ ଜେଜେମା' ହିଁ ସେମାନଙ୍କର ସାହା ଭରସା ଥିଲେ । ସେମାନଙ୍କର ବାପା-ମା' ସେମାନଙ୍କୁ ଛାଡ଼ି ଅଫେରା ରାଇଜକୁ ଚାଲିଯାଇଥିଲେ । ସାନ ନାତିକୁ ୪ ବର୍ଷ, ବଡ଼ ନାତିକୁ ୯ ବର୍ଷ, ସାନ ନାତୁଣୀ ୮ ବର୍ଷ, ବଡ଼ ନାତୁଣୀକୁ ୧୧-୧୨ ବର୍ଷ ।

ଦୁଇ ନାତୁଣୀଙ୍କ ବାପା-ମା' ଆଗରୁ ଚାଲିଯାଇଥିଲେ । ବଡ଼ବାପା ଆଉ ବଡ଼ ମା' ସେମାନଙ୍କର ଯତ୍ନ ନେଉଥିଲେ । ନାତି ଦୁଇ ଜଣଙ୍କର ବାପା-ମା' ହିଁ ସେମାନଙ୍କର ଦାୟିତ୍ୱ ନେଇଥିଲେ । କିନ୍ତୁ ବଡ଼ବାପା ବଡ଼ମା' ବି ଅଫେରା ରାଇଜକୁ ଚାଲିଗଲେ ଜଣଙ୍କ ପରେ ଜଣେ । ମା' ଗଲା ବେଳକୁ ତ ସାନ ନାତିକୁ ୪ ବର୍ଷ ହୋଇଥିଲା । ବାପା ଗଲା ବେଳକୁ ମା' ଯିବାର ମାତ୍ର ୬ ମାସ ବିତି ଯାଇଥିଲା । ତା'ପରେ ପରିବାର ଜେଜେମା'ଙ୍କ ଉପରେ ନିର୍ଭରଶୀଳ ହୋଇଗଲେ । ଚାରି-ଚାରିଟା ଛୁଆ ଆଉ ଜଣେ ବୁଢୀ ଜେଜେମା' ଯେ କି ତାଙ୍କ ବାପାଙ୍କର ପିଉସୀ, ବିଧବା । ଶାଶୁଘର ଛାଡ଼ି ଏଠାରେ ରହୁଥିଲେ । ଦୁଇ ପୁତୁରା, ଦୁଇ ପୁତୁରାବୋହୂଙ୍କର ଅକାଳ ମରଣରେ ଭାଙ୍ଗି ପଡ଼ିଥିଲେ । କିନ୍ତୁ କ'ଣ କରିବେ? ନିଜକୁ ସମ୍ଭାଳିବାକୁ ହେବ ଏ ଚାରି ଛୁଆଙ୍କ ପାଇଁ । ସେ ନିଜକୁ ସମ୍ଭାଳି ନେଲେ । ଏମାନଙ୍କର ଦାୟିତ୍ୱ ହାତକୁ ନେଲେ ।

ଆଃ । ଜେଜେମା' ଯନ୍ତ୍ରଣାରେ କୁନ୍ଥେଇଲେ । ତାଙ୍କୁ ଘେରି ବଡ଼ ନାତୁଣୀ, ବଡ଼ ନାତି, ସାନ ନାତି ବସିଥିଲେ । ସାନ ନାତି ଜେଜେମା'ର ମୁଣ୍ଡ ସାଉଁଳୁ ଥିଲା, ବଡ଼ ନାତି ହାତକୁ ଆଉ ବଡ଼ ନାତୁଣୀ ଗୋଡ଼ ସାଉଁଳୁ ଥିଲା । ବେଳେ ବେଳେ ଜେଜେମା' ଦାନ୍ତପାଟି ବୁଜି ଯନ୍ତ୍ରଣା ସହିବାକୁ ଚେଷ୍ଟା କରୁଥିଲେ । ପାଖରେ ଡାକ୍ତରଖାନା ନଥିଲା । ବଡ଼ ଡାକ୍ତରଖାନା କଟକରେ । ଯିବେ କେମିତି? ଅନେକ ବାଟ । ରେଳ ବ୍ୟତୀତ ଅନ୍ୟ କିଛି ଯାନବାହନ ନଥିଲା । ଷ୍ଟେସନକୁ ଯିବାକୁ ହେଲେ ଶଗଡ଼, କିନ୍ତୁ ଶଗଡ଼ରେ ଜେଜେମା' ଯାଇ ପାରିବେ ନାହିଁ । ତା'ପରେ ୟାଙ୍କ ପାଖରେ ସମ୍ବଳ ବା କାହିଁ? ସେତେବେଳର ଏ କଥା ଯେତେବେଳେ କି କାଁ ଭାଁ ବସ୍ ବା ରେଳ ବ୍ୟତୀତ ଅନ୍ୟ କୌଣସି ଯାନବାହନ ନଥିଲା । ଥିଲା ତ ଶଗଡ଼ ଗାଡ଼ି ।

ଜେଜେମା' ଦୁଇ ପୁତୁରା ଓ ପୁତୁରାବୋହୂଙ୍କ ଅକାଳ ମୃତ୍ୟୁ ନିଜ ଆଖିରେ ଦେଖିଥିଲେ ଆଉ ଏଇ ଛୋଟ ପିଲାଗୁଡ଼ାଙ୍କର ବିକଳ କାନ୍ଦ ବି ଦେଖିଥିଲେ । ସାନ କଥା ତ ଛାଡ଼ । ମା' ମରି ପଡ଼ିଥିଲେ ବି ସାନ ପିଲାଟା ଜାଣିନଥିଲା ତା' ମା'ର କ'ଣ ହୋଇଛି । କ୍ଷୀରଖିଆ ଛୁଆଟେ, ମଲା ମା' ପାଖକୁ ଭିଡ଼ି ଯାଉଥିଲା କ୍ଷୀର ଖାଇବା ପାଇଁ । ତାକୁ ଅଟକାଇବାରୁ କକର୍ଥନା କାନ୍ଦ କାନ୍ଦୁଥିଲା । ସେ କାନ୍ଦୁଥିଲା ଅନେକ ଦିନ ପର୍ଯ୍ୟନ୍ତ । ଖୋଜୁଥିଲା ତା' ମା'କୁ । କୁଆଡ଼େ ଗଲା ସେ? ଲୁହ ଢଳଢଳ ଆଖିରେ ପଚାରୁଥିଲା ୟାକୁ ତାକୁ । କ'ଣ କହିବେ ସେମାନେ? କି ଉତ୍ତର ଦେବେ ଏ କ୍ଷୀରଖିଆ ଛୁଆଟାକୁ । କେମିତି ତାକୁ ବୋଧ କରିବେ? ବରଂ ସେମାନଙ୍କ ଆଖି ଓଦା ହୋଇଯାଏ ଲୁହରେ କଅଁଳ ପିଲାଟିର ଏ ପ୍ରଶ୍ନରେ । ବଡ଼ନାତି ନଅ-ସାଢେ ନଅ ବର୍ଷର । ସେ କିଛି ବୁଝୁଥିଲା ପୁଣି ବୁଝୁ ନଥିଲା । ବାପା ମା'ଙ୍କ କ୍ରିୟାକର୍ମ ସେଇ ବଡ଼ନାତି ଛୋଟ ପିଲାଟି ହାତରେ କରେଇବାକୁ ପଡୁଥିଲା । ସେ ଲୁହ ଝରାଇ କାନ୍ଦୁଥିଲା ଓ କ୍ରିୟାକର୍ମ କରୁଥିଲା । ସାନ ନାତୁଣୀ ସାନ ଭାଇକୁ ଧରି ବେଳେ ବେଳେ କାନ୍ଦି ପକାଉଥିଲା । ତା'ର ବାପା ମା' ବି ଚାଲିଯାଇଥିଲେ ଆଗରୁ । ସେ ବି ସେତେବେଳେ ତା' ବାପା ମା'ଙ୍କୁ ଖୋଜି କାନ୍ଦୁଥିଲା । କିନ୍ତୁ ସେତେବେଳେ ତାକୁ ସମ୍ଭାଳିବା ପାଇଁ ତା' ବଡ଼ମା' ଥିଲା । ବଡ଼ବାପା ଥିଲା ଆଉ ତା ସହିତ ଜେଜେମା' । ବଡ଼ ନାତୁଣୀ ବି ନିଜ ବାପ-ମା'ଙ୍କ ଦୁନିଆ ଛାଡ଼ି ଯିବାପରେ ସେଇ ବଡ଼ମା' ବଡ଼ବାପାଙ୍କ ଅନାବିଳ ସ୍ନେହ ପାଖରେ ନିଜକୁ ସମର୍ପି ଦେଇ ବାପା-ମା'ର ମରଣକୁ ସମ୍ଭାଳି ନେଇଥିଲେ । କିନ୍ତୁ ଏବେ ? ନା ଅଛି ବଡ଼ମା' ଆଉ ନା ଅଛି ବଡ଼ବାପା । ଚାରି ଜଣ ଯାକ ଏବେ ବାପା-ମା' ଛେଉଣ୍ଡ । ସମ୍ଭାଳିବ କିଏ ? ସେଇ ବଂଶର ଆଉ ବଞ୍ଚିଥିବା ସାନମା' ଓ ସାନବାପା ସେମାନେ ଅଲଗା । ସେମାନେ ବି ସେତେବେଳେ ତାଙ୍କ ଛୁଆଙ୍କୁ ନେଇ ବ୍ୟସ୍ତ । ତଥାପି ସେମାନେ ଯଥାସାଧ୍ୟ ସାହାଯ୍ୟ କରୁଥିଲେ । ଜେଜେମା'ଙ୍କୁ ବାଧ୍ୟ ହୋଇ ଛୁଆ ଚାରିଟାକୁ ସମ୍ଭାଳିବାକୁ ନିଜକୁ ଟାଣ କରିବାକୁ ପଡ଼ିଲା । ସେତେବେଳେ ବାଲ୍ୟ ବିବାହ ଚାଲିଥିଲା । ବଡ଼ବାପା ବଡ଼ ନାତୁଣୀର ବାହାଘର କରାଇଦେଇଥିଲେ । ତଥାପି ତା' କଥା ବି ବୁଝିବାକୁ ପଡୁଥିଲା ।

ଜେଜେମା' ଚିତ୍ ହୋଇ ଶୋଇଥିଲେ । ଯନ୍ତ୍ରଣା ବଢ଼ି ଚାଲିଥିଲା । ଛୁଆ ତିନିଟା ବିକଳରେ ଜେଜେମା'କୁ ଆଉଁସୁ ଥିଲେ । ଏ ଅବସ୍ଥାରେ ବି ଜେଜେମା' ଆଖିରୁ ଲୁହଧାର ବୋହିଆସୁଥିଲା । ସାନ

ନାତି ତା' ଗାମୁଛାରେ ଜେଜେମା'ର ଲୁହ ପୋଛି ଦେଉଥିଲା । ଆଉ କ'ଣ ବା କରିପାରିବେ ସେମାନେ, ଅସହାୟ । ତିନି ଦିନ ହେଲା ଖାଇବା ପିଇବାର ଠିକଣା ନାହିଁ । ଜେଜେମା' ସେବାରେ ଲାଗିଛନ୍ତି ।

ପୁତୁରା, ପୁତୁରାବୋହୂଙ୍କର ମୃତ୍ୟୁ ପରେ ଏଡ଼େ ବଡ଼ ଖାନ୍‌ଦାନ୍ ଘରଟା ଭାଙ୍ଗିଗଲା । ହଳେ ବଳଦ, ଗାଈ ବାଛୁରୀ । କିଏ ବୁଝିବ ତାଙ୍କ କଥା ? ସେ ସବୁ ବିକ୍ରି ହୋଇଗଲା । ଚାଷ ସରଞ୍ଜାମ କିଛି ବିକ୍ରି ହେଲା କିଛି ପୁତୁରା (ସାନବାପା) ନେଲା ଜମି ତ ପଡ଼ିଆ ପଡ଼ିବନି । ପୁତୁରା ସେ ସବୁ ଭାଗରେ ନେଲା । ସେ ପୁଣି ସବୁ ସମ୍ଭାଳି ନପାରି ଅନ୍ୟ ଭାଗଚାଷୀଙ୍କୁ କିଛି କିଛି ଦେଇଦେଲା । ଜେଜେମା' କ'ଣ କରିପାରିଥାନ୍ତେ ? ବୁଢ଼ୀଲୋକ କେଉଁ ଆଡ଼କୁ ନଜର ଦେବେ ? ଛୁଆଙ୍କୁ ନା ଜମିବାଡ଼ିକୁ ! ତେଣୁ ଯେ ଯାହା ଦେଲା ସେଇଥିରେ ହିଁ ସେ ତିନିଟି ପିଲାଙ୍କୁ ଖୁଆଇ ପିଆଇ ବଢ଼େଇ ଆସୁଥିଲେ । କିନ୍ତୁ -

ସେଇ ଜମି ଅଛି, ସେଇ ଭାଗଚାଷ ମଧ୍ୟ ଅଛି । ସେତେବେଳେ ଜମିରୁ ଯାହା ଭାଗ ମିଳୁଥିଲା ଏଇ ତିନିଟା ଛୁଆ ଓ ସେ ନିଜେ ବର୍ଷକ ଖାଇବା ପାଇଁ ବି ଅଣ୍ଟୁ ନଥିଲା । ଧାନ, ବିରି, ମୁଗ ଇତ୍ୟାଦି ଯାହା ମିଳୁଥିଲା ସେଥିରୁ କିଛି କିଛି ବିକ୍ରି ହେଉଥିଲା ତେଲ, ଲୁଣ, ପନିପରିବା ଇତ୍ୟାଦି କିଣିବା ପାଇଁ, ତା' ସାଙ୍ଗକୁ ଛୁଆଙ୍କ ବହି-ଖାତା, ଡ୍ରେସ୍, ନିଜର ଶାଢ଼ୀ ଆଉ ଆହୁରି ଅନେକ ଚଳଣି ଜିନିଷ । ପର୍ବପର୍ବାଣିର ଖର୍ଚ୍ଚ ଇତ୍ୟାଦି ପାଇଁ ମଧ୍ୟ ପଇସା ଦରକାର । ବାଡ଼ିଘରେ କେବଳ କେତେଟା ନଡ଼ିଆ ଗଛ ତୋଟାରେ କେତେଟା ଆମ୍ବ ଗଛ ସେଥିରୁ ଯାହା ମିଳେ, ଯାହା ଘରେ ଖର୍ଚ୍ଚ ହୁଏ ତାକୁ ଛାଡ଼ି ଅବଶିଷ୍ଟ ବିକ୍ରି ହୁଏ । ଜେଜେମା'ଙ୍କର ନିଷ୍ପତ୍ତି ମୋ ଛୁଆ ଯେପରି ହୀନିମାନ ନ ହୁଅନ୍ତୁ, ଖାଇବା ବିନା ଉପାସ ନ ରହନ୍ତୁ । ସେଥିପାଇଁ ସମୟେ, ସମୟେ ଜେଜେମା' ନିଅଣ୍ଟିଆ ଅବସ୍ଥା ହେଲେ କୋଳଥ ଜାଉ କରି ଖୁଆଇ ଦିଅନ୍ତି । ସେତେବେଳେ ଖାଇବାକୁ ଦେଲା ବେଳେ ତାଙ୍କ ଆଖିରୁ ଲୁହ ଝରିପଡ଼େ । କିନ୍ତୁ କାଳେ ଛୁଆମାନେ ଦେଖିଦେଇ କାନ୍ଦିବେ ସେଥିପାଇଁ ସାଙ୍ଗେ ସାଙ୍ଗେ ନିଜ ଲୁଗାକାନିରେ ଲୁହ ପୋଛିପକାନ୍ତି ।

ବଡ଼ ନାତି ଟିକେ ରାଗୀ, ସାନ ନାତିଟା ଖାଇବା ଲୋଭୀ । ପିଠାପଣା ଯାହା ହୁଏ ଅଭାବୀ ଘରେ ତା'ର ସମସ୍ତଙ୍କ ଅପେକ୍ଷା ବେଶୀ ଦରକାର । ଚକୁଳି ହେଲେ ଗୋଟା, ପୋଡ଼ପିଠା ହେଲେ ନୋଳିଏ, ଅନ୍ୟ କଥା ଛାଡ଼ । ଯାହା ଖାଇବ ଗୋଟେ । କଟାକଟି କରି ଦେଲେ ସେ ଖାଇବ ନାହିଁ, କାନ୍ଦିବ । ଅନ୍ୟ ଭାଇଭଉଣୀ ତାକୁ ଜାଣି ଜାଣି ସବୁ ଖାଇବା ଜିନିଷ ବେଶୀ ବେଶୀ ଦିଅନ୍ତି । ନିଜ ଭିତରେ କଳି ତକରାଳ କରନ୍ତି ନାହିଁ । ବଡ଼ ନାତିର ଅଳ୍ପ ହେଉ ପଛେ ସୁଆଦିଆ ହେବା ଦରକାର । ତରକାରୀ ପତ୍ର ପାଇଁ ସେ ଜେଜେମା' ଉପରେ ବେଳେ ବେଳେ ରାଗେ । ଜେଜେମା'କୁ ହଇରାଣ କରେ । ପୁଣି ନିଜେ ସବୁ ବୁଝିପାରେ । କିନ୍ତୁ ସେ ବା କ'ଣ କରିବ । ତା'ର ତ ଭଲ ଭଲ ଜିନିଷ ଦରକାର । ସେଥିପାଇଁ ରାଗେ ସତ କିନ୍ତୁ ଜେଜେମା'କୁ ଅତି ଭଲପାଏ । ସାନ ନାତୁଣୀର ଅଳିଅର୍ଦ୍ଦଳି କିଛି ନଥାଏ । ସେ ପରିସ୍ଥିତି ସହିତ ନିଜକୁ ଖାପ ଖୁଆଇ ଚଳେ । ବଡ଼ ନାତୁଣୀ ତ ପରଘରୀ । ସେ ତା' ଶାଶୁ ଘରେ ଥାଏ । ତଥାପି ପୂଜା ପରବରେ ତା'ର ଯାହା ପ୍ରାପ୍ୟ ଜେଜେମା' ନିଜ ଶକ୍ତି ଅନୁସାରେ ଦିଅନ୍ତି । ଭିଣେଇ ବି ଭାରି ଭଲ ଲୋକ । ତାଙ୍କ ଘରର ଲୋକମାନେ ବହୁତ ଭଲ । ବଡ଼ ନାତୁଣୀକୁ ସେମାନେ ଖୁବ୍ ଭଲ

ପାଆନ୍ତି । ନିଜ ଝିଅ ଭଳି ତାକୁ ଚଳାନ୍ତି । ବେଳେ ବେଳେ ସେ ଆସେ । ୟାଙ୍କ ଦୁଃଖ ଶୋକରେ ଭାଗୀଦାର ହୁଏ ।

ଜେଜେମା' କୁଛୋଉଛନ୍ତି ତାଙ୍କୁ ଯେପରି ବହୁତ କଷ୍ଟ ହେଉଛି । ବାତଜ୍ୱର ମଝିରେ ମଝିରେ ତାଙ୍କୁ ହୁଏ । ସେ ଔଷଧ ଖାଆନ୍ତି ନାହିଁ । କାଞ୍ଜିପାଣି କିଛି ପିଇଦେଲେ ଭଲ ହୋଇଯାଏ କିନ୍ତୁ ଏଥର – ଏଥର ସେ କାଞ୍ଜିପାଣି କିଛି କାମ କଲାନି । ଜ୍ୱର ଦିନକୁ ଦିନ ବଢ଼ିଲା । ତୁଟୁକା ମୁଟକା ଯେ ଯାହା କହିଲା ଖାଇଲେ । ମାତ୍ର ଫଳ କିଛି ନାହିଁ । କବିରାଜେ ଔଷଧ ଦେଲେ । ସିଦ୍ଧହସ୍ତ ତାଙ୍କର, କିନ୍ତୁ ସେ ଔଷଧ ଜେଜେମା' ଜ୍ୱର ଭଲ କରିପାରିଲା ନାହିଁ । ଶେଷରେ ଜେଜେମା' କତରାଲାଗି ହେଲେ । ଆଉ ଉଠିବସି ପାରିଲେ ନାହିଁ । ଏ ଅବସ୍ଥାରେ ଛୁଆଙ୍କ ପାଇଁ ତାଙ୍କ ମନ ହାଇଁପାଇଁ ହେଲା । ଅନେକ ସମୟ କାନ୍ଦନ୍ତି କିନ୍ତୁ ଛୁଆଙ୍କ ଆଗରେ ନୁହେଁ ।

ବଡ଼ ନାତି ହାଇସ୍କୁଲରେ ପଢୁଥିଲା । ସେତେବେଳେ ପାଖରେ ହାଇସ୍କୁଲ ନଥାଏ । ଘରଠାରୁ ଚାରି ମାଇଲ୍ ଦୂରରେ ସ୍କୁଲ, ମଝିରେ ନଈ । ଖରା ଦିନେ ନଈ ବାଲିରେ ଚାଲିବା କେତେ କଷ୍ଟ । କିନ୍ତୁ ଜେଜେମା' ତାକୁ ହଳେ ଚପଲ ଦେଇ ପାରୁନଥିଲେ । ସେଥିପାଇଁ ତାଳ ଫୋପଡ଼ ତା' ଗୋଡ଼ରେ ବାନ୍ଧି ସେ ନଈବାଲିରେ କଷ୍ଟେ ମଷ୍ଟେ ଯାଏ । ବର୍ଷାଦିନେ ନଈରେ ଭରପୂର ପାଣି । ଡଙ୍ଗା ବ୍ୟତୀତ ଯିବା ପାଇଁ ଆଉ କିଛି ନଥାଏ । ଡଙ୍ଗା ଘାଟରୁ ଡଙ୍ଗାରେ ପାରିହୋଇ ଗଲେ ଆହୁରି ଏକ ମାଇଲ୍ ଅଧିକା ଚାଲିବାକୁ ପଡ଼େ । ସେଥିପାଇଁ ଦିନେ ଦିନେ ଫେରିଲା ବେଳକୁ ସନ୍ଧ୍ୟା ହୋଇଯାଏ । ସେତେବେଳେ ଜେଜେମା' ସନ୍ଧ୍ୟା ବେଳକୁ ଗୋଟେ ପିତଳ ଡିବି ଜଳାଇ କାନି ଘୋଡ଼େଇହୋଇ ଯାଇ ଗାଁ ମୁଣ୍ଡ ଶଙ୍ଖ ଉପରେ ବସିଥାନ୍ତି । ଲଣ୍ଠଣଟିଏ କିଣିବାର ଶକ୍ତି ମଧ୍ୟ ତାଙ୍କର ନଥାଏ । ଆଶ୍ଚର୍ଯ୍ୟର କଥା ପବନ ହେଲେ ବି ଜେଜେମା'ର ଡିବି ଲିଭେ ନାହିଁ । ଗାଁ ମୁଣ୍ଡରେ ବାଉଁଶ ବଣ । ତା' ସାଙ୍ଗକୁ କିଆବୁଦା ଭର୍ତ୍ତି । ନାତି କାଳେ ଡରିବ ! ତେଣୁ ସେ ଯାଇ ସେଠାରେ ଅପେକ୍ଷା କରିଥାନ୍ତି । ନାତି ଆସିଲେ ଜେଜେମା' ନାତି ସାଙ୍ଗହୋଇ ଘରକୁ ଫେରନ୍ତି । ସାନ ନାତି ଗାଁ ପାଖ ସ୍କୁଲରେ ପଢୁଥିଲା । ପରେ ପ୍ରାୟ ୨ ମାଇଲ୍ ଦୂର ଗୋଟେ ଉଚ୍ଚ ପ୍ରାଥମିକ ସ୍କୁଲରେ । କାରଣ ସେଭଳି ସ୍କୁଲ ଆଉ ପାଖରେ ନଥିଲା । ସାନ ନାତି ମଧ୍ୟ ଘରୁ ଯିବା ଆସିବା କରୁଥିଲା ଚାଲି ଚାଲି । ଜେଜେମା'ଙ୍କର ବହୁତ ଚିନ୍ତା ଦୁଇ ନାତିଙ୍କ ପାଇଁ । ସାନ ନାତୁଣୀ ସ୍କୁଲ ଯାଉ ନଥିଲା । ଝିଅପିଲା ପାଠ ପଢ଼ିବା ସେତେବେଳେ ପ୍ରାୟ ନଥିଲା କହିଲେ ଚଳେ ।

ଜେଜେମା'ଙ୍କର ଯନ୍ତ୍ରଣା ବଢୁଛି । ସେ ବହୁତ କଷ୍ଟ ପାଉଛନ୍ତି । ବେଳେ ବେଳେ ଛାଟିପିଟି ହେଉଛନ୍ତି । ନାତି ନାତୁଣୀ କ'ଣ ବା କରିପାରିବେ? ସେମାନେ କ'ଣ ବା ଜାଣିଛନ୍ତି? ଜେଜେମା'ର କଷ୍ଟ ବଢ଼ିଲେ ସେମାନେ କବିରାଜଙ୍କୁ ଡାକିଆଣନ୍ତି । କବିରାଜେ ଆସନ୍ତି । ପିଲାଙ୍କୁ ବୁଝାନ୍ତି । ଏଥରକ ମଧ୍ୟ ଡାକିଲାରୁ ଆସିଲେ । ଜେଜେମା'ର ହାତ ଧରି ନାଡ଼ି ପରୀକ୍ଷା କଲେ । ଆଖି ଡୋଳା ଉଠେଇ ପରଖିଲେ । ଏହି ସମୟରେ ଜେଜେମା' କ'ଣ କହିଲେ । ଅସ୍ପଷ୍ଟ କଥା ପିଲାଏ ବୁଝି ପାରିଲେ ନାହିଁ । କିନ୍ତୁ କବିରାଜେ ପୁରୁଖା ଲୋକ । ସେ ବୋଧେ କିଛି ବୁଝିପାରିଲେ । କହିଲେ ଛୁଆରେ ଜେଜେମା'

କହୁଛନ୍ତି ସାନ ନାତୁଣୀକୁ ଖବର ଦିଅ । ସେ ତାକୁ ଦେଖିବାକୁ ଚାହୁଁଛନ୍ତି । ଦେଖ ପିଲେ ଜେଜେମା'ଙ୍କର ବାତ ପିତ ଓ କଫ ଏକାଠି ହୋଇଗଲାଣି । ତେଣୁ ତଣ୍ଟି ପାଖରେ ଘୁଡୁଘୁଡୁ ଶବ୍ଦ ବାହାରୁଛି । ମୁଁ ଔଷଧ ଦେଉଛି । କିନ୍ତୁ ପିଲାଏ ଜେଜେମା' ଯିବା ପାଇଁ ବେଳ ପ୍ରାୟ ହୋଇଗଲାଣି । ପାଟି କଡ଼ରୁ ଫିସ୍ ଫିସ୍ କରି ନିଶ୍ୱାସ ଛାଡୁଛନ୍ତି । ମୋ ଜାଣିବାରେ ସେ ଆଉ ଦୁଇ-ତିନି ଘଣ୍ଟାର ଆସାମୀ । ଅସ୍ଥିର ହୁଅ ନାହିଁ । ଏଣିକି ଭଗବାନ ଯାହା କରିବେ । କବିରାଜେ ଭଗବାନଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ିଲେ । ତା'ପରେ ପିଲାଙ୍କ ପିଠି ଥାପୁଡ଼ାଇ ଚାଲିଗଲେ । ଛୁଆ ତିନିଟା ଜୋର୍‌ରେ କାନ୍ଦିବା ଆରମ୍ଭ କରିଦେଲେ ।

"ନା, ଜେଜେମା' ଆମେ ତୋତେ ଯିବାକୁ ଦେବୁନାହିଁ । ତୁ ଆମକୁ ଏକା କରି ଚାଲି ଯାଇପାରିବୁନି । ତତେ ଆମ ସମସ୍ତଙ୍କ ରାଣ ଜେଜେମା' । ହେ ଠାକୁର ଜେଜେମା'ଙ୍କୁ ଭଲ କରିଦିଅ । ତୁ ଗଲେ ଆମ କଥା କିଏ ବୁଝିବ ? ଜେଜେମା' ତୁ କ'ଣ ଆମ ଉପରେ ରାଗିଛୁ ? ତୁ କ'ଣ ସେଥିପାଇଁ ଆମ ଉପରେ ରାଗି ଆମକୁ ଛାଡ଼ି ଯିବାକୁ ବସିଛୁ । ଆମେ ଦୋଷ କରିଛୁ । ତତେ କେତେ କଥା କହି ହଇରାଣ କରିଛୁ । ତୁ କ'ଣ ସେଥିପାଇଁ ଆମ ଉପରେ ରାଗି ଆମକୁ ଛାଡ଼ିଯିବାକୁ ବସିଛୁ ? ଆମକୁ କ୍ଷମା କରିଦେ' ଜେଜେମା' । ଆମେ ଆଉ ତତେ ବିରକ୍ତ କରିବୁ ନାହିଁ । ତୋ କଥା ମାନି ଚଳିବୁ ।" ବଡ଼ ନାତି କହିଲା, "ଜେଜେମା' ମୋର ଦେଢ଼ମାସ ପରେ ମାଟ୍ରିକ ବୋର୍ଡ ପରୀକ୍ଷା । ତୁ କ'ଣ ଦେଖିବୁ ନାହିଁ ତୋ ନାତି କ'ଣ କଲା ! ପାସ୍ କଲା କି ନାହିଁ ? ତୁ କ'ଣ ମତେ ଆଶିଷ ଦେବୁନାହିଁ ?" ଛୁଆ ତିନିଟା କନ୍ଦାକଟା କରି ଜେଜେମା' ଉପରେ ଆଉଜି ପଡ଼ିଲେ ।

ଜେଜେମା' ସାନ ନାତୁଣୀର ବାହାଘର କରିଦେଇଥିଲା । ତା' ଶାଶୁଘର ତିନି-ଚାରି କିଲୋମିଟର ଦୂର । ଭାଗଚାଷୀକୁ କହି ତା' ପାଖକୁ ବାତେନି ପଠାଗଲା ।

ଜେଜେମା' ଏଇ ପିଲାଙ୍କ ପାଇଁ କ'ଣ ନ କରିଛନ୍ତି । ଦିନ ରାତି ଏକ କରିଛନ୍ତି । ବିଲବାଡ଼ି ବୁଝି ରଖିଛନ୍ତି । କାହାକୁ ଖାଇବାକୁ ଦେଇ ନାହାନ୍ତି । ଗୁଣ୍ଠେ ଅଧଗୁଣ୍ଠେ କେହି ନେଇ ଯାଇ ପାରିନି । ନଈବଢ଼ି ଆସିଥିଲା । ପିଲା ସବୁ ଜଣଙ୍କର ଚାଳ ଉପରେ ଯାଇ ବସିଥିଲେ । ଜେଜେମା' ଗୋଟେ ଢିପ ଜାଗାରେ ବସି ରହିଲେ । ଯେତେ ଡାକିଲେ ମଧ୍ୟ ସେଠାକୁ ଆସିଲେ ନାହିଁ । ଯଦି ପାଣି ଏ ଢିପ ଜାଗାଟାକୁ ମାଡ଼ିଆସେ ତା'ହେଲେ ମୁଁ ନଈପାଣିକୁ ଡେଇଁ ପଡ଼ିବି । ହେ ମା' ନିଶାମଙ୍ଗଳା ତୋରି ଘର, ତୁ ସମ୍ଭାଳେ । ନଈ ବଢ଼ିପାଣି ଘରେ ପଶି କାନ୍ଥ ଭାଙ୍ଗିପକେଇଲା ସତ କିନ୍ତୁ ସେ ଢିପ ଜାଗାକୁ ଗଲାନାହିଁ । ଘର ଭାଙ୍ଗିଥିଲା ସତ, ସେଇ ଭଙ୍ଗା ଘରକୁ ସେ ପୁଣି ବାଗେଇ ଦେଇଥିଲେ । ଅଳପ ଧନ ବିକଳ ମନ - ହେଲେ ବି ଜେଜେମା' ହାରିଯାଇ ନଥିଲେ । ବିନ୍ଦୁ ବିନ୍ଦୁ ଜଳ ମିଶି ସାଗର ହେଲାପରି ସେ ବି ଅଳପ ଅଳପ ସଞ୍ଚି ଗୋଟେ ନୂଆ ଭଲ ଚାଳଘର କରିଦେଇଥିଲେ ପିଲାଙ୍କ ପାଇଁ ।

ଜେଜେମା' ବେଳକୁ ବେଳ ଅସ୍ଥିର ହୋଇ ଉଠୁଥିଲେ । ଯାହା କହନ୍ତି ଗୋଟିକିଆ ପକେଇବା ଆରମ୍ଭ କରିଦେଲେଣି । କବିରାଜଙ୍କୁ ପୁଣି ଡକା ପଡିଲା । କବିରାଜେ ମୁହଁ ମୋଡ଼ିଦେଲେ । ଠାକୁରଙ୍କୁ ଡାକ ପିଲାଏ, ମୋ ହାତରେ ଆଉ କିଛି ନାହିଁ । ତାଙ୍କର ଯିବା ବେଳ ଖୁବ୍ ନିକଟ । ପିଲାଏ ଭେଁ-ଭାଁ

କରି ରଡ଼ି ଛାଡ଼ିଲେ । ସାନ ନାତିଟା ତ କାନ୍ଦି-କାନ୍ଦି ଗଡ଼ିଯାଉଥାଏ । ସାନବୋଉ ଆସି କହିଲା ଆରେ କାନ୍ଦୁଛ କାହିଁକି ? ସେ ଯେତେ ଦିନର ଅତିଥି ସେତିକି ଦିନ ରହିଲେ । ଧୈର୍ଯ୍ୟ ଧର । ହଜାରେ କାନ୍ଦିଲେ ବି ଆମେ ତାଙ୍କୁ ଆଉ ଫେରାଇ ଆଣିପାରିବା ନାହିଁ । ନିଅ ମୁଁ ନିର୍ମାଲ୍ୟ ପାଣି ଆଣିଛି । ତାଙ୍କ ପାଟିରେ ଟିକେ ଟିକେ ଦେଇ ଦିଅ । ବଢ଼ିଲା ନଈର ସୁଅ ଅଟକେଇ ହେବ ନାହିଁ । କିଏ ଜାଣେ କେତେବେଳେ ସେ ଚାଲିଯିବେ? ଭାଇ ଭଉଣୀ ତିନି ଜଣ ଓ ସାନବୋଉ ନିର୍ମାଲ୍ୟ ପାଣି ଓ ଗଙ୍ଗା ଜଳ ତାଙ୍କ ପାଟିରେ ଟିକେ ଟିକେ ଦେଲେ ।

ସମୟ ଗଡ଼ି ଚାଲିଥିଲା । ଜେଜେମା'ଙ୍କ ଦେହ ସ୍ଥିର ହୋଇଯାଇଥିଲା । ନିଶ୍ୱାସ ପ୍ରଶ୍ୱାସ ଧୀର ହୋଇ ଆସିଥିଲା । ସେ ସେମିତି ଗୋଟିକିଆ ପକାଉଥିଲେ । କିନ୍ତୁ ଜୀବନ ଯାଉନଥିଲା ।

"ଜେଜେମା'", ଗାଁ ମୁଣ୍ଡରୁ କାନ୍ଦି କାନ୍ଦି ସାନ ନାତୁଣୀ ଆସି ଜେଜେମା'ଙ୍କୁ କୁଣ୍ଢେଇ ପକେଇଲା । ଜେଜେମା' ଟିକେ ଆଖି ଖୋଲି ସାନ ନାତୁଣୀକୁ ଦେଖିଲେ । ସାନ ନାତୁଣୀ ନିର୍ମାଲ୍ୟ ପାଣି ଓ ଗଙ୍ଗା ଜଳ ତାଙ୍କ ପାଟିରେ ଦେଲା । ତା'ପରେ –

ଢକ୍ କରି ଗୋଟେ ଶବ୍ଦ ଶୁଭିଲା । ଜେଜେମା' ଶେଷଥର ସମସ୍ତଙ୍କୁ ଦେଖି ସବୁଦିନ ପାଇଁ ଆଖି ବୁଜିଲେ ।

ପିଲା ଚାରିହେଁ କାନ୍ଦି କାନ୍ଦି ଲୋଟି ପଡ଼ିଲେ । ପଡ଼ା ପଡୋଶୀ କେତେ ଆସିଥିଲେ, ସମସ୍ତଙ୍କ ଆଖିରେ ଲୁହ ।

ଦେଖିଲ ରକ୍ତର ସମ୍ପର୍କ କେତେ ? ସକାଳ ପହରୁ ଯିବେ ଯିବେ ବୋଲି ହଉଥିଲେ । କିନ୍ତୁ ସାନ ନାତୁଣୀ ଆସିନଥିଲା ବୋଲି ଅପେକ୍ଷା କରିଥିଲେ । ସାନ ନାତୁଣୀକୁ ଦେଖିଲେ । ଶେଷରେ ତାଙ୍କ ପ୍ରାଣ ଗଲା । ସେ ତା'ର ଆସିବାକୁ ଅପେକ୍ଷା କରିଥିଲେ । ପିଲା ଚାରିଟା ଭୋ ଭୋ କରି କାନ୍ଦି କାନ୍ଦି ଲୋଟି ଯାଉଥିଲେ ।

***

**ଡକ୍ଟର ନାରାୟଣ ଚନ୍ଦ୍ର ଶତପଥୀ,** ଏମ୍ଏସ୍ସି, ପିଏଚଡି । ଗପ, ନାଟକ, ଏକାଙ୍କିକା, ରମ୍ୟ ରଚନା, ଶିଶୁ ସାହିତ୍ୟ, ଡିଟେକ୍ଟିଭ୍ ଓ ସାମାଜିକ ଉପନ୍ୟାସ ଲେଖନ୍ତି । ପୁରସ୍କାର ଓ ମାନପତ୍ର : ନାଟକ 'ଏଇ ମାଟି ଆମ ମାଆ' ଓଡ଼ିଶା ସମବାୟ ସମିତି, ଭୁବନେଶ୍ୱର ଦ୍ୱାରା ଆୟୋଜିତ ନାଟକ ପ୍ରତିଯୋଗିତାରେ ଶ୍ରେଷ୍ଠ ନାଟକ ଭାବେ ପୁରସ୍କୃତ । ଉତ୍କଳ ବିଶ୍ୱବିଦ୍ୟାଳୟ ବୈଷୟିକ କର୍ମଚାରୀ ସଂଘ ଦ୍ୱାରା ନାଟ୍ୟକାର ରୂପେ ସମ୍ବର୍ଦ୍ଧିତ । ରମ୍ୟ ରଚନା 'ଘରଣୀ' ପାଇଁ ମାସିକ ପତ୍ରିକା ସମାରୋହ ଦ୍ୱାରା ଫକୀର ମୋହନ ନନ୍ଦ ସ୍ମୃତି ସମ୍ମାନରେ ପୁରସ୍କୃତ । ଅସୁର ନଗରୀର କାହାଣୀ ପାଇଁ ବାଣୀବିହାର ପୂଜା ସମିତି, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାର ଦ୍ୱାରା ସମ୍ମାନିତ । ଧର୍ମଶାଳା, ଯାଜପୁରରେ ରହନ୍ତି ।

# City Landscapes

Chinmayi Nath


Srujan ISSN 2976-9329



London Big Ben




Lonely City - City during Covid



Coastal Kent



London Bridge

**Chinmayi Nath**, PhD, Indian origin artist based in Essex, UK, known for her art works in water colour, pastel, charcoal, acrylic, mixed media, palm leaf etching and pattachitra. She regularly displays her paintings in various art exhibitions in Essex, Suffolk, London and also running art workshops in different community centres, running multiple virtual and physical art sessions for beginners as well as for advance learners. She has completed her PhD in Geology from Utkal University, Odisha, India; and a Diploma in Art & Design offered by University of the Arts London, UK in year 2012. She has been selected to participate in Landscape Artist of the year 2022, under wild card competition category in Sky Arts, UK. She has received “Best Acrylic Artist of the year 2018” from Southend Art Club, Essex, UK for her painting “Giles Family”. She is an author of an art book entitled “Creative art - a distinct approach to drawing and painting.”

# ଯମ ଦର୍ଶନ

SRUJAN
The Creativity Journal
Srujan ISSN 2976-9329

**ରଞ୍ଜନ ସାହୁ**

ଗତ ରାତିରେ ଯମ ଆସିଥିଲେ । କହିଲେ, ରିଟାୟାରମେଣ୍ଟ ହେଲା ଏବେ ଚାଲ ।

- ଏତେ ଶୀଘ୍ର ?? ସେମିତିବି ଆଉରି ତିନି ମାସେ ଅଛି ଚାକିରି । ମୁଁ ସହସା ଜଣେଇଲି ।

- ମୁଁ କ'ଣ ଜାଣିନାହିଁ ?? ତମମାନଙ୍କର ଟିକିନିଖି ବିବରଣୀ ଚିତ୍ରଗୁପ୍ତ ରଖିଛନ୍ତି । ତେବେ କ'ଣ ତିନି ମାସ ପରେ ଯିବ ???

- ନା । ଆଉ କିଛିଦିନ ଯାଉ । ମୋତେ ମହଲତ କିଛି ଦିଅ । ଅନେକଗୁଡ଼ାଏ କାମ ବାକି ଅଛି। ସେସବୁ ସାରିଦେବି । ତା'ପରେ....

- କି କାମ ସବୁ ଅଛି ?? ଆର ଥର ହସପିଟାଲରେ ପଡିଥିଲ, ଆସିଥିଲି ନେବା ପାଇଁ । ତମ ଛାତି କଟାହେଇଥିଲା । ଅନୁନୟ ବିନତି କଲ । ଗୁଡ଼ାଏ ମିଛ ବି କହିଲ । ଗାଲୁ କଥା ଶୁଣାଇଲ । ଅବସର ନେଲା ପର୍ଯ୍ୟନ୍ତ ସମୟ ମାଗିଥିଲ ।

- କେତେବେଳେ ମାଗିଲି ? ମୁଁ ତ ତମକୁ ଦେଖିନାହିଁ ।

- ଏତେ ମିଛ !! ମନେ ପକା । ସେ ଛୋଟ କେବିନଟାରେ ତମେ ଶୋଇଥିଲ । ସାଲାଇନ ଲାଗିଥିଲା । ଜଣେ ସ୍ତ୍ରୀଲୋକ ମୁହଁ ଶୁଖେଇ ଚାହିଁଥିଲା । ସେ ବୋଧେ ତମ ଘରଣୀ । ମୁହଁରେ ଦୁଃଖ ଥିଲେ ବି ମନେ ମନେ ଖୁସି ହଉଥିଲା ଅବଳାଟି । ଭାବୁଥିଲା, ଏଥର ଈଶ୍ୱର ଏଇ ଜିଦିଆ ମର୍ଦ୍ଦଠାରୁ ମୁକ୍ତି ଦେଇଦେବେ । ବାଇଶ ବର୍ଷ ହେଲା ବାହାଘର । ଦିନଟିଏ ବି ତା' ଧମକରୁ ତ୍ରାହି ମିଳିଲାନାହିଁ ।

- ସେସବୁ ମୋତେ ଶୁଣିବାକୁ ଭଲ ଲାଗୁନାହିଁ । ଆମର ଘରୋଇ ବ୍ୟପାରରେ ମୁଣ୍ଡ ନ ଖେଳେଇଲେ ବରଂ ଭଲ ।

- ହଉ । ଛାଡ଼ । ଯମ କଥା ବଦଳେଇ ପୁଣି କହିଲେ, ମନେ ପଡ଼ିଲା ତ ଏବେ ? ଦୟାକରି ସେଦିନ ଛାଡିଦେଇଥିଲି । ଏବେ ଆସିଛି, ବାହାର , ଯିବା ।

- ଯାଆନ୍ତି ଯେ । ହେଲେ....

- ହେଲେ ପୁଣି କ'ଣ ??

- କ'ଣ କହୁଥିଲି କି କେତେଗୁଡ଼ିଏ ଇମ୍ପୋର୍ଟାଣ୍ଟ କାମ ବାକି ରହିଯାଇଛି । ସେ ସବୁ ନ ସାରିଲେ ଅବସୋସ ରହିଯିବ । ଜଗୁ ଷଡ଼ଙ୍ଗୀ ଉପରେ ମୋର ବହୁତ ରାଗ । ପ୍ରତିଶୋଧ ନେବିନେବି ବୋଲି ବୁଢ଼ା ହେଇଗଲି । ତାକୁ ପାନେ ଦେବାକୁ ଓର ଉଣ୍ଡୁଛି ।

ଗଲା-ସନ ଅବଶ୍ୟ ଭୁବନୀ ପରିଡ଼ାର ଚେର କାଟିଦେଇଛି। ଉପର ପାହ୍ୟାକୁ ଯିବ ବୋଲି ରାସ୍କେଲଟା ଭାରି ଚେଷ୍ଟା କରୁଥିଲା । ମୋ ପଛରେ ପଦସ୍ଥ ଅଫିସରମାନଙ୍କୁ ତୋଷାମୋଦ କରୁଥିଲା । ହେଲେ ମୁଁ ବାଟ ଛାଡ଼ିଲିନି । ମୋତେ ନ ପଚାରି କୋଉ ଅଫିସର ମଞ୍ଜୁରି ଦେବ ହୋ ?? ଏ କ'ଣ ଗେଲ କଥା !!! ତଳିଆ କର୍ମଚାରୀ ହୋଇ ମୁଣ୍ଡରେ ଚଢୁଛି ଶଃ !!

- ପରିଡ଼ା ଉପରେ ଏତେ କ୍ରୋଧ କିଆଁ ?? କ'ଣ କଲା କି ???

- କ'ଣ କଲା କି, କହୁଛ ?? କ'ଣ ନ କଲା କୁହ । ସେଇଟା ମୋତେ ଆଦୌ ଖାତିର କଲାନି । ଚକାଚକ ପ୍ୟାଣ୍ଟ ସାର୍ଟ ପିନ୍ଧି, ଉଡ଼ଲ୍ୟାଣ୍ଡ ଜୋତା ପିନ୍ଧି ଓଟ ଭଳିଆ ମୋ ଆଗରେ ପଳେଇବ । କୋଣ ଆଖିରେ ଚାହିଁବନି । ଏଗୁଡ଼ା କ'ଣ ସହି ହେବ ?? ସେଦିନ ନୀଳସାର୍ଟ ଉପରେ ମୋଦୀଜାକେଟ ପିନ୍ଧି ଯାଉଥିଲା । ମୋତେ ଦେଖିଲା ମାତ୍ରେ ଜାକେଟର ବେକ ପାଖ ବୋତାମ ଦେଇ ଛାତି ଫୁଲେଇ ଦେଲା । ୟେଟା କ'ଣ ମୋ ପ୍ରତି ଅବମାନନା ନୁହଁ ?? ପିନ୍ଧିଲା ତ ପିନ୍ଧିଲା ଜାକେଟଟାର ବୋତାମ ସବୁକୁ ଟାଇଟ କରିଦେଇ ଛାଣ୍ଟକାଣ୍ଟ କାହିଁକି ଦେଖେଇଲା !! ଆଉ ପୁଣି ମୋ ପାହ୍ୟାକୁ ଆସିବ ବୋଲି ଲାଗିଛି ବଦମାସଟା । ମୋ ପୋଜିସନକୁ ଆସିଗଲେ ଆଉ ମାନିବଟି !! ତାକୁ ଛାଡ଼ିବିନାହିଁ । ଆଉ କିଛିଦିନ ଦିଅ ତା' ବାପଗୋଁସାପ ନାଁ ମନେପକେଇଦେବି । କଥାରେ ଅଛି: "ଶତ୍ରୁକୁ ମାରିବ ବଳମରେ, ତଳତଳିଆଙ୍କୁ ମାରିବ କଲମରେ।"

ଆଉ ଜଣେ ଅଛି । ଦିବାକର ଖଣ୍ଡୁଆଳ । ମୋ ପଡୋଶୀ । ତାକୁ ଔଷଧ ଚଖେଇବି । ତା' ନାଆଁରେ କୋର୍ଟରେ ମାମଲା ରୁଜୁକରିଛି । ଛୋଟଲୋକଟାକୁ ସମୂଳେ ଧ୍ୱଂସ କରିଦେବି । ତିନିହାତ ଜାଗା ମୋର ମାଡ଼ି ବସିଛି । ଦି'ବର୍ଷ ହେଲାଣି କଚେରି ଦୌଡୁଛି । ଓକିଲ କହୁଛି ତାରିଖ ପଡ଼ିନେଇ । ଆଉ କିଛି ବର୍ଷ ଲାଗିବ ।

- ଆଚ୍ଛା କୁହ, ଏସବୁ କାମ ସାରିବାକୁ କେତେଦିନ ଲାଗିବ ?? ଯମ ନିର୍ବିକାର ସ୍ୱରରେ ପ୍ରଶ୍ନ କଲେ ।

- ଠିକ୍‌ରେ କହିହେଉନି । ତଥାପି ..... ହଁ ମନେ ପଡ଼ିଲା । ମର୍ଣ୍ଣିଙ୍ଗ ୱାକ୍ ବେଳେ ମାଳତୀକୁ ଦେଖିଲି । ବୁଢୀ ଦିଶିଲାଣି । ବହୁତ ପ୍ରେମଥିଲା ତା'ପାଖରେ । ସେତେବେଳେ ମୋତେ ରିଜେକ୍ଟ କରିଦେଇଥିଲା । ଏବେ ଦେଖି ହସୁଛି । ନୟନପ୍ରୀତି ବି ହେଲାଣି କେତେଥର । ଆଗରୁ କୋଉଠିଥିଲା କେଜାଣି । ଏବେ ପୁଅ ପାଖରେ ଆସି ରହୁଛି । ଚାଳିଶ ବର୍ଷ ପରେ ଦେଖା ।

- ହଉ ଦେଖା ହଉ । ଆଉ ଏବେ ସେ ନୁଉଁଛୁଣା କଥାରେ କାହିଁ ମାତୁଛ ? ସମୟ ଯିବ, ଅର୍ଥ ଯିବ । ତା' ସହିତ ମାନମହତ ବି ପଦାରେ ପଡିବ । ବରଂ ....

- ନା ଆପଣ ଜାଣିନାହାଁନ୍ତି । କିଛି ହେବନି । କିଏ କାହିଁକି ଜାଣିବକି !! ମୁଁ ଭାବୁଛି ଏଇ ବର୍ଷକ ଭିତରେ ତାକୁ କରାୟତ୍ତ କରିନେବି ।

- ହଉ ଯାହା ଭାବୁଛ କର । ଏ ସବୁ କାମ ସାରିବାକୁ ଆଉ କେତେ ବର୍ଷ ଦରକାର କୁହ ।

- ବେଶି ନୁହେଁ । ଆଉ ଦଶ ଏଗାର ବର୍ଷ । ଏବେ ଷାଠିଏ ହେଲା ସତୁରିବେଳକୁ ସବୁ ସାରିଦେବି ।

- ତେବେ ମୁଁ ଯାଉଛି । ସେତେବେଳେ ଆସିବି ।

- ଆଜ୍ଞା ଆସନ୍ତୁ । ମୋର କାମ ସରିଲେ ମୁଁ ହ୍ୱାଟ୍ସଆପରେ ମେସେଜ ଦେଇଦେବି ।

- ମେସେଜ କିଛି ଦରକାର ନାହିଁ । ତମର ଜନ୍ମପଞ୍ଜିକା ଚିତ୍ରଗୁପ୍ତ ପାଖରେ ଅଛି । ସେ ମନେପକେଇଦେଲେ ମୁଁ ନବାକୁ ପଳେଇ ଆସିବି । ଅନ୍ୟ କଥାଟି ହେଲା । ମେସେଜ ମୁଁ ଜାଣିପାରିବିନି । ଏଯାଏଁ ମୁଁ ବୋତାମ ଫୋନ ବ୍ୟବହାର କରୁଛି । ସ୍ମାର୍ଟ ଫୋନ୍ କିଣିନାହିଁ । ସତ କଥାହେଲା ସେଟା ମୁଁ ଚଲେଇ ପାରୁନାହିଁ । ତମେ ମେସେଜ କରିବା ଦରକାର ନାହିଁ । ହବ ଯଦି ମିସ୍ କଲ୍‌ଟିଏ ମାରିଦବ ।

ଯମ ପ୍ରସ୍ଥାନ କଲେ । କାନ୍ଥଘଣ୍ଟାକୁ ଚାହିଁଲି । ସମୟ ରାତି ଦୁଇ । ମାଳତୀର ଯୁବାବେଳର ମୁହଁଟା ମନେ ପଡ଼ିଲା । ଆହାଃ କି ସୁନ୍ଦର ଥିଲା ସେ !!! କଣ କରୁଥିବ ସେ ଏବେ ?? ଶୋଇପଡ଼ିଥିବ ନା ମୋ ପରି ଯମ ସହିତ ବାର୍ତ୍ତାଳାପ କରୁଥିବ ????

ଆଉ ନିଦହେଲା ନାହିଁ । ସକାଳ ହେଉ । ମର୍ଣ୍ଣିଙ୍ଗ ୱାକ୍‌ରେ ଶୀଘ୍ର ଗଲେ ଭେଟ ହେବ ସେଇଠି ।

***

**ରଞ୍ଜନ ସାହୁ,** ଏମଏ, ଏ.ଜି. ଅଫିସରେ ବୃତ୍ତି, ଭୁବନେଶ୍ୱରରେ ରହନ୍ତି ଅନେକ ଗଳ୍ପ, ଉପନ୍ୟାସ, ଓ ପ୍ରବନ୍ଧ ପୁସ୍ତକର ଲେଖକ । ଓଡ଼ିଶାର ଅନେକ ପତ୍ରପତ୍ରିକାରେ ଗଳ୍ପ ପ୍ରକାଶିତ । ବାରଟି ପ୍ରକାଶିତ ପୁସ୍ତକ; ଉପନ୍ୟାସ ମାତୃତ୍ୱର ଅଭିମାନ, ଗଳ୍ପ ପୁସ୍ତକ: ନୀରବ ନଈ, ବନ୍ଦିନୀ, କଙ୍କଣ, କଲମ, ଗାଁ ସଞ୍ଜ, ଜହ୍ନ ଉଇଁଲାଣି, ଈଶ୍ୱର ଆସିଲେଣି, ଇତ୍ୟାଦି । ରାଜଧାନୀ ପୁସ୍ତକ ମେଳା, ସମାରୋହ ପତ୍ରିକା, ଚିର ସମର୍ଥା ପତ୍ରିକା ଦ୍ୱାରା ବିଜୟ କୃଷ୍ଣ ସ୍ମୃତି ପୁରସ୍କାର ।

# ଗିରିଶୃଙ୍ଗର ଦେବତା

Srujan ISSN 2976-9329

## ସୁଶାନ୍ତ ଶେଖର ଦାଶ

ଅତି ରୁଚିର ଏଇ ଗିରି ସମୂହ ।

ଏହାର ସଂକୀର୍ଣ୍ଣ ମାର୍ଗଦେଇ ଝରୁଥିବା ଅସଂଖ୍ୟ ନିର୍ଝରିଣୀ , ଆଦିମ କାଳରୁ ବାସବାସ ଜନଜାତି, ପ୍ରଚଳିତ ସଂସ୍କୃତି ଓ ପରମ୍ପରା, ଏହାର ଅନୁଶୀଳନ ବା ଅନୁଗମନ, ଅରଣ୍ୟ ଓ ଆରଣ୍ୟକଙ୍କ ମଧ୍ୟରେ ଅତୁଟ ପ୍ରେମବନ୍ଧନ, ହରିତ ଭରପୂର ବନାନୀ..... ଆଦି ଦେଖିଲେ ଲାଗେ ଏସବୁ ଯେମିତି ଏକ ଶକ୍ତ, ଦୃଢ଼, ଅଦୃଶ୍ୟ ଏବଂ ସୁଚିନ୍ତିତ ନିୟମରେ ପରିଚାଳିତ ।

ପାହାଡ଼ ଚାରିପଟେ ଗାଁ ସବୁ ଯେମିତି ବାଦୁଡ଼ି ପରି ଝୁଲି ରହିଥାନ୍ତି ।  ଢାଲୁ କ୍ଷେତରେ ବିଭିନ୍ନ ରକମର ଫସଲ । ସୁମଧୁର କାକଳୀ ସମଗ୍ର ବନାନୀକୁ ସଂଗୀତମୟ କରିଦିଏ ।

କେତେକ ପାହାଡ଼ୀ ମଇନା, କୋଇଲି, ଲାଲମୁଣ୍ଡିଆ ଶୁଆ, ବଣପାରା, ମୟୂର ଆଦି ପକ୍ଷୀମାନଙ୍କର ଗାଁ ମଧ୍ୟରେ ଅବାଧ ଚଳପ୍ରଚଳ । ଗାଁ ଭୂମି ଉପରେ ଏମାନଙ୍କ ନ୍ୟାଯ୍ୟ ଅଧିକାରକୁ ଗ୍ରାମବାସୀ ମାନିନେଇଥାନ୍ତି ।

ଏମାନଙ୍କୁ ଶିକାର ମନା ।

ଏସବୁ ନିୟମରାଜାଙ୍କ ନିର୍ଦ୍ଦେଶ । ସେ ସର୍ବୋଚ୍ଚକର୍ତ୍ତା । ସର୍ବୋଚ୍ଚ ଦେବତା । ସେଠାକାର ଜନଜାତି ତାଙ୍କ ଅନୁଗତ ସେବକ ମାତ୍ର । ନିୟମରାଜାଙ୍କ ନିୟମରେ ସମସ୍ତେ ବନ୍ଧା । ଜଙ୍ଗଲ ନିୟମ ଭାଙ୍ଗିଲେ ରୋଷହୁଅନ୍ତି ନିୟମରାଜା । ଶକ୍ତ ଦଣ୍ଡବିଧାନ ହୁଏ । ଦଣ୍ଡ ଘୋଷଣା ସ୍ୱପ୍ନ ମାଧ୍ୟମରେ ଜାରିହୁଏ ଡୋଙ୍ଗରିଆମାନଙ୍କୁ

ପଶୁପକ୍ଷୀ ଶିକାର ଓ ଜଙ୍ଗଲଭୂମିର ଦୁରୁପଯୋଗ ଆଦିରେ ତୁରନ୍ତ ଦଣ୍ଡବିଧାନ ହୁଏ ।

ନିୟମରାଜା ଆରାଧ୍ୟ । ସେ ମୁଖ୍ୟ ।

ଅକାଳ ଓ ଅନାବୃଷ୍ଟିରେ ଧାଇଁଯାନ୍ତି ନିୟମରାଜାଙ୍କ ପାଖକୁ । ଦିବାରାତ୍ର ଅଧିଆ ପଡ଼ନ୍ତି । ପେଟକୁ ଦାନା ଯାଏନି । ନିୟମରାଜାଙ୍କ ଆଦେଶରେ ଭୀମାପେନୁ ତିନ୍ତାଇ ଦିଏ ସମଗ୍ର ଗିରିପ୍ରଦେଶ । ଡଙ୍ଗରିଆଙ୍କ ଦୁଃଖ ଦୂର ହୁଏ ।

ଜନଜାତିମାନେ ସମାଜରେ ନିଜ ନିଜର ସାମାଜିକ ଦାୟିତ୍ୱ ନିର୍ଦ୍ଦିଷ୍ଟରୂପେ ସ୍ଥିରୀକୃତ କରିଥାନ୍ତି । ସମ୍ବାଦ ପରିବେଷଣ ପାଇଁ ବାରିକ, ପୂଜା ଅର୍ଚ୍ଚନା ପାଇଁ ବେଜୁ ଓ ବେଜୁନି, ଗାଁ ବଇଦ ଦିଶାରୀ, ଅର୍ଥର ରକ୍ଷଣାବେକ୍ଷଣ ନିମିତ୍ତ ବିଶମାଝି, କର୍ମକାଣ୍ଡ ନିମନ୍ତେ ଜାନି ଓ ପୂଜାରୀ ।

ସିନ୍ଦୂରା ଫାଟିବା ଆଗରୁ ବାରିକଟି ଘରକୁ ଘର ଦୌଡ଼ି କୁହାଟ ମାରେ । ଜଗାଏ ସମସ୍ତଂକୁ । ବିଛଣା ଛାଡ଼ି ସମସ୍ତେ ଗ୍ରାମଦେବୀ ମଣ୍ଡପରେ ଠୁଳ ହୁଅନ୍ତି । ପରେ ପରେ ପାଇଟିରେ ଲାଗିପଡ଼ନ୍ତି ସମସ୍ତେ ।

ବିହନ ମେଳାରେ ବିହନର ଅଦଳବଦଳ, ପୋଢ଼ପର୍ବରେ ସଲାପ ରସର ମହକ, ମାରିଆ ପର୍ବରେ ମାଣ୍ଡିଆ ମିଶ୍ରିତ ଯାଉ, ଢୁଢୁଙ୍କର ତାଳେ ତାଳେ ପୁଳାଏ ବେସୁରା ସଂଗୀତ ଇତ୍ୟାଦି ସବୁ ଯେମିତି ସମୟକ୍ରମେ ଓ ନୀତି ନିୟମରେ ପରିଚାଳିତ ।

ତା'ଛଡା ବିବାହ ମଉଛବ ଓ ଯାନିଯାତରା ନିଆରା ।

ବଢ଼ିଲା ପୁଅଝିଅଙ୍କ ଖୁବ୍ ସ୍ୱାତନ୍ତ୍ର୍ୟ ଏଠି । ମିଳାମିଶା, ଭାବର ଆଦାନପ୍ରଦାନ, ମଉଜ ମଜଲିସ, ସମର୍ପଣ ଉପଢୌକନ, ଜୀବନସାଥୀ ଚୟନ..ଇତ୍ୟାଦିରେ ଭରପୂର ସ୍ୱାଧୀନତା । ଗାଁ ସେମୁଣ୍ଡ ଧାଁଗଡ଼ିବସାରେ କିଶୋରୀମାନେ ବହୁତ ମଉଜରେ ରାତ୍ରିଯାପନ କରନ୍ତି । ପୁଅମାନଙ୍କ ଆଡ୍ଡା ଧାଁଗଡ଼ାବସା । ଅନ୍ଧାର ଘନେଇ ଆସିଲେ, ପୁଅଝିଅଙ୍କ ବେପରୁଆ ବ୍ୟଙ୍ଗାଳାପର ସୁଅ ଛୁଟେ । ପୁଲକିତ ହୋଇଉଠେ ଝୁଲି ପଡ଼ିଥିବା ଅନ୍ଧାରୁଆ, ଶୀତଳ ଓ ଶୂନଶାନ ଗାଁ'ଟା ।

ସମଜାତି ଓ ସମଗୋତ୍ର ପୁଅଝିଅଙ୍କ ମିଳନ ସଂକୁଚିତ ଓ ପ୍ରତିବନ୍ଧିତ ।

ନବଜାତ ଶିଶୁଟିର ନାମକରଣ ଓ କାନଫୋଡ଼ା ପର୍ବରେ ମହୁଲି ପାନ କରି ଝୁମି ଉଠନ୍ତି ଗ୍ରାମବାସୀ । ଟଳମଟଳ ଫୁଙ୍ଗୁଳାଗୋଡ଼ କେତୋଟି ନୃତ୍ୟର ରୂପ ନିଏ । ଫଟା ଦଦରା ସ୍ୱର ସଂଯୋଜନାରେ ଗୀତର ଲହରୀ ଛୁଟେ ।

ସଦ୍ୟଜାତ ଶିଶୁ କାନଟିର ଫୋଡା ହୋଇଥିବା ଚାରୋଟି କଣାରେ ସରୁ ନିମ୍ବକାଠି ଗୁଞ୍ଜିଦେଇ, ଜଡ଼ାତେଲ ଓ ହଳଦୀ ଟିକେ ଥାପିଦିଏ ଦିଶାରୀ । କିଶୋରୀ ଓ ମହିଳାଙ୍କ ବୁକୁ ଫଟା ଗୀତଆସରରେ ଶିଶୁଟିର ଚିତ୍କାର ପାଣି ଫୋଟକା ପରି ଉଭେଇଯାଏ ।

ରଜସ୍ୱଳା କିଶୋରୀ ଦେହରୁ ଆଶରୀରୀ ଆତ୍ମା ବିଲୁପ୍ତ ପାଇଁ ବେଜୁନିଜଣଙ୍କ ଝରଣା କୂଳରେ ଆତ୍ମାଶୁଦ୍ଧି କରାଏ । ପୁଲକିତ ଓ ପବିତ୍ର ହୋଇଉଠେ ତରୁଣୀ ।

ଗ୍ରାମଦେବୀଙ୍କୁ ଅର୍ପିତ ପ୍ରସାଦକୁ କ୍ଷେତରେ ବିଞ୍ଚିଦେଇ ଭଲ ଫସଲର ଆକାଂକ୍ଷା କରେ ଡଙ୍ଗରିଆ ।

ଆହାଃ କି, ସୁନ୍ଦର ଏ ଚଳଣି ! କି ଅବିଚ୍ଛିନ୍ନ ପରମ୍ପରା !!

ମୁଖ୍ୟଧାରାରେ ସାମିଲ ଓ ତଜ୍ଜନିତ ଆଭିଜାତ୍ୟ ଭୋଗବିଳାସ ଥିଲା ସେମାନଙ୍କ ଚିନ୍ତା ବଳୟ ବାହାରେ । ନିୟମଗିରିରେ ଖୁନ୍ଦି ହୋଇଥିବା ସେମାନଙ୍କର ବିଭିନ୍ନ ଆବଶ୍ୟକତା ଥିଲା ସେମାନଙ୍କ ଐଶ୍ୱର୍ଯ୍ୟ, ଆଭିଜାତ୍ୟ ଓ ବିଳାସ ।

ଯେଉଁ ଦ୍ରବ୍ୟଟି ନିୟମଗିରିରେ ଦୁଷ୍ପ୍ରାପ୍ୟ, ତାହା ଥିଲା ସେମାନଙ୍କ ଆବଶ୍ୟକତାର ବାହାରେ....

ଖୁବ୍ ଛୋଟ ଥିଲା ଏଇ ଗାଁ'ଟି । ସେଠାରେ ତାଙ୍କର ଏନ୍ତୁଡ଼ିଶାଳ, କ୍ରୀଡାଭୂମି, ଶିକ୍ଷାକ୍ଷେତ୍ର, କର୍ମଭୂମି, ମନୋରଞ୍ଜନକ୍ଷେତ୍ର, ପୂଜା ଉପାସନାର ସ୍ଥାନ ଏବଂ କ୍ରିୟାକର୍ମର ପୀଠ ।

ଆନନ୍ଦରେ ଏଇ ମାଟିରେ ମିଶନ୍ତି ।

ଖୁବ୍ ଖୁସିରେ ବିତି ଯାଉଥାଏ ଦିନ......

ହଠାତ ଦିନେ ଏକ ଭୟାକୁଳ ବିସମ୍ବାଦ ତଡ଼ିତ ବେଗରେ ପ୍ରଘଟ ହୋଇଗଲା ଡ଼ଙ୍ଗରିଆ ଗାଁ ସାରା ।

ସେଇ ଶାନ୍ତ, ସରଳ ଓ ପ୍ରକୃତିପ୍ରେମୀ ଜନଜାତିଟା ହଠାତ ବିଶ୍ୱାସ କରିପାରିଲାନି ଏସବୁକୁ । ସେମାନଙ୍କ ମେରୁଦଣ୍ଡ ଦୋହଲିଗଲା । ଭାଗଦୌଡ଼ ମଚିଗଲା । ମଥାମଣ୍ଡଳ, ବିଶମାଝି, ବାରିକ, ବେଜୁ ଆଦି ପ୍ରମୁଖ ବ୍ୟକ୍ତି ଘନଘନ ଧାଁ-ଦୌଡ଼ କଲେ । ଧାଁଗଡ଼ା ଧାଁଗଡ଼ି ମେଳି ହୋଇ ଅଧୁନା ପରିସ୍ଥିତିକୁ ପରଖିବାକୁ ଲାଗିଲେ । ପରସ୍ପର ମତ ବାଣ୍ଟିଲେ । ବୟୋଜ୍ୟେଷ୍ଠମାନେ ସାନ୍ତ୍ୱନା ଦେଲେ ।

ପଶୁପକ୍ଷୀ ବି ତଟସ୍ଥ !

ବଡ଼ ଏକ ବ୍ୟତିକ୍ରମ ନିଶ୍ଚୟ !

ବାରିକ କୁହାଟ ପରର ଗାଁ ମଝିରେ ମେଳି, ଧାଁଗଡ଼ି ଓ ଧାଁଗଡ଼ାବସାରୁ ବାଲ୍ୟସୁଲଭ ବ୍ୟଙ୍ଗତରଙ୍ଗ, ତାଡ଼ି ମହୁଲି ନିଶାରେ ବେ-ଢଙ୍ଗ ନୃତ୍ୟ, ସଂଜ ନଇଁପଡ଼ିବା ଅବସରର ଭଙ୍ଗା ଦଦରା ଯେତେକ ବେସୁରା ଧ୍ୱନି.....ଇତ୍ୟାଦି, ଏ ସବୁ କେମିତି ଏବେ ଅଶକ୍ତ ଓ ହୀନବଳ ହୋଇପଡ଼ିଛି !

ଗାଁ ମଝିରେ, ଗ୍ରାମଦେବୀଙ୍କ ମଥାର ସିନ୍ଦୂର ବି ଫିକା ଫିକା ଦିଶୁଛି । ନିୟମରାଜାଙ୍କ ରୀତିନୀତିରେ ମଧ୍ୟ ବାଧାବିଘ୍ନ !

ଅଦ୍ଭୁତ ଓ ଅବିଶ୍ୱସନୀୟ ଦୁଃସମ୍ବାଦଟିଏ । ସମଗ୍ର ନିୟମଗିରି ସ୍ତବ୍ଧ ।

ଯାଉଭାତ ଓ ମାଣ୍ଡିଆଗୁଣ୍ଡିର ଫେଣ୍ଟା-ଫେଣ୍ଟିକୁ ପତ୍ରଠୁଙ୍ଗାରୁ ଢ଼ୋକିନେଇ, ଡ଼ଙ୍ଗରିଆମାନେ ସେଦିନ ମେଳିକୁ ବାହାରିଗଲେ । ଯୋଗଦାନ ପାଇଁ ଶକ୍ତ ଡାକରା ।

ନିୟମଗିରି ପୂର୍ବ ଭାଗକୁ ଥାଏ ସବୁଜ ବିସ୍ତୀର୍ଣ୍ଣ ଘାସ ପଡ଼ିଆ । ପଡ଼ିଆ ମଝିରେ ମଝିରେ କାଁ ଭାଁ ପଥରଖଣ୍ଡମାନ ମୁଣ୍ଡ କାଢ଼ିଥାନ୍ତି । ବଂଶଧାରା ଆଡ଼କୁ ଝୁଲି ପଡିଥିବା ପଡ଼ିଆର ଦକ୍ଷିଣଭାଗକୁ ଯେଉଁ କେତୋଟି ଘନବୁଦା କେତୋଟି ଠିଆ ହୋଇଥାଏ, ତା'ରି ମୂଳେ ତାଡ଼ି, ମହୁଲି ଓ ହାଣ୍ଡିଆର ସମ୍ଭାର । କଳା ମାଟିହାଣ୍ଡି ଓ ଶାଳପତ୍ର ଠୁଙ୍ଗାରେ ଜାଗାଟା ଭରପୂର ।

କିଂଚିତ ଦୂରରେ ଧରଣୀପେନୁ ପୀଠ ।

ଢାଲୁ ପଡ଼ିଆର ଉପରଭାଗରେ ଥିବା ସବୁଠୁ ଉଚ୍ଚା ପଥରଖଣ୍ଡରେ ଦୂର ଦୂରାନ୍ତରୁ ଆସିଥିବା ନେତୃସ୍ଥାନୀୟ ବ୍ୟକ୍ତିବୃନ୍ଦଙ୍କ ଆସନ । ତାଙ୍କୁ ସାମ୍ନାକରି ଆସନ୍ନ ସଙ୍କଟ ଅବଗତ ଅଭିମୁଖେ ଅସଂଖ୍ୟ ଡଙ୍ଗରକନ୍ଧ ।

ପଡ଼ିଆର ଯେ କୌଣସି ଭାଗରୁ ନିୟମରାଜାଙ୍କ ଗାଦି ସ୍ପଷ୍ଟ ଦୃଶ୍ୟହୁଏ ।

ଧୋବଫୁରୁଫୁରୁ ସେମାନଙ୍କ ପିନ୍ଧାଲୁଗା ଓ ସଫେଦ ପଗଡ଼ିରେ ନିୟମଗିରି ମେଳଣ ପଡ଼ିଆ ଝଟକୁଥାଏ । ସମସ୍ତଙ୍କ ମୁହଁରେ ଜିଜ୍ଞାସାର ଛାପ । ହସକୁରା ମୁଖକାନ୍ତି ସମୂହ କେମିତି ଭୟକ୍ଲିଷ୍ଟ ଓ ବିଷଣ୍ଣ ।

ମେଳି ବିଷୟବସ୍ତୁ କିଛି ଏମିତି ସେମିତି ନୁହେଁ । ହୃଦୟ ବିଦାରକ ଘଟଣାଟିଏ !

ସେମାନଙ୍କ ଅତିପ୍ରିୟ ନିୟମଗିରି ଓ ତନ୍ମଧ୍ୟରେ ବିରାଜମାନ ସେମାନଙ୍କ ଆରାଧ୍ୟ ଦେବତା ସ୍ୱୟଂ ନିୟମରାଜାଙ୍କୁ ଜଣେ ଅତି ବିତ୍ତଶାଳୀ ବ୍ୟକ୍ତି କିଣିନେଉଛନ୍ତି । ନିୟମଗିରିର ଲୁକ୍କାୟିତ ଖଣିଜ ସମ୍ପଦ ଉତ୍ତୋଳନ ପାଇଁ ଗଢ଼ାହେବ ଏକ ବିରାଟ କାରଖାନା । ଲକ୍ଷ ଲକ୍ଷ ଗଛ ଛେଦନ ହେବ । ରାସ୍ତାଘାଟ ତିଆରି ହେବ । ଝୁମ୍ପୁଡ଼ି ନିପାତ ଓ ଅନ୍ଧାରିମୂଲକ ଆଲୋକିତ ହେବ । ପାହାଡ଼ୀ ଗାଁରେ ସହର ଆଭିଜାତ୍ୟ । ବିକଶିତ ହେବେ ଆଦିମ ଜନଜାତି ।

କିନ୍ତୁ, ଡ଼ଙ୍ଗରିଆଙ୍କୁ ସବୁଦିନ ପାଇଁ ସେମାନଙ୍କ ମାଟି, ପାଣି, ପବନ, ପାହାଡ଼, ଜଙ୍ଗଲ, କ୍ଷେତ ଓ ସର୍ବୋପରି ସେମାନଙ୍କ ଆରାଧ୍ୟ ଦେବତା ନିୟମରାଜାଙ୍କୁ ହରାଇବାକୁ ପଡ଼ିବ । ତାଙ୍କ ଭଗବାନଙ୍କୁ ତାଙ୍କଠାରୁ ଛଡ଼ାଇନେବେ । ପ୍ରକୃତି ଏମାନଙ୍କ ଭଗବାନ ।  ଭୂମି (ଭ), ଗଗନ (ଗ), ବାୟୁ (ବା) ଓ ନୀର (ନ) ସେମାନଙ୍କ ଆରାଧ୍ୟ ଭଗବାନ । ପ୍ରକୃତି ଉପାସକ ଏଇ ଡ଼ଙ୍ଗରିଆମାନେ ।

ତାଙ୍କ ପ୍ରିୟ ନିୟମଗିରି ବଦଳରେ ତାଙ୍କ ସମ୍ମୁଖରେ ଅର୍ପିତ ଅପର୍ଯ୍ୟାପ୍ତ ବିଭବ,ଐଶ୍ୱର୍ଯ୍ୟ ଓ ଅଭିଜାତ୍ୟର ପସରା । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଜନିତ ସୁଖସ୍ୱାଚ୍ଛନ୍ଦ୍ୟର ଆକର୍ଷଣୀୟ ଉପହାର ଓ ଉପଢ଼ୌକନ । ସଭ୍ୟତା ସ୍ୱାଦର ରଙ୍ଗାରଙ୍ଗ ସ୍ୱପ୍ନ ।

ଏଇ ଉପହାର ପସରା ପଛେ ପଛେ କେତେ ଯୋଡ଼ା ଲାଲ ଟହ ଟହ ଆଖି ସେମାନଙ୍କ ସାଥିରେ ଘୂରିବୁଲୁଥାନ୍ତି ।

ଏତେସବୁ ଉପହାର ଓ ଉପଢ଼ୌକନ ସେମାନଙ୍କ ମନ କିଣିପାରିଲାନି । ସେମାନଙ୍କ ଠାକୁରଙ୍କୁ କେମିତି ବା ଛାଡ଼ି ଯାଇପାରିବେ ?

କ୍ଷୀଣ, ଅଶକ୍ତ, ହୀନବଳ ପାଦରେ ଅସହାୟ, ରୁଗ୍ଣ ଓ ରୋଗକ୍ଲିଷ୍ଟ କେତୋଟି ଶରୀର ଖୁବ ଜାଗିଉଠିଲେ । ସମଗ୍ର ଡ଼ଙ୍ଗରିଆ ଅଣ୍ଟା ଭିଡ଼ିଲେ ତାଙ୍କ ସହ । ତେଜିଲା ଗିରିକନ୍ଦରରୁ ବିଦ୍ରୋହର ଶିଖା...........

ବ୍ୟାପିଲା ନିୟମଗିରି ଆନ୍ଦୋଳନ ।

ବୁକୁଫଟା ବିଦ୍ରୋହୀର ସ୍ୱର କେତୋଟି ନିୟମଗିରିର ବୁକୁ ଚିରି, ଘଞ୍ଚ ଜଙ୍ଗଲ ପରିସର ଡେଇଁ ବାହାରକୁ ମୁହଁ କାଢ଼ିଲା । ଖେଦିଗଲା ଦେଶ ଓ ବିଦେଶକୁ । ଟିଭି ଓ ଖବରକାଗଜ ମଣ୍ଡନ ହେଲା ।

ସ୍ତବ୍ଧ ହେଲେ ବୁଦ୍ଧିଜୀବୀ, ଶାସକ, ପ୍ରଶାସକ, ନାୟପାଳିକା ଓ ପୁଞ୍ଜିପତି ।

ବେଶ୍ କିଛି ଦିନ ଧରି ବୁଦ୍ଧିଜୀବୀଙ୍କ ତର୍କବିତର୍କର ବିଷୟ ହୋଇରହିଲା । ତାହା ଥିଲା ପରିବେଶ ସୁରକ୍ଷା ଓ ଜୀବନ ରକ୍ଷାର ତର୍କ ।

ଜଙ୍ଗଲ ବିନାଶ ଯେ ଜୀବଜଗତର ବିନାଶ...ଏ ଗୁଢ଼ତତ୍ତ୍ୱକୁ ବୁଝିନଥିବା ସରଳ ପାହାଡ଼ୀଜାତିଟା ସମଗ୍ର ମାନବଜାତିଟିକୁ ଏକ ମହାନ ଶିକ୍ଷା ପ୍ରଦାନ କଲା । ପରିବେଶ ସୁରକ୍ଷାର ବୀଜ ରୋପଣ ହେଲା । ପରିବେଶ ସୁରକ୍ଷା ଜନିତ ଏହା ଥିଲା ସବୁଠୁ ବଡ଼ ଆନ୍ଦୋଳନ ।

ଭେଦିଲା ସଭ୍ୟ ସମାଜକୁ ।

ଶୁଖା, ବନ୍ୟା, ମରୁଡ଼ି, ଅନିୟମିତ ବର୍ଷାପାତ, ଉତ୍ତପ୍ତ ଜଳଧି, ଉତ୍ତପ୍ତ ଧରିତ୍ରୀ ଇତ୍ୟାଦିର ଏକମାତ୍ର ଉପଶମ ହେଉଛି ମାନବ ଜାତିର ପ୍ରକୃତି ପ୍ରତି ଅହେତୁକ ପ୍ରେମ ଓ ତା'ର ସୁରକ୍ଷା ।

ନିଦାଘ ଅବସରରେ ଶୁଷ୍କପ୍ରାଣକୁ ସିକ୍ତ କରି ଦେଶର ସର୍ବୋଚ୍ଚ ନ୍ୟାୟପାଳିକା ଏହାର ବିଚାରକୁ ନେଲେ । ସବୁଦିନପାଇଁ ସେଇ ଚିରହରିତ ନିୟମଗିରି ପରିବେଶ ଓ ସେମାନଙ୍କ ଆରାଧ୍ୟ ଦେବତା ନିୟମରାଜାଙ୍କୁ ସେଠାକାର ଡ଼ଙ୍ଗରିଆ କନ୍ଧଙ୍କ ହାତକୁ ଟେକିଦେଲେ ।

ପରିବେଶ ସୁରକ୍ଷାର ଏଇ ଦୁର୍ଲ୍ଲଭ, ଦୁଷ୍ପ୍ରାପ୍ୟ ଓ ଦୁର୍ମୂଲ୍ୟ ଗୁରୁମନ୍ତ୍ରଟି ତନ୍ଦ୍ରାଭିଭୂତ ମାନବସମାଜର ଆଖି ଖୋଲିଦେଇଥିଲା ଓ ଜୀବ ଜଗତ ତିଷ୍ଠିରହିବାର ରାହା ଦେଖାଇଥିଲା ।

***

**ସୁଶାନ୍ତ ଶେଖର ଦାଶ,** ଏମବିଏ, ରାଷ୍ଟ୍ରାୟତ୍ତ ବ୍ୟାଙ୍କର (ବ୍ୟାଙ୍କ ଅଫ ଇଣ୍ଡିଆ) ମହାପ୍ରବନ୍ଧକ ପଦବୀରୁ ଏବଂ ବ୍ୟାଙ୍କ ଅଫ ଇଣ୍ଡିଆ, ତାଂଜାନିଆ ଲିମିଟେଡ଼ର ନିର୍ଦ୍ଦେଶକ ପଦରୁ ଅବସର ନେଇ ଓଡ଼ିଆ ସାହିତ୍ୟ ସାଧନାରେ ରୁଚି ରଖନ୍ତି । ଅଧୁନା ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ବ୍ୟାଙ୍କ ମ୍ୟାନେଜ୍‌ମେଣ୍ଟ, ଗୁଆହାଟିରେ ଅତିଥି ବକ୍ତା । ପ୍ରକାଶିତ ଗଳ୍ପ: ପ୍ରତିଭା, ବରଜା, ବୃଦ୍ଧାଶ୍ରମ, ଧର୍ମସଭା, ସାତଫେରେର ସାଥି, ଜୁନୁ ଜୁଆଙ୍ଗ, ଗିରିଶୃଙ୍ଗର ଦେବତା, ବିଲୀନ ତାମସ । ଲେଖକଙ୍କ ଲିଖିତ କବିତା: ସଂଜ୍ଞା, ବିଗତ ଯୌବନ, ଲୁହ, ଉଡ଼ାଣ । ଭୁବନେଶ୍ୱରରେ ରହନ୍ତି ।

# ଆଉ ମନେ ନାହିଁ

Srujan ISSN 2976-9329

## ଗୋପାଳକୃଷ୍ଣ ଆଚାର୍ଯ୍ୟ

ଆଉ ମନେ ନାହିଁ (୧)

ଆଉ ମନେ ନାହିଁ ନୀଳଚଢ଼େଇଟେ କେଉଁ ଗଛ ଡାଳେ ବସିଥିଲା
ଆଉ ମନେ ନାହିଁ କାହାଳ ସକାଳେ କାହା ସାଥେ ମନ ମିଶିଥିଲା ।
ଆଉ ମନେ ନାହିଁ ନୁଖୁରାମୁହଁଟେ କେଉଁ ଗଛ ମୂଳୁ ଦିଶୁଥିଲା
ଆଉ ମନେ ନାହିଁ କେଉଁ ବଗିଚାରେ ଭଅଁର କି ଫୁଲେ ବସୁଥିଲା ।
ଆଉ ମନେ ନାହିଁ ଛବିଳ ଆଶାଟେ କେଉଁ ଦିଶା ଆଡ଼େ ଧାଇଁଥିଲା
ଆଉ ମନେ ନାହିଁ ପ୍ରବଳ ଆବେଗ କାହୁଁ ଆସିଥିଲା କାହିଁ ଗଲା ।
ଆଉ ମନେ ନାହିଁ ନାଟମନ୍ଦିରରେ ତରୁଣୀ ଲୋଭରେ ନାଚୁଥିଲା
ଆଉ ମନେ ନାହିଁ କେଉଁ ଆକାଶରେ ସପନ କେମିତି ବଞ୍ଚୁଥିଲା ।
ଆଉ ମନେ ନାହିଁ ଭଙ୍ଗାସିଲଟରେ ଦୁଧଖଡ଼ି ଲୁହ ଦୁଇଧାର
ଆଉ ମନେ ନାହିଁ ଗଡ଼ିଆ ପାଣିରେ କିଏ ଟାଣିଥିଲା ଦୁଇଗାର ।।

ଆଉ ମନେ ନାହିଁ (୨)

..............................
ଆଉ ମନେ ନାହିଁ ପାକେଲାପଣସ କାଉଖୁମ୍ପି ତଳେ ଶହେ ମଞ୍ଜି
ଆଉ ମନେ ନାହିଁ ଏରୁଣ୍ଡିମୂଳରେ ବୋଉ ତେତେତେତେ ସରୁନାଞ୍ଜି ।
ଆଉ ମନେ ନାହିଁ ପାଣିଚିଆ ଖରା ବଡ଼ିକୁଲା ଛାତେ ଶୁଖୁ ନାହିଁ
ଆଉ ମନେ ନାହିଁ ଅଚଳ ଆଠେଣି ଦୋକାନୀକୁ ଦେଲେ ରଖୁ ନାହିଁ ।
ଆଉ ମନେ ନାହିଁ ଚାକୁଣ୍ଡାପତର ପୋଣ୍ଡୁଅ ବାନ୍ଧେ କେ ଟାଣିଭିଡ଼ି
ଆଉ ମନେ ନାହିଁ ସୁରିଆଦୋକାନ ନିରିଆ ବାଉରୀ ତାରାବିଡ଼ି ।
ଆଉ ମନେ ନାହିଁ ପାଗଲ ଘୁଡ୍ଡୁକୀ ସାଙ୍ଗରେ ଲଳିତା ବିଦ୍ୟାପତି
ଆଉ ମନେ ନାହିଁ ମାହାଦେବ ପାଳି ଦାଢ଼ିଆ ପୂଜକ ଭଣ୍ଡଯତି ।
ଆଉ ମନେ ନାହିଁ ଚୁନାସାମଲର ବଇଁଶୀ ଖଞ୍ଜାରେ ଆଖିମରା
ଆଉ ମନେ ନାହିଁ ଲୁଙ୍ଗି ଭିଡ଼ାଭିଡ଼ି ତାଆସଖେଳରୁ ଧରାପରା ।
ଆଉ ମନେ ନାହିଁ ପୁରୁଷେଗାତରେ କିଏ ସମ୍ଭାଦିଲା ତାଳସଜ
ଆଉ ମନେ ନାହିଁ କନକନୂଆ'ଉ ମିଠାମିଠା ହସ ଲାଜଲାଜ ।

ଆଉ ମନେ ନାହିଁ ମାଳି ମଳିକାଣୀ କାଞ୍ଚନଖୁଡ଼ୀର ସୁଖଦୁଃଖ
ଆଉ ମନେ ନାହିଁ ଛୋଟବଡ଼ ନଳ ପାଟୀଗଣିତ କି ଭିଡ଼ଅଙ୍କ ?
ଆଉ ମନେ ନାହିଁ ପୁରୁଣାଗଡ଼ିଆ ଛୋଟରାୟଙ୍କର ଖଣ୍ଡାପୂଜା
ଆଉ ମନେ ନାହିଁ ପୁନଙ୍ଗ ଗାଆଁର ଘୋଷଘର ଦେବୀ ଦଶଭୂଜା ।।

ଆଉ ମନେ ନାହିଁ (୩)

..............................

ଆଉ ମନେ ନାହିଁ ଖଜୁରୀର କଣ୍ଟା କେମିତି ପାଦରେ ଗଲା ଗଳି
ଆଉ ମନେ ନାହିଁ ପାରାନାନୀ ମୁହଁ ଫୁଲତୋଳି ଖାଏ କେତେ ଗାଳି ।
ଆଉ ମନେ ନାହିଁ ସାରିଆଖୁଡ଼ୀର ଅରରଅରର ମାଣିକ ଲୋ
ଆଉ ମନେ ନାହିଁ ରଜଦୋଳି ଗୀତ ତୋଟାମାଳେ କେବେ ଶୁଣିଚ ଲୋ ।
ଆଉ ମନେ ନାହିଁ ଧାଆକୁ ଧାଆକୁ ପରୀଖୀତା ନନା ମରିଗଲି
ଆଉ ମନେ ନାହିଁ ବଙ୍କୁଲିରେ ମାଡ଼ ନରମା ମାଧିଆ ଖାଏ ଖାଲି ।
ଆଉ ମନେ ନାହିଁ ବିଆଳି ଗହୀର କଟାଧାନ ହଳା ମିଠାବାସ
ଆଉ ମନେ ନାହିଁ ଗୋସେଇଁ ଅଜାର ଅବୀଜାଗାଳିକୁ ପରିହାସ ।
ଆଉ ମନେ ନାହିଁ ଗଛ ଉହାଡ଼ୁ କେ କାଚ ଝୁମୁଝୁମୁ ଥାଏ ଲୁଚି
ଆଉ ମନେ ନାହିଁ ତପୁଲିଅପାର କୁବାଇ ସାଙ୍ଗକୁ ଠିଆପୁଚି ।।

***

କାହାଳ: ମେଘୁଆ ଦୁର୍ବଳ ପାଗ; ପୋଣ୍ଡୁଅ: ବର୍ତ୍ତୁଳାକାର ପତ୍ରପୁଡ଼ିଆ; କୁବାଇ: ଓଡ଼ିଆ ଝିଅଙ୍କ କୁମାର ପୂର୍ଣ୍ଣିମାରେ ଏକ ପ୍ରକାରର ନାଚ

***

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ,** କବି, ଗାଳ୍ପିକ, ନାଟ୍ୟକାର, ଔପନ୍ୟାସିକ, ପ୍ରାବନ୍ଧିକ ତଥା ସ୍ତମ୍ଭକାର; ଏହିଭଳି ଓଡ଼ିଆ ସାହିତ୍ୟର ପ୍ରତ୍ୟେକ ବିଭାଗରେ ତାଙ୍କର ଦଖଲ ରହିଛି। ବିଶେଷକରି ସ୍ମୃତିସଜଳ ତିକ୍ତମଧୁର ଅତୀତପ୍ରବଣତା ଓ ଦେଶଜଶବ୍ଦ ବସାଣରେ ତାଙ୍କ ପାରଦର୍ଶିତା ବାରି ହୋଇଯାଏ । ସେ ଜଣେ ବକ୍ତା, ଉପସ୍ଥାପକ ତଥା ଜଗନ୍ନାଥ ସଂସ୍କୃତିର ପ୍ରବକ୍ତା ଭାବରେ ଦୂରଦର୍ଶନ ଓ ସଭାସମିତିରେ ଭାଗ ନେଇଛନ୍ତି । ରଚିତ ପୁସ୍ତକ: ଟିକିସହିଦ(ଗୀତିକଥା), ଅଧାଘର ଅଂଧାର (ପ୍ରୀତିକାବ୍ୟ), ପ୍ରୀତିଗୀତି (ପୁଣିଥରେ ଆସନ୍ତନି - ପ୍ରୀତିକବିତା ସଂକଳନ), ଶୋଇପଡ଼ ବୋଉ (ଗୀତିକବିତା), ବୁଢ଼ାରଜା (ଏକାଙ୍କିକା); 'ନୂଆ ଢଗଢମାଳି' ପ୍ରଥମ ଓ ଦ୍ୱିତୀୟଭାଗ । ଡ. ଆଚାର୍ଯ୍ୟ ସଂପ୍ରତି ଭୁବନେଶ୍ୱର ରମାଦେବୀ ମହିଳା ମହାବିଦ୍ୟାଳୟର ସହକାରୀ ପ୍ରୋଫେସର ଭାବରେ ଅବସ୍ଥାପିତ ।

# ଶରତ ବାଣ୍ଟୁଛି ସୁଖ

Srujan ISSN 2976-9329

## ପ୍ରଶାନ୍ତ କୁମାର ଦାଶ

ନାହିଁ ତ ଖରାର ଅସୁମାରୀ ତାତି
ନାହିଁ ଗୁଳୁଗୁଳି ଦାଉ
ବରଷା ବତାସ ଝଡ଼ି ଘଡ଼ଘଡ଼ି
ନାହିଁ ବିଜୁଳିର ଭାଉ ||

ରଙ୍ଗତୂଳୀ ଅଙ୍କା ଛବିପରି ଦିଶେ
ଫୁଲବଗିଚାର ଶୋଭା
କଳାଭଅଁରଟା ଫୁଲରେ ବସିଲେ
ଫୁଲଦିଶେ ମନଲୋଭା ||

ବାଟ ଘାଟ ତୁଠ ଶୁଖିଲା ହେଲାଣି
ନାହିଁ ତ କାଦୁଅ ପାଣି
ବଗୁଲୀ ଯୋଗାଏ ମାଛମାରି ଖାଦ୍ୟ
ବଗଟିର ମନଜାଣି ||

ଲୁହପରି ଝରି ବରଷା ଦଉନି
ଦୁଃଖୀ ମଣିଷକୁ ଦୁଃଖ
ଶରତ ଆସି କି ମାଟି ମୁଲକରେ
ବାଣ୍ଟୁଛି ସଭିଙ୍କୁ ସୁଖ ||

ଶରତ ସକାଳ ଦିଶେ ଝଲମଲ
ରାତି ଫେରିଗଲା ପରେ
ଅଳପ ଅଳପ କାକରର ଟୋପା
ଘାସର ପିଠିରେ ଝରେ ||

ଜହ୍ନିଫୁଲ ଫୁଟେ ସୂରୁଜ ବୁଡ଼ିଲେ
ପୋଖରୀରେ ଫୁଟେ କଇଁ
ଗାଆଁ ସହରର ଶୋଭା ଝଲମଲ
ସଞ୍ଜ ଆସିଗଲେ ନଇଁ ||

କାଶତଣ୍ଡୀ ନାଚ ପିଲାଏ ଦେଖନ୍ତି
ନଈର ପଠାକୁ ଯାଇ
ଗାଈଆଳ ପିଲା ବଇଁଶୀ ବଜେଇ
ଗୀତପଦେ ଦିଏ ଗାଇ ||

ଫୁଲ ଫସଲର କ୍ଷେତ ଦେଖି ଚାଷୀ
ମୁରୁକି ମୁରୁକି ହସେ
ଶରତ ଋତୁରେ ଏଇ ମହୀକୋଳେ
ସରଗରୁ ସୁଧା ଖସେ ||

ଜଗତ ଜନନୀ ବସି ମଣ୍ଡପରେ
ଭକତିରେ ହେବେ ପୂଜା
ଦେଇଯିବେ ସୁଖ ଶାନ୍ତିର ଆଶିଷ
ମାହେଶ୍ୱରୀ ଦଶଭୁଜା ||

***

# ଅଳସୀ ଜହ୍ନର ଗାଆଁ

SRUJAN The Creativity Journal
Srujan ISSN 2976-9329

## ପ୍ରଶାନ୍ତ କୁମାର ଦାଶ

ତା' ନଇତୁଠ ତମାଳ ପାଟ
ବରଗଛର ଛାଇ
ସୁନ୍ଦର ଦିଶେ ଗୋଠବାହୁଡ଼ା
ଛେଳି ମଇଁଷି ଗାଇ ||

ଭାଇଚାରାର ଭାବନା ସେଠି
ହୋଇଚି ଭରପୂର
ସୁଖ ଶାନ୍ତିର ସରଗ ସେ ତ
ସହରଠାରୁ ଦୂର ||

ପୂଜା ପରବ ପୁନେଇଁ ତିଥି
ସୁଖରେ ସେଠି କଟେ
ପାହିବା ଆଗୁ ଅଳସୀ ରାତି
ସଜ କୁସୁମ ଫୁଟେ ||

ରହିଚି ତା'ର କୋଳରେ ଗଛ
ଯୋଗାଏ ଫୁଲ ଫଳ
ତା' କ୍ଷେତ ସୁନା ଫସଲ ଦେହେ
ଭରିଦିଏରେ ବଳ ||

କାରଖାନାର ଧୂଳି ଧୂଆଁ ତ
ବାଜେନି ତାର ଦେହେ
ସାରା ଜୀବନ ଜଡ଼ାଇ ଧରେ
ଛାତିରେ ତାର ସ୍ନେହେ ||

ବିଦେଶେ ଥାଇ ତାକୁ ଝୁରଇ
ପାଠପଢୁଆ ପୁଅ
ଆଖିରେ ତାର ଛବି ନାଚିଲେ
ଝରି ପଡ଼ଇ ଲୁହ ||

ଅଳସୀ ଜହ୍ନ ଉଇଁଲେ ସଞ୍ଜେ
ଗାଆଁ ତ ଝଲ ମଲ
ତା ଦେହେ ଭରା ମଧୁର ଜଳ
ଦରବ ଭଲ ଭଲ ||

ସୂରୁଜ ଖରା ଜହ୍ନ ଜୋଛନା
ଯହିଁ ବରଷା ଖସେ
ସଭିଙ୍କୁ କରି ଅତି ନିଜର
ଗାଆଁମାଟି ଯେ ହସେ ||

***

**ପ୍ରଶାନ୍ତ କୁମାର ଦାଶ**, ପିପିଲି, ପୁସ୍ତକ: କୋଇଲି ଗାଉଚି ଗୀତ, ସୁନାଚଢ଼େଇ ମୋ ରୁପା ଚଢ଼େଢେଇ, ଫୁଲ ପାଇଁ ଗୀତଟିଏ, କବିତା କଣ୍ଢେଇ (ସମ୍ପାଦନା)। ଓଡ଼ିଶାରେ ବହୁ ପତ୍ରପତ୍ରିକା, ଖବର କାଗଜ, ବେତାର ଓ ଦୂରଦର୍ଶନରେ କବିତା ପ୍ରକାଶିତ ଓ ପ୍ରଚାରିତ । ଶିଶୁ-କିଶୋର ପତ୍ରିକା ସରଗଶଶୀର ସମ୍ପାଦନା । ଅନେକ ସାରସ୍ୱତ ସମ୍ମାନରେ ସମ୍ବର୍ଦ୍ଧିତ ।

# ବାଟରାତି

SRUJAN
The Creativity Journal
Srujan ISSN 2976-9329

**ବୀଣାପାଣି ଦେବତା**

ସହାନୁଭୂତି ସଂଖ୍ୟାରେ ବଦଳିଯିବା
ନିୟତି ଆମ ସମୟର
ପବନ ଗଣେ ଶବର ସଂଖ୍ୟା
ଜାଂତବ ଆଖିରେ କିଛି ଦିଶେ ନାହିଁ କାମ୍ୟ ଛଡ଼ା ।

ଜାମୁକୋଳି ଗଛ ତଳେ ଏକଦା ଶୋଇଥିବା
ସେ ଲୋକ ଆଉନାହିଁ
କଠିନ ଧାରଣାରେ ଶାୟିତ ନିଦ
ଭାଂଗିପାରିନି ରେଳର ଝମାଝମ ।

କେତେଦୂର ଥିଲା ଆଉ ତା ଗାଁର ଜାମୁକୋଳି ଗଛ
ବାଇଗଣୀ ରଂଗର ସୁଖନିଦ ।

ଦଳେ ପଥିକ ଆଜି ଯେଉଁଠି ପହଂଚିବା କଥା
ଦୀର୍ଘ ବାଟ ଚାଲି ପହଂଚିଲେ ନାହିଁ ।
ସକାଳୁ ସକାଳୁ ତୁଳସୀମଂଜରୀ ଚୋବାଇ ଯାଉଥିବା
ଦଳଦଳ ଘରଚଟିଆ ସେମାନଂକ ଶୋକରେ
ସାରିନେଉଛଂତି ସ୍ନାନ, ରାସ୍ତାରେ ଜମିଥିବା ବର୍ଷାପାଣିରେ ।

ପବନରୁ ବଂଶୀ ଶିଖିଥିବା ସେଇ ଲୋକମାନେ
କେତେଦୂରରେ ଥିଲେ ଯେ
ବାଉଁଶ ବୁଦା ଘେରିଥିବା ଗାଁମାନଂକଠାରୁ
ତୀକ୍ଷ୍ଣ ସୁଷୁରି ବାଟରାତି ଚିରିଦେଲା ନାହିଁ ।

***

# ନିଆଁ ଧୂଆଁ ଧ୍ୱଂସସ୍ତୂପ

Srujan ISSN 2976-9329

**ବୀଣାପାଣି ଦେବତା**

କେଉଁଆଡ଼େ ଧାଇଁଛ ଅଶ୍ୱଯୂଥ
ଉନ୍ମତ୍ତ ଖୁରା ଚମକେଇ
ଧୂଳି ଉଡ଼େଇ, ଟାୟାର ପୋଡ଼ା ଧୂଆଁରେ ଆକାଶ ଢାଂକି ।

କରତ ପରି ମଣିଷର ହାତ କାଟୁଛି ଗଛ, ରାସ୍ତା ଅବରୋଧ
ହାତରେ ଯାହା ପଡୁଛି କାଠ ବାଉଁଶ ଭାଂଗୁଛି କାଚ
ପୋଡୁଛି ଯାନବାହାନ,  କେଉଁଠି ଲୁଚିଥିଲା ଏ ଉନ୍ମତ୍ତ ହାତମାନ
ଏମାନଂକୁ ଖୁଏଇ ପିଏଇ ଦେଇ ଦେଇ
ଏବେ ଦେଶ ମୋର ନିଃସ୍ୱ
ତାଲିକାରେ ତଳକୁ ତଳ
ପାଣି ଭିତରେ ଖସି ଯାଉଥିବା
ହାତ ପରି ମୋର ଦେଶ ।

ଏ ହାତ ଫିଂଗିଛି ଦିନେ ପ୍ରେମ ଦାବିରେ
ନିଷ୍ଫଳ ହେଇ ପ୍ରେମିକା ମୁହଁକୁ ଏସିଡ
ଧର୍ଷଣ ପରେ ଜାଳି ଦେଇଛି ଦେହ
ପ୍ରତିବାଦରେ ଛଟପଟ  ହେଉଥିବା ଯୋନିବାଟେ
ବାହାର କରିଛି ଅଂତବୁଜୁଳା ।

କେଉଁଠି ମସ୍ତିଷ୍କ ହୃଦୟ
ଯାହା ନିୟଂତ୍ରଣ କରେ ଧ୍ୱଂସକାମୀ ହାତପାଦ
କେଉଁଠି ଲାଭକ୍ଷତି ହିସାବରେ ରତ ରାଜଦଣ୍ଡ
ସ୍ୱାର୍ଥର ତାଳତାଳ କାଦୁଅ ଭିତରୁ ଉଦ୍ଭିତ
ଖାସ ନିଜକୁ ଚମକେଇବା ପାଇଁ
ଯେମିତି ମୁଣ୍ଡ କାଢ଼େ କଇଁଛ ।

ଚାରିଆଡ଼େ ଘେରିଥିବା ଉନ୍ମତ୍ତ ଭିଡ଼
ଟେକା ପଥର ଲାଠିମାଡ଼
ଟ୍ରେନ ଭିତରେ ଥରହର କମ୍ପୁଥିବା ଏ ଯାତ୍ରୀଦଳ
ଏବେ ମନେ ପଡୁନି କେଉଁଠି ଘର କେଉଁଠି ଗଂତବ୍ୟ
ଯେ କୌଣସି ସମୟରେ ନିଖୋଜ ହେଇପାରେ
ନିଜ ଦେହର ଠିକଣା
ଲୁହା ଝରକା ପାଖରେ କଣାଏ କଣାଏ ଆଲୁଅରେ ମୃତ୍ୟୁ ଠିଆ
ହାତରେ ଆଦିମ ଅସ୍ତ୍ର ପଥର ।

ଶିଶୁ ଜାବୁଡ଼ି ଧରେ ମାଆର ଥରୁଥିବା ଦେହରୁ
ଖସିପଡୁଥିବା ଲାଲ ଓଢଣା
ମୋ ଦେଶ ଭିତରେ
କେଉଁଠି ଲୁଚିଥିଲା ଏ ପାଗଳ ଦେଶ ।

ମୋ ଦେଶ ଆଜି କ୍ଷେତ ଭଳି ଗଛ ଭଳି ନିର୍ଲିପ୍ତ
ଯାହାର ଶସ୍ୟଫଳରେ ପୁଷ୍ଟ ହେଇଛି ଉନ୍ମତ୍ତଂକ ଦେହ
ମୋ ଦେଶ ଆଜି ଘାସ ଭଳି ନିସ୍ପୃହ
ଯାହା ମଖମଲି ନିଦ ହେଇ ଆଉଜେଇ ନେଇଛି
ଏମାନଂକ କ୍ଲାଂତ ଶରୀର ।

ନିଆଁ ଧୂଆଁ ଧ୍ୱଂସ ସ୍ତୂପ ସାମ୍ନାରେ
ଲଜ୍ଜାରେ ମୁହଁ ଢାଂକେ
ବାଧ୍ୟ ସାକ୍ଷୀ ଭଳି ଠିଆ ମୋ ଦେଶର ପତାକା ।

ନିଆଁ ଲଗେଇ ଚାଲିଥିବା ହାତମାନ
ଲମ୍ବିଆସିଛି କେଉଁଠୁ
ଶସ୍ୟଶାଂତିର ଭୂଇଁ ପୋଡ଼ି
ଅଂଧ ପୃଥିବୀ ଆଡ଼କୁ ଦୌଡୁଥିବା ପାଦମାନ
କାହା ଚୌକିର ଖୁରା
ଚୌକି ତିଆରି କରିଥିବା ଲୋକେ
ଅଂଧାର ଭିତରେ ଆତଂକ ମୂକ

ସଂଗୀତ ଆଲୋକ ସଂପାତ କରିଥିବା ଲୋକେ
ଧ୍ୱଂସର ଯାଜକ ନିରତ ।

ଚୌକି ସର୍ବୋପରି
ଖଣ୍ଡଖଣ୍ଡ ଗୁଣ୍ଡଗୁଣ୍ଡ ହୋଇ ଖସିପଡୁଛି
ମୋ ଦେଶର ଛାତି ଭିତରେ ଧରିତ୍ରୀ ।
***

# ସଂଖ୍ୟାମାନେ ଏବେ ରାସ୍ତାରେ

Srujan ISSN 2976-9329

**ବୀଣାପାଣି ଦେବତା**

ସଂଖ୍ୟାମାନେ ଏବେ ରାସ୍ତାରେ
ଜାତୀୟ ପତାକା ସହ କଳାପତାକା ଉଡୁଛି ଫରଫର
ଗାଡ଼ି ପରେ ଗାଡ଼ି ଭର୍ତ୍ତି, ସାରା ଗାଁ ସହର ବ୍ୟାପିଯାଉଛି
ବସ୍ତି ନଗରରୁ ଆସିଥିବା ସଂଖ୍ୟାମାନଂକରେ ।
ସଂଖ୍ୟାପାଠରେ ଦୁର୍ବଳ ବୋଲି
ସବୁ କ୍ଲାସରେ ଲାଲ ଦାଗ ମୋର
ଲାଲ କାଳିରେ ଜାତୀୟ ଗଣିତ ଦିବସରେ
ମୋର ବିଶେଷ କିଛି ବକ୍ତବ୍ୟ ନଥିବାର କଥା ।
ତେବେ ସାରା ରାସ୍ତା ଏ କେଉଁ ଭୟ
ଲୋକଂକ ଆଖିରେ ସଂଖ୍ୟାକୁ ଦେଖିବା ବେଳେ
ପଥ ଲୋକାଳୟରେ ଆବାଳବୃଦ୍ଧ ବନିତା ନିଜକୁ ଢାଂକି
ଢୁକିଯିବାକୁ ପ୍ରସ୍ତୁତ ଘରର ଖୋପ ଭିତରେ ।
ଆମ୍ବୁଲାନ୍ସରେ ରୋଗୀ ପ୍ରସୂତି, ବେଲୁନ ହାତରେ ଶିଶୁ
ଭୟର ହିମସ୍ରୋତ  ଶିରାରେ ଉଛୁଳେ
ସିଧା ହୃତପିଣ୍ଡ ଆଡ଼କୁ ।
ସଂଖ୍ୟାମାନଂକ ବିରୁଦ୍ଧରେ କାହାର କିଛି କହିବାର ନାହିଁ
ଯେଣୁ ସେମାନେ ରାସ୍ତାରେ ।
ସେମାନଂକ ଯିବା ବାଟ ସାରା ଜଳେ ଟାୟାର, ପୋଡ଼େ ଟ୍ରେନ,
ଜଳିଯାଏ ଟ୍ୟାଂକର ଚାଳକ ସହ ।

ଯାତ୍ରୀଭର୍ତ୍ତି ଟ୍ରେନରେ ହଜାର ହଜାର ବିପନ୍ନ ଆଖି ଦେଖୁଥାଏ
ଲୌହବର୍ମ ଉପରେ ହଜାର ହଜାର ସଂଖ୍ୟାରେ ପ୍ରାଚୀନ ଯୁଗର ଅସ୍ତ୍ର
ଏତେ ନିପୁଣ ଭାବେ ପଥର ଫିଂଗିବା ଶିଖାଉଥିଲା
ମୋ ଦେଶର କେଉଁ ଆଡୁଆଳ !
ସ୍ଲେଟ ଖଡ଼ି ପେନ୍‌ସିଲ ମାଉଁସ ଧରା ହାତ
କେବେ ଶିଖିନେଲା ପ୍ରାଚୀନ ନିକ୍ଷେପ !
ସଂଖ୍ୟାମାନଂକର ରାସ୍ତାର ମ୍ୟାପ , ତୀକ୍ଷ୍ଣ ସ୍ଲୋଗାନ
ତିଆରି କରିଛି ନିପୁଣ ଚୌକି, ଉଜ୍ଜ୍ୱଳ ଚଷମା
ସେମାନେ ଏବେ କେଉଁ ନଦୀ କୂଳରେ ବିରାମ ମୁଦ୍ରାରେ
ଲାଇବ୍ରେରୀର ଆରାମ ଚେୟାରରେ ।
ଯେବେ ଗତିପଥର ସବୁ ଟ୍ରେନ ନାରଖାର , ବସର ଜ୍ୱଳଂତ କଂକାଳ
ରାସ୍ତାର ଦୁଇପାଖ ସୌଂଦର୍ଯ୍ୟ ପଥର
ମୁଣ୍ଡ ଫଟାଇ ସାରିଛି ରକ୍ଷୀଂକର
ସେମାନେ ଗବେଷଣା କରିବେ ରକ୍ତର ଡିଏନଏ ଉପରେ
କାହାକୁ ଲୁଚାଇ ରଖିଲା କାଂଥ
ଆକ୍ରମଣକାରୀ ନା ଆକ୍ରାଂତ ।
ହେ ମୋର ଜାତୀୟ ପତାକା ନାଚାର ସାକ୍ଷୀ
ଏଇ ଛିଛିକାର ରେରେକାର ରକ୍ତପାତ ଜ୍ୱଳନର ବିମୂଢ଼ ଦର୍ଶକ
ହେ ମୋର ଦେଶମାତୃକା
ଜାତୀୟ ପତାକାର ଦୃଶ୍ୟ କ'ଣ ପୋଛିପାରିବ
ଆଜି ଇଡ଼ି ଯାଇଛି ଯେତେ ରକ୍ତ ।
***

**ଡ. ବୀଣାପାଣି ଦେବତା,** ଏମ.ଏ, ଏମ.ଫିଲ୍**,** ପିଏଚଡି । ପ୍ରକାଶିତ ପୁସ୍ତକ: କବିତା ସଂକଳନ: ବୀଜବପନ**,** ନଦୀତମା**,** ଅଂତହୀନ ଶାଂତିନିକେତନ; ପ୍ରବଂଧ ସଂକଳନ: ମହାକବିର ଅଂଗୀକାର ଓ ଅନ୍ୟାନ୍ୟ ପ୍ରବଂଧ**,** ଲୋକସାହିତ୍ୟ ସପକ୍ଷରେ**,** ବଂଗଳା ଭାଷାରେ ଅନୂଦିତ ହୋଇ ପ୍ରକାଶ ପାଇଛି**,** ବାଁଚୋ ନଦୀର ମତୋ ବାଁଚୋ**,** କବିତା ସଂକଳନ ଓ ପ୍ରବଂଧ ସଂକଳନ ଓଡ଼ିଆ ଓ ବାଂଲା ଲୋକଗୀତି । ପୁରସ୍କାର: ବିଦ୍ୟାପୁରୀ କବିତା ପୁରସ୍କାର**,** ଉତ୍କଳ ସାହିତ୍ୟ ସମାଜ ସମ୍ମାନ**,** ଶ୍ରେଷ୍ଠ ଲେଖକ ପୁରସ୍କାର ସପ୍ତର୍ଷି, ଜୁନିଅର ଫେଲୋସିପ**,** ସଂସ୍କୃତି ବିଭାଗ ଭାରତ ସରକାର**,** ଟ୍ରାଭେଲ ଗ୍ରାଣ୍ଟ ସାହିତ୍ୟ ଏକାଡେମୀ ଇତ୍ୟାଦି । କୋଲକାତାରେ ରହନ୍ତି ।

.

Srujan ISSN 2976-9329

# ଓଃ, ସେଇ ଫାଲ୍‌ଗୁନ

ସମରେନ୍ଦ୍ରନାଥ ମହାପାତ୍ର

ସବୁଜ ସବୁଜ ଦିଶେ ସବୁ ସ୍ୱପ୍ନ
ମନ ତଳେ ବହିଯାଏ ନଈଟିଏ
ସେ ପରା ଫାଲ୍‌ଗୁନ !
ନା ମେଘ ଥାଏ ଆକାଶରେ
ନା କୁହୁଡ଼ି ଥାଏ ସାମ୍ନାରେ
ପେଣ୍ଡା ପେଣ୍ଡା ଫୁଲ ଖାଲି
ଝୁଲୁଥାଏ ଡାଳରେ !
ପବନରେ ଖେଳିଯାଏ ସୁଗନ୍ଧର ଲହର
ଇଚ୍ଛାମାନେ କଙ୍କି ପରି
ଉଡୁଥାନ୍ତି ଉଲ୍ଲାସରେ
ବସିଯାନ୍ତି କେବେ କେବେ
ଓଠର ମଧୁଶାଳାରେ
ଫାଲ୍‌ଗୁନରେ ନିଆଁ ଲାଗେ
ଦେହରେ ମନରେ
ଜଳିଯାଏ ପେଟ ଆଉ
ପେଟ ତଳ ଗାଆଁ
ସେ କେଉଁ କ୍ଷୁଧାର ଅମାପ ତାତିରେ ।

***

Srujan ISSN 2976-9329

# ଶୁଣିଚ?

## ସମରେନ୍ଦ୍ରନାଥ ମହାପାତ୍ର

ନିର୍ଜନ ରାତିରେ ଯେବେ
ନଦୀ କାନ୍ଦେ କଇଁକଇଁ
ପାହାଡ଼ ଛାତିରେ ମଥା ରଖି
ଝରଣା ଯାଏ ବହି
ଆକାଶ ନିରବ ରହେ
ଜହ୍ନ ମଳିନ ପଡ଼େ
ବାଦଲ ଢାଙ୍କିଦିଏ
ଦିକି ଦିକି ଜଳୁଥିବା ତାରାଙ୍କ ମେଖଳା
ବିମର୍ଷ ହେଇଯାଏ ପୃଥିବୀ
ବିରହୀ ହୃଦୟର ଦୁଃଖ ଭାର ବୋହି
କେବେ ଦରଫୁଟିଲା ସ୍ୱପ୍ନଙ୍କୁ ଛିଣ୍ଡେଇ
ଅତୃପ୍ତ ଇଚ୍ଛାମାନେ ହସୁଥାନ୍ତି ତ
ନିରବିଯାଏ ଅସହାୟ କବିଟିଏ
ବୃନ୍ତଚ୍ୟୁତ ଶବ୍ଦମାନଙ୍କୁ
ଗୁନ୍ଥି ନ ପାରି,
ବିଦୀର୍ଣ୍ଣ କ୍ଷତସବୁଙ୍କୁ ଚିପୁଡ଼ି ଚିପୁଡ଼ି
ସରିପାରେନା
କବିତାର ଶେଷ ଧାଡ଼ି ।
***

**ସମରେନ୍ଦ୍ରନାଥ ମହାପାତ୍ର,** ଏମ୍ଏ, କବି, ଲେଖକ, ସମ୍ପାଦକ, ଝର୍କା, ଶ୍ରଦ୍ଧା ପବ୍ଲିକେଶନର ମୁଖ୍ୟ । ଉଭୟ ଓଡ଼ିଆ ଓ ଇଂରାଜୀରେ ଲେଖନ୍ତି । ତାଙ୍କର ଅନେକ ଲେଖା ଭାରତ ଓ ଭାରତ ବାହାରେ ପ୍ରକାଶିତ । ବାଲେଶ୍ୱରରେ ରହନ୍ତି ।

# କବିତା କଦମ୍ବ

SRUJAN
The Creativity Journal
Srujan ISSN 2976-9329

**ଗୀତା ଷଡ଼ଙ୍ଗୀ**

କବିତାର କବଚ କୁଣ୍ଡଳ ପିନ୍ଧି
ତମାମ୍ ଜୀବନ ସରି ଯାଉଛି ମୋର
ତମରି ଅପେକ୍ଷାରେ,
ହେଲେ ତମକୁ ପାଇ ବି
ପାଇ ପାରୁନାହିଁ
ଦେଖି ବି ଦେଖି ପାରୁନାହିଁ
ଛୁଇଁ ବି ଛୁଇଁ ପାରୁନାହିଁ
ଏ କ'ଣ ଭାଗ୍ୟର କ୍ରୂର ଉପହାସ ?
ଦୂର ପର୍ବତ ସୁନ୍ଦର ପରି
ତମେ ସେମିତି ଶ୍ୟାମଳ ସୁନ୍ଦର
ରହିଥାଅ ମୋ ଆଖିରେ
ପାଖକୁ ଆସିଲେ ହୁଏତ
ତମେ ମତେ କିମ୍ବା ମୁଁ ତମକୁ
ଏତେ ସୁନ୍ଦର ନ ଲାଗି ପାରୁ ।
ମୁଁ ପରାଗ ରେଣୁ ବିଞ୍ଚି ଚାଲିଥାଏ
କବିତାରେ କବିତାରେ
ତମେ ସେଇ ରେଣୁ ମାଖି ହୋଇ
ଅତୀବ ସୁନ୍ଦର ଦିଶ
ଆଖି ପାଉ ନଥିବା
ଦୂର ଦିଗବଳୟର
ମେଞ୍ଚାଏ ଅନ୍ଧାରରୁ
ତମେ ଜହ୍ନ ପରି
ଉଠିଆସ ଆକାଶକୁ ।
ମୁଁ ଆଲୋକିତ ହୁଏ
ତମ ଜ୍ୟୋତ୍ସ୍ନାରେ ଭିଜେ
ଆଉ ଖୁବ୍ ବେଶୀ କବିତା ଲେଖେ
ଜ୍ୟୋତ୍ସ୍ନା ରାତିରେ ଦେହରେ ମୋର
କବିତାର କଦମ୍ବ ଫୁଟେ
କଦମ୍ବର ବାସ୍ନାରେ ନଈପାଣି
ଉଚ୍ଛୁଳି ଉଠି ଉଜାଣି ବହିଯାଏ
ତମେ ପୁଣି ମିଶିଯାଅ ଦୂର ଦିଗ୍‌ବଳୟରେ
ସକାଳକୁ ନା ନଈ ଥାଏ ନା କଦମ୍ବ ବୃକ୍ଷ ।
***

# ମୃଣ୍ମୟୀ

Srujan ISSN 2976-9329

ଗୀତା ଷଡ଼ଙ୍ଗୀ

ନାରୀଟିଏକୁ
ଲକ୍ଷ ବିନ୍ଦୁ କରି
ପୁରୁଷଟିଏ କ'ଣ
ପଇଁତରା ମାରୁଥାଏ
ତାର ପରିଧିରେ
ପକ୍ଷୀଟିଏ ପରି?
ନାରୀଟିଏ ର
ଶରୀରରେ କ'ଣ ଖାଲି
ଶିହରଣ ଥାଏ, ସୀତ୍କାର ଥାଏ
ତା ଶରୀରର ଭାଷା
ତା'ର ଉଚ୍ଚାରଣ
କେବଳ କ'ଣ ପୁରୁଷ ବୁଝେ?
ନାରୀଟିଏ ର
ମନ କ'ଣ ଏକ ମୃଣ୍ମୟ କଣ୍ଢେଇ
ଯିଏ ପୁରୁଷ ହାତର
ସାମାନ୍ୟ ଆଘାତରେ
ଭାଙ୍ଗି ଯାଉଥାଏ
ଖଣ୍ଡ ଖଣ୍ଡ ହୋଇ?
ଅଶୋକ ବନର ଶୋକ
ଭୋଗୁଥାନ୍ତି କ'ଣ
ପ୍ରତ୍ୟେକଟି ନାରୀ
ଅଗ୍ନି ପରୀକ୍ଷା ଦେଉଥାନ୍ତି
ମାଟିକୁ ଫାଟିଯା' ବୋଲି
କହୁଥାନ୍ତି ?
ମର୍ଯ୍ୟାଦା ପୁରୁଷୋତ୍ତମର
ଶିରସ୍ତ୍ରାଣ ପିନ୍ଧି
ପ୍ରତିଟି ପୁରୁଷ ପଠାଇପାରନ୍ତି
ଗର୍ଭବତୀ ପତ୍ନୀକୁ
ଅକାରଣେ ଅବା ସକାରଣେ
ଅଗନା ଅଗନି ବନସ୍ତକୁ ?

***

# ସୁନ୍ଦର ଖରାର ଦୃଶ୍ୟ

Srujan ISSN 2976-9329

**ଗୀତା ଷଡ଼ଙ୍ଗୀ**

ଛାଇ ଛାଇ ନିଦରେ ଲାଗୁଛି ଯେମିତି
ମନ ମୁକୁଳି ଯାଉଛି ଯନ୍ତ୍ରଣାରୁ
କାହାର ମୋହନ ଇଙ୍ଗିତରେ
ଟାଣି ହୋଇ ଯାଉଛି ମୁଁ
ଜାଣେ ନାହିଁ କାହା ଆକର୍ଷଣରେ
ବାଧା ବନ୍ଧନ ମାନୁନାହିଁ ଏ ମନ
ସୁନ୍ଦର ସକାଳଟିଏ
ଝର୍କା ସେ ପାଖରେ
ସ୍ୱାଗତ କରୁଛି ସତେକି
ମୁଁ ଝର୍କା ଖୋଲି ପଦାକୁ ଚାହିଁଲି
ଏତେ ସୁନ୍ଦର ଖରାର ଦୃଶ୍ୟ
କାହିଁ ଆଗରୁ ତ କେବେ ଦେଖି ନଥିଲି ?
ମୋ ବିଫଳତା, ମୋ ଚପଳତା
ମୋ ବିବଶତା, ମୋ ହାହାକାର
ସବୁ ଯେମିତି ଉଭେଇ ଯାଇଛି
ମୁଁ ଏକ ଲମ୍ବା ପ୍ରଶ୍ୱାସ ନେଲି
ଛାତିରେ ଛାତିଏ ପ୍ରାଣବାୟୁ
ଭରିଗଲା ସତେକି
ଦୀର୍ଘ କାଳରାତ୍ରିର ତା'ହେଲେ
ହୋଇଗଲା ଅବସାନ
ମୁଁ ସ୍ୱଗତୋକ୍ତି କଲି।
ଆଖି ପାଉ ନଥିବା ଦିଗ୍‌ବଳୟରୁ
ଲୋହିତ ସୂର୍ଯ୍ୟ ଏବେ ଏବେ
ଉଠି ଆସିଛି ଆକାଶକୁ
ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଛି
ତା'ର ଲୋହିତ ଆଭା
ପକ୍ଷୀଙ୍କର କିଚିରି ମିଚିରି
ଦୂର ଦେବାଳୟରୁ
ଆଳତିର ଘଣ୍ଟ ଘଣ୍ଟା ଶବ୍ଦ
ପବନରେ ଭାସି ଆସୁଛି ଧୀରେ
ମୁଁ ପ୍ରାତଃ ସୂର୍ଯ୍ୟଙ୍କୁ ପ୍ରଣିପାତ ହୋଇ
ବାହାରି ପଡ଼ିଲି ନୂତନ ଜୀବନ ଯାତ୍ରାରେ ।

***

# ହଳେ ହାତ

SRUJAN
The Creativity Journal
Srujan ISSN 2976-9329

## ଗୀତା ଷଡ଼ଙ୍ଗୀ

ହଳେ ହାତ ପ୍ରଣାମ ମୁଦ୍ରାରେ
ଉଠୁଥାଏ ଉପରକୁ
ହଳେ ହାତ ହାଣୁଥାଏ କୁରାଢ଼ିରେ
ନିରପରାଧ ଉପକାରୀ ବୃକ୍ଷକୁ
ହଳେ ହାତ ଆଗେଇ ଆସୁଥାଏ
ଆଶ୍ୱାସନାରେ, ଆପଣାପଣରେ
ହଳେ ହାତ ହିଂସା ରଚୁଥାଏ
ହଳାହଳ ଯାଚୁଥାଏ
ଧର୍ମର ନାଁ ରେ।
ହଳେ ହାତ ପିଠି ଥାପୁଡ଼ୋଉଥାଏ
ହୋସଲା ବଢ଼ାଉଥାଏ
ହଳେ ହାତ ପଛକୁ ଟାଣୁଥାଏ
ଆଗକୁ ବଢିବାରେ
ଅନ୍ତରାୟ ହେଉଥାଏ
ହଳେ ହାତ ଆଗେଇ ଆସି
ଲୁହ ପୋଛି ଦେଉଥାଏ
ଅପରର ଆଖିରୁ
ହଳେ ହାତ ଛୁରା ମାରୁଥାଏ
ବନ୍ଧୁତା ଆଳରେ ପଛରୁ ।
ପ୍ରଣାମ ସେ ହାତକୁ
ଯିଏ ବନ୍ଧୁକ ଚଳାଇ
ଶେଷ ନିଃଶ୍ୱାସ ଯାଏଁ
ଦେଶକୁ ରକ୍ଷାକରେ
ପ୍ରଣାମ ସେ ହାତକୁ
ଯିଏ ଲଙ୍ଗଳ କାନ୍ଧିଧରି
କ୍ଷେତରେ ଖଟି
ବିଶ୍ୱକୁ ଆହାର ଯୋଗାଏ
ପ୍ରଣାମ ସେ ହାତକୁ
ଯିଏ ନିଃସ୍ୱାର୍ଥ ସେବାକରେ
ପରୋପକାର କରେ
କାରଣ ସର୍ବୋପରେ
ପରୋପକାରାୟ ସ୍ୱର୍ଗାୟଃ ।

***

**ଗୀତା ଷଡ଼ଙ୍ଗୀ,** ଏମ୍.ଏ, ବି.ଏଡ୍, ଭୁବନେଶ୍ୱର । ପ୍ରକାଶିତ ପୁସ୍ତକ: କବି ବନାମ କବିତା, ତଥାପି ଅନ୍ଧାର, ଗୀତା ଗୀତିକା, ଭକ୍ତି ଗୀତା, ଜୀବନ ଗୀତା, ନଟ(କବିତା) ଯନ୍ତ୍ରସ୍ଥ । ସମ୍ମାନ: ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ଫାଉଣ୍ଡେସନ ଡେ ଟ୍ରଫି, ଶ୍ୱେତ ସଂକେତ ଲେଖିକା ସମ୍ମାନ, ସୁବାର୍ତ୍ତା ଶ୍ରେଷ୍ଠ କବି ସମ୍ମାନ, ଷଷ୍ଠ ବୌଦ୍ଧ ମହୋତ୍ସବ ଲେଖିକା ସମ୍ମାନ, ସୁଲେଖା ସାରସ୍ୱତ ସମ୍ମାନ, ସାହିତ୍ୟଶ୍ରୀ ସମ୍ମାନ, ଭାଷା ଆନ୍ଦୋଳନ ଓଡ଼ିଶା ସମ୍ମାନ, ମୁମ୍ବାଇ ଓଡ଼ିଆ ସମାଜ, ବମ୍ବେ ଓଡ଼ିଆ ଓମେନସ୍ ଆସୋସିଏସନ୍ ପ୍ରବାସୀ ସାହିତ୍ୟ ସମ୍ଭାର ଦ୍ୱାରା ସମ୍ବର୍ଦ୍ଧିତ।

# Siba Panigrahi: A Maestro Whose Brush Unleashed Dreams

SRUJAN
The Creativity Journal
Srujan ISSN 2976-9329

## Sanjay Bhatt

In the beautiful village of Kuliana, in the heart of Mayurbhanj district, a creative genius was born in 1943. Siba Panigrahi, a name that would resonate through the annals of Odisha's art history, embarked on a journey that would redefine the boundaries of artistic expression. While his canvas embraced various themes, it was his lifelong dedication to two series - 'Dreamscapes' and 'Dream in the Sky' - that would leave an indelible mark on the world of visual art.

Siba Panigrahi's artistic odyssey began with his first solo exhibition in Katak in 1963, a prelude to a career that would see his works grace the walls of galleries both within and beyond India's borders. His vibrant depictions of dreams found homes in art galleries across Odisha and far beyond.

As an educator, Panigrahi served as the Head of the Department of Painting at B.K. College of Art and Crafts in Bhubaneswar, shaping the artistic aspirations of future generations. His contributions also extended to leadership, where he headed the State Lalit Kala Akademi from 2013 to 2015.

Awards and accolades flowed in recognition of his extraordinary talent. The National Akademi Award in 1996, the State Lalit Kala Akademi Award in 1960, the Sarala Puraskar, and the Best Visual Artist of the State award presented by the Chief Minister in 1972 all adorned his illustrious career. Most recently, his name was poised to receive the prestigious Odisha Dharmapada Award, the highest honor bestowed by the State Government for a lifetime of achievements in the realm of fine arts.

Siba Panigrahi, the virtuoso of the canvas, wielded his brush like a magician conjuring spells. His art transcended the ordinary, inviting us into a world where colors breathed and emotions took shape. With a pelette as diverse as his boundless imagination, he breathed life into dreams and emotions on the canvas of existence.


the sky


Dream in the sky
SIBA PANIGRAHI 08

..


Dream in the sky
SIBA PANIGRAHI 08


..


Dream in the sky
SIBA PANIGRAHI 08


Dream in the sky

…


Dream in the sky



..

In the realm of visual art, Siba Panigrahi was a visionary. His works wove symphonies of colors, each hue narrating a tale, every shade summoning an emotion. His canvases acted as portals to alternate dimensions, where the commonplace met the extraordinary.

With each masterpiece, Siba Panigrahi beckoned us to plumb the depths of our own souls. His art whispered the secrets of the human experience, from the rapture of love to the pangs of solitude. Each painting was a journey, an odyssey of emotions that etched an indelible impression upon the viewer's heart.

Siba Panigrahi's visual art was not bound by the constraints of time or space. It was a fusion of cultures and ideas, a celebration of diversity and unity. His brush strokes served as a bridge spanning the past and the future, a testament to the enduring potency of human creativity.

As we stood before his canvases, we were reminded that art was not merely a mode of expression but a bridge—a bridge between the artist and the observer, a bridge between the visible and the invisible. Siba Panigrahi's work served as a testament to the enduring influence of art to transcend boundaries and touch the core of our shared humanity.

In the world of visual art, Siba Panigrahi was a luminary, a painter whose creations would continue to inspire and resonate with generations to come. His legacy was not merely in the strokes of his brush but in the emotions he stirred and the narratives he wove. He was more than an artist; he was a storyteller of the human experience, and his stories would echo in the hearts of all who gazed upon his works.

***

**Sanjay Bhatt** is an author and creative painter. He studied at the BK College of Arts in Bhubaneswar, inspired by Dr Dinanath Pathy. He lives in Odisha.

# ଗଣ୍ଡଭୈରବ

Srujan ISSN 2976-9329

## ମୋନାଲିସା ଜେନା

ଫେରିଲାବେଳକୁ ଛାଡ଼ିହେଲାନି ସେଇ ସୁଗନ୍ଧୀ ମାଲାଗାସୀ ରୋଜଉଡ୍ ଗଛଟିକୁ। କେତେ ସ୍ମୃତି ସତରେ, ସେଇ ବିଶାଳ ବୃକ୍ଷର ସ୍ନିଗ୍ଧଛାୟାରେ ! ଶୀତ ସକାଳରେ ତା'ରି ମୂଳରେ ଚାହା ପରଶିଦିଏ ୟୁନିଫର୍ମପିନ୍ଧା ପରିଚାରକ ।

ଏଇ ରାଷ୍ଟ୍ରଦୂତଂକର ସମ୍ମାନ ବହୁତ । ଦୁଃଖ ଏତିକି ଯେ ଏଇ ସୁବିଧା ସୁଯୋଗଗୁଡ଼ିକ ଚିରସ୍ଥାୟୀ ହେଇପାରେନି ।

ମେହୋଗାନୀ ଗଛସାରା ଡାଳରେ ଡାଳରେ ବସିଯାନ୍ତି ଆସି ହଜାରେ ଚଢ଼େଇ ସକାଳସଞ୍ଜରେ, ସବୁଜ ପତ୍ରଗହଳରେ । ସହଜରେ ଧରିହୁଏନି, କୋଉ ଚଢ଼େଇ ରାବେ ଆଉ କୋଉ ଚଢ଼େଇ ଗୀତ ଗାଉଥାଏ । ତେବେ ଫେରିବାଦିନ ପାଖେଇ ଆସିଲାବେଳକୁ ମନ ମାନୁନଥାଏ, ଗଛଟି ପ୍ରତି ବଢ଼ିଉଠୁଥାଏ ଆହୁରି ତୀବ୍ର ଆକର୍ଷଣ। ଗଲାବେଳକୁ ନିଜ ସାଥିରେ ନେଇ ଯାଆନ୍ତେନି ଗଛଟାକୁ ବି ?

ଶେଷରେ ସେ ଠିକ୍ କଲେ ଗଛଟିକୁ କଟେଇ ନେଇଯିବେ ।

ସେ ଜଣେ ରାଷ୍ଟ୍ରଦୂତ, ତାଂକ ପାଇଁ ଅସମ୍ଭବ କିଛି ନୁହେଁ । ଖବର ନେଇ ନିର୍ଣ୍ଣୟ ନେଲେ ଗଛଟାକୁ କଟେଇ ଗଡ଼ଗଡ଼କରି ପଠେଇଦେବେ ଇଣ୍ଡିଆ । ସେଇ ଦାମୀକାଠରେ ଗଢ଼େଇନେବେ ଦୁର୍ଲଭ ଆସବାବପତ୍ର ନିଜ ମନମୁତାବକ ।

ଗଛଟା ଶେଷରେ ହଣାଗଲା। ରାଷ୍ଟ୍ରଦୂତଂକର ହତାରେ ଚଢ଼େଇମାନେ ଛାଇଗଲେ । କୁଆଡ଼େ ଆଉ ବୋହିନେବେ କାଠିକୁଟାର ସଂସାର ? ଭାଗ୍ୟକୁ ବାପ ଅଜାଙ୍କ ଅମଳର ସମ୍ପତ୍ତି ଠୁଳହେଇନି ନହେଲେ ହିଆ ଭାଙ୍ଗିଯାଇଥାନ୍ତା ଏଇ ଦୁର୍ବିପାକରେ । ହତା ବାହାରେ ଠିଆ ହେଇ ଆଖିରେ ଆଖିଏ ଲୁହନେଇ ଦେଖଣାହାରିଙ୍କ ସମାଗମ। କାହାରି ମୁହଁରେ ଭାଷା ନାହିଁ ।

ଗଛଟା ଶେଷକୁ ଗଡ଼ଗଡ଼ ହେଇ ବୁହାହେଉଥିଲା ବେଳେ ପଛେପଛେ ପିଛା କରିଚାଲିଥିଲେ ଚଢ଼େଇମାନେ, ମଣିଷମାନେ, ଯେମିତି ମେହୋଗାନୀର ଶବ ଶୋଭାଯାତ୍ରା ! କିନ୍ତୁ ରାଷ୍ଟ୍ରଦୂତଂକର କଥା, କିଏ ମୁହଁ ଫିଟେଇ କହିପାରିବ ପଦେ ?

ଗଛଟା ଏଡେ ପ୍ରକାଣ୍ଡ ଯେ ପାଞ୍ଚଟା ଗଡ଼ହେଲା ଦଶଫୁଟରୁ ବାରଫୁଟ ଲେଖାଏଁ ଲମ୍ବ । କିନ୍ତୁ ଏସବୁ ଇଣ୍ଡିଆ ଆଣିବା ସମ୍ଭବ ହେଲାନି କୌଣସି ଉପାୟରେ । ହେଲେ ସେ ବି କୋଉ ଛାଡ଼ିଦେଲା ଭଳି ଦୁର୍ବଳ ବ୍ୟକ୍ତି ? ଯେ କୌଣସିମତେ ଅନ୍ତତଃ ସବୁଠାରୁ ବଡ କାଠଟା ନେଇଆସିଲେ ଲଗେଜରେ ।

ଗଣ୍ଡଭୈରବର ପ୍ରକାଣ୍ଡ ଅଣ୍ଡାଟା ସିନା ଡ୍ରଇଂରୁମକୁ ଚାଲି ଆସିଲା, କାଠଗଡ଼ପାଇଁ ଜାଗା ହେଲାନି, ଓଜନିଆ ଗଡ଼ଟା ଅନେକ ଦିନ ଧରି ପଡ଼ିରହିଲା। ଯିଏ ଆସିଲା ସିଏ ଶୁଣିଲା ଏକଦା ଆମ୍ବାସାଡର ଥିବା କରିତ୍କର୍ମାଙ୍କର ବାହାଦୁରିର ବିବରଣୀ ।

କିଛିଦିନ ପରେ ଯେତେବେଳେ ସିଏ  ଆସବାବପତ୍ର ଗଢ଼େଇବାକୁ ବସିଲେ ସେତିକିବେଳେ ହିଁ ଉପୁଜିଲା ସମସ୍ୟା । ସହର ଭିତରେ ସ' ମିଲ୍ ନାହିଁ । ଦଶ କିଲୋମିଟର ଦୂର ସ' ମିଲରେ ପଟା ଚିରେଇଲେ ଯାଇ ଗଢ଼ାହେବ ମନପସଂଦ ଜିନିଷ । ସେଥିଯୋଗୁଁ ଅସୁବିଧା । ଫରେଷ୍ଟ ଆଇନ କଡ଼ା । ତେବେ ଏହି ସମୟରେ ସାହାଯ୍ୟ କରିବାକୁ ଆଗେଇ ଆସିଲେ ଆୟକର ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ବନ୍ଧୁ ଜଣେ ।  କାଠ ଲଦାହେଇ ଯାଉଥିବା ଗାଡ଼ିକୁ ସୁରକ୍ଷା ଦେଇ ଟାକ୍ସ ଇନସ୍ପେକ୍ଟରଙ୍କ ଜିପ୍ ଆଗେଆଗେ ଚାଲିଲା । ଯେଉଁ ଅଫିସରଙ୍କର ଚଢ଼ଉ ହେବ, ସେଇଠି ଇନକମଟାକ୍ସବାଲା ବି ମାଡ଼ିବସିବେ । କୋଉ ଅଫିସର ସଚ୍ଚୋଟ ଯେ ସାମ୍ନା କରିବେ !

ଅନାୟାସରେ କାଠଗୋଲାରେ କାଠପଟା ଚିରାହେଇ ଆସିଲା । ରାଷ୍ଟ୍ରଦୂତଂକର ଖୁସି କହିଲେ ନସରେ । ସବୁ ତାଙ୍କର ଆୟତ୍ତରେ, ଏପରିକି ଅବସର ପରେ ବି ।

ମାତ୍ର ଯେତେବେଳେ ବଢ଼େଇଦଳ ଆସିଲେ, ସେମାନେ କହିଲେ  - ଏ କାଠ ବହୁତ ଶକ୍ତ, ଆମେ ଗଢିପାରିବୁନାହି, ଆମର ଯନ୍ତ୍ରପାତି ଭାଙ୍ଗିଯିବ ।

ଅବସରପ୍ରାପ୍ତ ରାଷ୍ଟ୍ରଦୂତ ଏଯାଏଁ ଆସି ହାତ ଛାଡ଼ିଦେବେ କେମିତି ବି ? ଶେଷରେ ବୁଝାବୁଝିକରି ଦିଲ୍ଲୀରୁ ବଢ଼େଇ ଡକେଇଲେ ଯେଉଁମାନେ  ବେଶ୍ ଧୁରନ୍ଧର - ଆଧୁନିକ ହତିଆରପାତି ବି ମହଜୁଦ ।

ସେମାନେ କହିଲେ - ଆମକୁ ପ୍ରଥମ ଶ୍ରେଣୀ ରେଳଟିକେଟ ଦିଅ ନହେଲେ ଉଡାଜାହାଜର ଟିକେଟ ।

ସାଇବ ଟିକେଟ ପଠେଇଲେ ।

ସେମାନେ ଦଶଦିନ ତାଙ୍କଘରେ ଅତିଥି ହେଇ ଗୋଟେ ପ୍ରକାଣ୍ଡ ଆଲମିରା ଗଢ଼ି ଫେରିଲେ । ସେମାନଂକ ପାଇଁ ପ୍ରତିଦିନ ଘରେ ପୂଝାରୀକୁ ଡାକି ରୋଷେଇ ହେଉଥିଲା। କିନ୍ତୁ ଆଲମିରାରେ କମକୁଟ କରିପାରିବେନି ବୋଲି ସେମାନେ ସିଧାସିଧା କହିଦେଲେ । ସେସବୁ ପାଇଁ ମାସେ ସମୟ ଲାଗିବ ।

ମାସେ ନପୂରୁଣୁ କିନ୍ତୁ ଅବସରପ୍ରାପ୍ତ ରାଷ୍ଟ୍ରଦୂତଂକର ଅସୁବିଧା ଆରମ୍ଭ ହେଇଗଲା । ଘରର ବିରାଟ ଅଂଶଟା ମାଡ଼ିବସିଥିଲା ଏଇ ଭାରୀ ଆଲମିରାଟା । ବାହାର ବାରଣ୍ଡାକୁ ଆବଦ୍ଧକରି ସେଠିକୁ ନିଆଗଲା । କିନ୍ତୁ ମେହୋଗାନୀ ତ ! ମସୃଣ ପଟା ଛଡ଼ା ଦେଖଣାହାରିଙ୍କର ଆଗ୍ରହ ସେତେ ନାହିଁ । ଘରଲୋକମାନେ ତ ଭିତରେ ଭିତରେ ବିରକ୍ତ ହେଲେ, ଏ ଭିତରେ ପୁଣି ପିମ୍ପୁଡି ଆଉ ଉଇମାନେ ଆଲମିରାକୁ ଲୋଭ କଲେ ।

ଦିନେ ଛାତ ଉପରେ ଥାଇ ଦେଖିଲେ ତାଂକର ପାଚେରିକୁ ଲାଗି ଘର କରିଥିବା ସାଇକେଲ ମେକାନିକର ଘରେ ଭିଡ଼ ଜମିଛି । ଟିଭି କାମେରା ବି ଅନେକ । ଟିଭିବାଲାଂକୁ ଅନେକଥର ସେ ଜଣେଇଛନ୍ତି ଏଇ ଦୁର୍ଲଭ ମେହୋଗାନୀର ଆମଦାନୀ ବୃତ୍ତାନ୍ତ ନେଇ ଗୋଟେ ଷ୍ଟୋରୀ କରିବାକୁ, ହେଲେ ଆଜିକାଲି କରି ସେମାନେ ଆଡ଼େଇ ଚାଲିଛନ୍ତି । ଅଥଚ ଏଇ ଭିକାରି ମେକାନିକର ଘର ସାମ୍ନାରେ ଏତେ ଭିଡ଼ କାହିଁକି ଏଇ ବିଳଂବିତ ସଂଧ୍ୟାରେ ? ଘରର ବୋଲହାକ କରୁଥିବା ଶଂକରଠୁ ବୁଝିଲେ ଲୋକଟାର ଝିଅଟି ମାଟ୍ରିକ ଟପର ହେଇଛି। ଦେଖିଲେ, ସେ ମାମୁଲି ସାଇକେଲ ମେକାନିକଟାକୁ ସେମାନେ ପ୍ରଶ୍ନ ପଚାରି ଚାଲିଛନ୍ତି କାରଣ ଝିଅଟି ସେଯାଏଁ ମାମୁଘର ଗାଁରୁ ଫେରିନାହିଁ ।

ରାଷ୍ଟ୍ରଦୂତଙ୍କୁ  ଖୁବ ଅସହ୍ୟ ହେଲା ଦୃଶ୍ୟଟା। ସାମାନ୍ୟ ମେକାନିକର ଘର ଆଗରେ ଏତେ ଭିଡ଼ ? ଦିନେ ସେଇ ଝିଅଟା ଦେଖିବାକୁ ଆସିଥିଲା ମାଲାଗାସରୁ ଆସିଥିବା ଗଛଟାକୁ  ଆଉ ସେଥିସହିତ ଡ୍ରଇଂରୁମ୍‌ରେ ଥୁଆ ଗଣ୍ଡଭେିରବର ଅଣ୍ଡାଟାକୁ ଛୁଇଁ  ତା ଭିତରେ ପ୍ରାଣ ଅଛି କି ନା ପରଖିବାକୁ ! ଗଲାବେଳେ କହିଗଲା -  ଅଙ୍କଲ୍, ମୁଁ ବି ଦିନେ ଆମ୍ବାସାଡର ହେବି ଆପଣଂକ ପରି !

ଆସ୍ପର୍ଦ୍ଧା ତ କମ୍ ନୁହେଁ କିଛି  !

ସେଦିନ ସେ ରାତିସାରା ଚେଇଁରହି ଭାବିଚାଲିଥିଲେ ଏ କଥାଟାକୁ ।

ଆଜି ବି ସଂଜ ଗଡ଼ି ରାତି । ଏବେ ଦୋତାଲା ଛାତ ଉପରୁ ସେ ଆଜି ତାଙ୍କ ଡେଙ୍ଗା ପାଚେରିଟାକୁ ଲାଗି ଛିଡ଼ା ହେଇଥିବା ଚାଳଘର ଦୁଆର ମୁହଁରେ ଜମିଥିବା ଭିଡ଼କୁ ଚିହ୍ନଟ କରୁକରୁ ତାଙ୍କୁ ଲାଗିଲା, କିଏ ଯେମିତି ନିଆଁଚେଙ୍କା ମାଡ଼ିଦେଉଛି ଦେହସାରା ତାଙ୍କରି !

ପକେଟ୍‌ରୁ ପଦାକୁ ବାହାର କରିଆଣିଲେ ସିଗାର୍ ପ୍ୟାକେଟ୍ । ଲାଇଟର୍‌ଟା ? ଛାଡ଼ି ଆସିଛନ୍ତି ତଳେ । ବଗିଚାରେ ବୁଲି ବିଡ଼ି ଟାଣୁଥିବା ଶଂକରକୁ ଦେଖି ଦିଆସିଲି ମଗାଇଆଣିଲେ ତା'ଠୁ । ସେ ଫେରିଯିବା ପରେ ସେ ସେଇ ଦୋତାଲା ଛାତ ଉପରର ଗୋଟାଏ କଣପଟକୁ ଚାଲିଗଲେ । ଭାରି ଅସହ୍ୟ ମନେହେଉଥାଏ, ସାଇକେଲ ମେକାନିକର ସେ ଚାଳିଆଟା ପାଖେ ଭିଡ଼ ଦେଖି । ଦିଆସିଲି କାଠିଟେ ଜଳାଇ ଗୋଟେ ଲମ୍ବା ସିଗାରେଟ୍ ମୁହଁରେ ନିଆଁ ଧରାଇଲେ। ତା'ପରେ ଫାଳେ ଆକାଶର ଅନ୍ଧାରରେ ତାରା ଖୋଜୁଖୋଜୁ ସିଗାରେଟ୍‌ଟାକୁ ଦମେ ଶୋଷିନେଇ ଉପରକୁ ଛାଡ଼ିଦେଲେ ପୁଳାଏ ଧୂଆଁ  ! ତାରା ତ ଗୋଟେ ଦିଶୁନଥିଲା, ହେଲେ ସେଇ ଧୂଆଁ ଭିତରୁ ଦିଶିବାକୁ ଆରମ୍ଭ କଲା କମନୀୟ ମୁହଁଖଣ୍ଡେ । ସାଇକଲ ମେକାନିକର ସେଇ ଝିଅଟାର ସେ ମୁହଁ, ଯିଏ ବଡ଼ ସାହସରେ ସେଦିନ କହିଦେଇଥିଲା - ଅଂକଲ୍, ମୁଁ ବି ଦିନେ ଆମ୍ବାସାଡର୍ ହେବି... କଥାଟା ମନେପଡ଼ିଯିବା ମାତ୍ରେ ଆଜି ବି ପୁଣି ନିଆଁ ଚରିଗଲା ତାଙ୍କ ଦେହରେ, ଚରୁଚରୁ ଚଢ଼ିଗଲା ମୁଣ୍ଡକୁ !

ହୁଁ !

ନିଃଶବ୍ଦ ରାତିର ପବନରେ ପହଁରିଗଲା ଯେମିତି ଅବଦମିତ ଅସହିଷ୍ଣୁତାର ଏଇ ଅସ୍ଫୁଟ ଧ୍ୱନିଟା। ହଠାତ୍ ତାଙ୍କ ବାଁ ହାତ ଦି'ଆଙ୍ଗୁଠି ମଝିଟା ପୋଡ଼ିଉଠିଲା । ଆରେ, ଦିଆସିଲି କାଠିଟା ଲିଭିନି ଏଯାଏଁ - ଜଳୁଛି ସେମିତି...

ବୈଶାଖର କୃଷ୍ଣପକ୍ଷ ରାତି ।

ସେଇ ଅଧରାତିରେ ଜଳନ୍ତା ଦିଆସିଲି କାଠିଟାକୁ ସେ ଠିକ୍ ଲକ୍ଷ୍ୟ କରି ଛାଟିଦେଲେ ତଳକୁ, ଯେଉଁଠି ତାଙ୍କ ଭବ୍ୟପ୍ରାସାଦର ପ୍ରାଚୀରକୁ ଆଉଜି ଛିଡ଼ାହେଇଚି ସାଇକେଲ ମେକାନିକର ତୁଚ୍ଛ ଚାଳଛପର ଘର !

ଦେଖୁଦେଖୁ ଟିକିକାଠିର ଦିକିଦିକି ନିଆଁରେ ଜଳିଉଠିଲା ଚାଳଛପରର ଛୋଟକୁଟା ଖଣ୍ଡିଏ... ଲାଲ୍‌ଶିଖାର ଲହର ତା'ପରେ ଆଖିପିଛୁଳାକେ କୁଟାଖଣ୍ଡିକରୁ କ୍ରମେ କୁଦିଚାଲିଲା ନଡ଼ାବିଡ଼ାଗୁଡ଼ାକୁ !

ବାଃ ! ସବୁ ଶେଷ ହୋଇଯାଇଥିବ ସକାଳକୁ... ଜଳନ୍ତା ନିଆଁର ନାଚ ତଳେ ପୋଡ଼ିପୋଡ଼ି ପାଉଁଶଗଦାଟେ ପାଲଟିଯାଇଥିବ,ତାଙ୍କ ଦାମୀ ଆଖିହଳକୁ ଏତେ ଦିନ ହେଲା ଅସନା ଲାଗୁଥିବା ସେ ପାଚେରିପାଖ ଚାଳିଆଟା !

ନା, ଆଉ ଏତେ ରାତି ଯାଏଁ ଏଇଠି ଏମିତି ସେ ଛିଡ଼ା ହେଇ ରହିଥିବାଟା ଅସୁନ୍ଦର। ଆଉ କେଇ ମିନିଟ୍ ପରେ ଉପରକୁ ଉଠୁଥିବା ନିଆଁଧାସରେ ଧରା ପଡ଼ିଯିବ ଦୋତାଲା ଛାତର କଣପଟରେ ଥିବା ତାଙ୍କ ଦୀର୍ଘ ଚେହେରାଟା !

ଧୀର ପଦପାତରେ ସେ ଶିଡ଼ିଘରର ପାହାଚବାଟେ ଛାତ ଉପରୁ ଓହ୍ଲାଇଆସିଲେ ଦୋତାଲାର ଲମ୍ବାବାରଣ୍ଡାକୁ। ଶୋଇବାଘରର ବିରାଟ ପଲଙ୍କ ପାଖକୁ ଆସି ନରମ ଗଦିର ବିଛଣା ଉପରଟାରେ ଲୋଟେଇଦେଲେ ନିଜକୁ । ଗୋଟାଏ ପ୍ରକାରର ଉଲଙ୍ଗ ଉଲ୍ଲାସ ଡେଣା ଫଡ଼ଫଡ଼ କରୁଥାଏ ତାଂକ ଭିତରେ ସେତେବେଳକୁ । ସେଇ ଶବ୍ଦ ଶୁଣୁଶୁଣୁ ଆଖି ମୁଦିହୋଇଆସିଲା ଆସ୍ତେ ।

କିଛି ସମୟ ପରେ ତାଙ୍କର ଘୁଙ୍ଗୁଡ଼ି ଶବ୍ଦ ଭିତରେ ହଜିଗଲା ସେ ରାତିରେ ତଳୁ ଉଠୁଥିବା ବିକଳ କେଇଟି କଣ୍ଠସ୍ୱର ସହ ଆର୍ତ୍ତଚିତ୍କାର... ଅଧା ନିଦ,ଅଧା ସ୍ୱପ୍ନର ଦୋସରା ଦୁନିଆ ଭିତରେ ତାଙ୍କୁ ମନେହେଲା ତାଂକର ଜାଫ୍ରୀଲଗା ଘରେ ଥୁଆହେଇଥିବା ମେହୋଗାନୀ ଆଲମିରାର କବାଟ ଖୋଲିଯାଉଛି ଆପେଆପେ ଆଉ ତା ଭିତରୁ ବାହାରି ଆସୁଛି କାହାର ଛାୟାମୂର୍ତ୍ତି - ଆସି ଟିପଅଗରେ ଛୁଇଁଦେଉଛି ଡ୍ରଇଂରୁମରେ ଥୁଆ ସେ ମସ୍ତବଡ଼ ଅଣ୍ଡାଟାକୁ - ଯାହାକୁ ସେ ନାଆଁ ଦେଇଛନ୍ତି ଗଣ୍ଡଭୈରବର ଅଣ୍ଡା !

କିଏ କହିଲା ଯେ ସେ ଅଣ୍ଡା ଭିତରେ ପ୍ରାଣ ନାହିଁ ?

ଏତେ ଦିନକେ ସେ ଅଣ୍ଡା ଫୁଟି ନିଜର ଅସ୍ତିତ୍ୱ ଘୋଷଣା କରିଛି ଗୋଟାଏ ପ୍ରକାଣ୍ଡ ପ୍ରାଣୀ । ଏଇ ନିଃଶବ୍ଦ ରାତିରେ !

ନରମ୍ ଗଦିର ବିଛଣା ଉପରେ ଘୁମେଇପଡ଼ିଛି ସୁଦୀର୍ଘ ସାଢ଼େ ଛ'ଫୁଟ୍ ଶରୀରର ସେ ଗଣ୍ଡଭୈରବ...

***

**ମୋନାଲିସା ଜେନା,** ଏମ୍ଏ, ଏମବିଏ, ଲେଖିକା, ଅନୁବାଦିକା, ସାମ୍ବାଦିକା । ଗଳ୍ପ, କବିତା, ଭ୍ରମଣକାହାଣୀ, ଉପନ୍ୟାସ ଲେଖନ୍ତି । ଓଡିଆ ସମାଜ ଓ ସଂସ୍କୃତି ଉପରେ ବି ଲେଖନ୍ତି । ପଚିଶରୁ ଅଧିକ ପୁସ୍ତକ ପ୍ରକାଶିତ: କୁଳ ନଥିବା ନଈ, Dasuram's Script, When Ravens Speak and Horses Fly, ଇତ୍ୟାଦି ।

# ମାର୍କୋପୋଲୋ

SRUJAN
The Creativity Journal
Srujan ISSN 2976-9329

## ସୁଧାଂଶୁ ଶେଖର ଦ୍ୱିବେଦୀ

ଭେନିସ୍ ସଂସାରର ସବୁଠୁ ସୁନ୍ଦର ନଗର ମଧ୍ୟରେ ଅନ୍ୟତମ । ସେଠି ଦୁଇ ଭାଇ ରହୁଥିଲେ - ନିକୋଲୋପୋଲୋ ଓ ମାଫିୟୋପୋଲୋ । ଦୁହେଁ ହୀରା ବ୍ୟବସାୟ କରୁଥିଲେ । ସେ ସମୟରେ ଭେନିସ୍ ବ୍ୟବସାୟ କ୍ଷେତ୍ରରେ ଖୁବ୍ ନାମ ଅର୍ଜନ କରିଥାଏ । ନିକୋଲୋ ଓ ମାଫିୟୋ ସ୍ଥିର କଲେ ଦୂର ଦେଶକୁ ଯାଇ ବ୍ୟବସାୟ କରିବେ । ଯାହାଦ୍ୱାରା ଅଧିକ ରୋଜଗାର ହେବ ।

ନିର୍ଣ୍ଣୟ ଅନୁସାରେ ଦୁହେଁ ଘରୁ ବାହାରି ଚାଲିବାକୁ ଲାଗିଲେ । କେତେ କେତେ ପାହାଡ଼, ପର୍ବତ, ଝରଣା, ନଦୀ ଓ ଉଚ୍ଚ ନୀଚ ରାସ୍ତାକୁ ଅତିକ୍ରମ କଲେ । ବହୁଦିନ ପରେ ଦୁହେଁ ବ୍ୟବସାୟର ପୀଠସ୍ଥଳୀ ବୁଖାରା ନଗର(ଉଜବେକିସ୍ଥାନ)ରେ ପହଞ୍ଚିଲେ । ଏତେ ଦୂର ଏବଂ କେତେ କେତେ ଦେଶ ଅତିକ୍ରମ କରିଛନ୍ତି ସେସବୁ ଗଣନା କରିବା ଲାଗି ବର୍ଷ ବର୍ଷ ଅତିବାହିତ କରିବାକୁ ପଡ଼ିଲା । ସେତେବେଳେ ଚୀନ୍‌ରେ ତାତାର (ଉଜବେକିସ୍ଥାନରେ ଅବସ୍ଥିତ । ଏବେ ତା'ର ନାମ ତାତାରସ୍ଥାନ) ସର୍ଦ୍ଦାର କୁବଲେ ଖାଁଙ୍କର ପ୍ରଭାବ ଥାଏ । ସେଠାକାର ରାଜା ବି ସେହି ମହାରାଜା ବି ସେହି ଥାଆନ୍ତି । ତାଙ୍କର ଦୂତମାନେ ଦୁଇଭାଇଙ୍କୁ ପେକିଙ୍ଗ୍ (ବର୍ତ୍ତମାନ ବେଜିଙ୍ଗ୍) ନେଇଗଲେ । କୁବଲେ ଖାଁ ନିକୋଲୋ ଏବଂ ମାଫିୟୋଙ୍କୁ ଖୁବ୍ ସ୍ୱାଗତ ସତ୍କାର କଲେ ।

ଚୀନ୍‌ରେ ୧୦ବର୍ଷ ରହିବାପରେ ଦୁଇଭାଇ ନିଜ ଦେଶ ଇଟାଲୀର ଭେନିସ୍ ନଗରକୁ ଫେରିଲେ । ଭେନିସ୍ ର ଲୋକମାନେ ନିଶ୍ଚିତ ହୋଇ ସାରିଥା'ନ୍ତି ଦୁହେଁ ରାସ୍ତା ମଧ୍ୟରେ କୋଉଠି ମରି ହଜି ଯାଇଥିବେ । ନିକୋଲୋଙ୍କର ପୁଅ ମାର୍କୋପୋଲୋ ଯୁବକ ହୋଇ ସାରିଥା'ନ୍ତି । ସେ ପିତା ଏବଂ କକାଙ୍କଠାରୁ ଯାତ୍ରା ସମ୍ବନ୍ଧୀୟ ଅନେକ କାହାଣୀ ଘଣ୍ଟା ଘଣ୍ଟା ଧରି ଶୁଣିବାକୁ ଲାଗିଲେ । ନିଜ ମନୋବଳ ଦୃଢ଼ କରି ସେ ବି ଦିନେ ସ୍ଥିର କଲେ ଦୂର-ଦୂରାନ୍ତ ଯାଏ ଯାତ୍ରା କରିବେ । ସମୟ ଅତିକ୍ରାନ୍ତ ହେଲା । ନିକୋଲୋ ଏବଂ ମାଫିୟୋ ଦ୍ୱିତୀୟ ଥର ଯାତ୍ରାରେ ବାହାରିଲେ । ଏଥର ତାଙ୍କ ସହିତ ମାର୍କୋପୋଲୋ ମଧ୍ୟ ଥାଆନ୍ତି । ସେମାନେ ପ୍ରଥମେ ଆର୍ମେନିଆରେ ପହଞ୍ଚିଲେ । କିଛିଦିନ ସେଠାରେ ଅବସ୍ଥାନ ପରେ ପୁଣି ଇରାନ୍‌କୁ ଗଲେ । ଇରାନ୍‌ରେ ଅବସ୍ଥାନ ବେଳେ ମାର୍କୋପୋଲୋଙ୍କର ଶରୀର ରୋଗଗ୍ରସ୍ତ ହୋଇପଡ଼ିଲା । ସଂପୂର୍ଣ୍ଣ ସୁସ୍ଥ ହେବାପାଇଁ ପ୍ରାୟ ଗୋଟିଏ ବର୍ଷ ବିତିଗଲା । ତିନିହେଁ ପୁଣିଥରେ ଆଗକୁ ବଢ଼ିଲେ । ଏଥର ମାର୍ଗ ପୂର୍ବାପେକ୍ଷା ଆହୁରି ଦୁଷ୍କର, ଆହୁରି କଠିନ ଥାଏ । ବଡ଼ ବଡ଼ ଘାଟି, ଥଳ କୂଳ ପାଉନଥିବା ନଦୀ, ପ୍ରଶସ୍ତ ମରୁଭୂମି ଅତିକ୍ରମ କରି ସାଢ଼େ ତିନି ବର୍ଷରେ ପେକିଙ୍ଗ୍ ପହଞ୍ଚିଲେ । ମାର୍କୋପୋଲୋଙ୍କର ବୁଦ୍ଧି ପ୍ରଖର ଥାଏ । ସେଠାରେ ସେ ଅବସ୍ଥାନ କାଳରେ ତାତାରି ଭାଷା ଶିଖି ନେଲେ । ତିନିହେଁ ସେଠାରେ ଦୀର୍ଘ ୧୭ବର୍ଷ ରହିଲେ । କୁବଲେ ଖାଁ ନିକୋଲୋ, ମାଫିୟୋ ଏବଂ ମାର୍କୋଙ୍କୁ ଅତ୍ୟନ୍ତ ପସନ୍ଦ କରୁଥା'ନ୍ତି । ତିନିହେଁଙ୍କୁ ପେକିଙ୍ଗ୍‌ରୁ ଛାଡ଼ିବା ପାଇଁ କେବେବି

ମନର ସ୍ଥିତି ପ୍ରସ୍ତୁତ ହେଉନଥାଏ । କିନ୍ତୁ ସେମାନଙ୍କୁ ନିଜ ଦେଶ ନିଜ ଘରର ସ୍ମୃତି ବାରମ୍ବାର ଆହ୍ୱାନ କରୁଥାଏ । ସେହି ସମୟରେ ଏକ ଅଭାବନୀୟ ଦୁର୍ଘଟଣା ଘଟିଲା । ଇରାନ୍‌ର ବାଦଶାହାଙ୍କ ବେଗମ୍ ହଠାତ୍ ମୃତ୍ୟୁ ବରଣ କଲେ । ମୃତ୍ୟୁ ପୂର୍ବରୁ ସେ ବାଦଶାହାଙ୍କୁ କହିଥିଲେ କେବେ ଦ୍ୱିତୀୟ ବିବାହ କଲେ ବଂଶଜ ରାଜକୁମାରୀଙ୍କୁ ବିବାହ କରିବ । ବାଦଶାହା ଦ୍ୱିତୀୟ ବିବାହ କରିବା ନିମନ୍ତେ କେତେ କେତେ ଦେଶକୁ ଦୂତ ପଠାଇ ବଂଶଜ ରାଜକୁମାରୀଙ୍କୁ ଖୋଜିଲେ । ଶେଷରେ ଚୀନ୍ ଦେଶକୁ ଆସି କୁବଲେ ଖାଁଙ୍କ ଝିଅ (ରାଜକୁମାରୀ)କୁ ପସନ୍ଦ କଲେ । ସମସ୍ୟା ଉପୁଜିଲା କୁବଲେ ଖାଁଙ୍କ ଝିଅଙ୍କୁ ଇରାନ୍ କେମିତି ପଠାଯିବ ? କୁବଲେ ଖାଁ ନିକୋଲୋ, ମାଫିୟୋ ଓ ମାର୍କୋପୋଲୋଙ୍କ ଉପରେ ଏହି ଦାୟିତ୍ୱ ଅର୍ପଣ କଲେ ।

ପନ୍ଦରଟି ଜଳଜାହାଜର ସମୂହ ସମୁଦ୍ରତଟରେ ଆଗକୁ ବଢ଼ିବା ପାଇଁ ପ୍ରସ୍ତୁତ ହେଲା । ମାର୍କୋପୋଲୋଙ୍କ ତତ୍ତ୍ୱାବଧାନରେ ଜାହାଜଗୁଡ଼ିକ ଅଥଳଥଳ ଜଳରାଶିରେ ଆଗକୁ ବଢ଼ିଚାଲିଲା । ଶ୍ରୀଲଙ୍କା ନିକଟବର୍ତ୍ତୀ ହେବା ବେଳକୁ ଭୀଷଣକାୟ ରୂପରେ ସାମୁଦ୍ରିକ ଝଡ଼ ବତାସ ମାଡ଼ିଆସିଲା । ଝଡ଼ ବତାସର ରୁଦ୍ର ଅବସ୍ଥାରେ ଜାହାଜଗୁଡ଼ିକ ଅଟକି ଯାଉଥାଏ । ଯେମିତି ହେଉ ଝଡ଼ ବତାସର ତାଣ୍ଡବକୁ ସ୍ୱୀକାର କରି ଶ୍ରୀଲଙ୍କାର ସମୁଦ୍ର ତଟରେ ପହଞ୍ଚିଲେ । ଝଡ଼ରେ ପ୍ରତିଟି ଜାହାଜର ଅନେକ ଅଂଶ ନଷ୍ଟ ହୋଇଯାଇଥାଏ । ସେମାନେ ଶ୍ରୀଲଙ୍କାରେ ୫ମାସ ଅବସ୍ଥାନ କରି ଜାହାଜକୁ ସଂପୂର୍ଣ୍ଣ ମରାମତି କରି ପୁନଃ ଆଗକୁ ବଢ଼ିଲେ । ଠିକ୍ ଦୁଇ ବର୍ଷ ପରେ ସେମାନେ ଇରାନ୍‌ର ସମୁଦ୍ରତଟରେ ପହଞ୍ଚିଲେ । ସେତେବେଳକୁ ବାଦଶାହାଙ୍କର ମୃତ୍ୟୁ ହୋଇସାରିଥାଏ । ରାଜକୁମାରୀ ଏଭଳି ଦୁର୍ଘଟଣା ଶୁଣି ମର୍ମାହତ ଅବସ୍ଥାରେ ଜୀବନ ହାରିଦେବାକୁ ପ୍ରୟାସ କଲେ । ମାତ୍ର ବାଦଶାହାଙ୍କ ମୃତ୍ୟୁ ପରେ ତାଙ୍କ ନାବାଳକ ପୁତ୍ର ଇରାନ୍ ର ଶାସନଗାଦି ସମ୍ଭାଳୁଥା'ନ୍ତି । ପ୍ରସ୍ତାବ ଅନୁସାରେ ତାଙ୍କ ସହିତ ରାଜକୁମାରୀଙ୍କର ବିବାହ କରିବାକୁ ସ୍ଥିର କରାଗଲା । ତାହା ହିଁ ହେଲା।

ମାର୍କୋପୋଲୋ, ନିକୋଲୋ, ମାଫିୟୋ ଜାହାଜ ସାହାଯ୍ୟରେ ଦୀର୍ଘ ୨୪ବର୍ଷ ପରେ ନିଜ ଦେଶ ଇଟାଲୀର ଭେନିସ୍ ନଗରରେ ପହଞ୍ଚିଲେ । ସେ ସମୟରେ ଭେନିସ୍ ନଗରରେ ବହୁତ କିଛି ପରିବର୍ତ୍ତନ ହୋଇସାରିଥାଏ । ମାର୍କୋପୋଲୋଙ୍କ ମାତା ମୃତ୍ୟୁ ବରଣ କରିସାରିଥାନ୍ତି । ଲୋକମାନେ ତିନିହେଁଙ୍କୁ ଚିହ୍ନି ନ ପାରି ଚୋର, ତସ୍କର ବୋଲି ତିରସ୍କାର କରିଥିଲେ । ପରେ ଗୋଟେ ବଡ଼ଭୋଜିର ଆୟୋଜନ କରାଗଲା । ଭୋଜିରେ ଆମନ୍ତ୍ରିତ ବ୍ୟକ୍ତି ବିଶେଷ ତିନିହେଁଙ୍କ ବିଷୟରେ ଆଲୋଚନା ସମାଲୋଚନାରେ ମଜିଥା'ନ୍ତି । ମାର୍କୋପୋଲୋ, ନିକୋଲୋ, ମାଫିୟୋ ଚିରାଫଟା ସାର୍ଟପେଣ୍ଟ୍ ପିନ୍ଧି ଭୋଜି ଉତ୍ସବରେ ଉପସ୍ଥିତ ହେଲେ । ଯାହା ସେମାନେ ଜାହାଜରୁ ଓହ୍ଲେଇବାବେଳେ ପିନ୍ଧିଥିଲେ । ଆମନ୍ତ୍ରିତ ବ୍ୟକ୍ତିଙ୍କ ସମ୍ମୁଖରେ ତିନିହେଁ ନିଜ ନିଜ ପେଣ୍ଟ, ସାର୍ଟରେ ପଡ଼ିଥିବା ସିଲାଇକୁ ଚିରିବାକୁ ଲାଗିଲେ । ହଠାତ୍ ସେହି ଚିରା ବସ୍ତ୍ର ମଧ୍ୟରୁ ହୀରା, ନୀଳା, ମୋତି, ମାଣିକ ଭଳି ଅଳଙ୍କାର ଝରିବାକୁ ଲାଗିଲା । ଉପସ୍ଥିତ ସମସ୍ତେ ଏହା ଦେଖି ଆଶ୍ଚର୍ଯ୍ୟ ଚକିତ ହେଉଥା'ନ୍ତି । ତିନିହେଁ ନଗରବାସୀଙ୍କୁ

ସେମାନଙ୍କ ଯାତ୍ରାର ଅନୁଭବ କାହାଣୀ ଶୁଣେଇଲେ । ନଗରବାସୀ ତିନିହେଁଙ୍କୁ ବିଶ୍ୱାସ କରିବାପରେ ସେଠାରେ ରହିବାରେ କୌଣସି ଅସୁବିଧା ହେଲାନାହିଁ ।

କିଛି ବର୍ଷ ପରେ ମାର୍କୋପୋଲୋ ନିଜ ଯାତ୍ରାର ଅନୁଭବ ବିଷୟରେ ଏକ ପୁସ୍ତକ ରଚନା କରିଥିଲେ । ଦୁଇଶହ ବର୍ଷ ପରେ କଲମ୍ବସ୍ ଉକ୍ତ ପୁସ୍ତକ ପାଠ କରି ନୂଆ ଦୁନିଆ ଆବିଷ୍କାର କରିବାକୁ ବାହାରିଥିଲେ ।

ୟୁରୋପର ପ୍ରଥମ ଜଳଯାତ୍ରୀ ଭାବେ ଆଜି ବି ମାର୍କୋପୋଲୋଙ୍କ ନାମ ଅମର ହୋଇ ରହିଛି ।

***

**ସୁଧାଂଶୁ ଶେଖର ଦ୍ୱିବେଦୀ,** ବି.ଏ., ଯୋଗ ଓ ନାଚୁରୋପାଥିରେ ଶିକ୍ଷା । ଯୋଗ ପ୍ରଶିକ୍ଷକ/ସଂଚାଳକ । ଅନେକ ପୁସ୍ତକ ପ୍ରକାଶିତ: ଜୀବନୀ (ବଡ଼ ମଣିଷଙ୍କ କଥା), ଲୋକକଥା, ପୁରାଣ କଥା, ପିଲାଙ୍କ ଗଳ୍ପ ସଙ୍କଳନ, ନାଟକ, ଗଳ୍ପ, କବିତା ଓ ପ୍ରବନ୍ଧ ସଙ୍କଳନ ଓ ଯୋଗ ସମ୍ବନ୍ଧୀୟ ଅନେକ ଉପାଦେୟ ପୁସ୍ତକ । କଲକତାରେ ରହନ୍ତି ।

# କବିତାର ମେହେଫିଲ୍

SRUJAN
The Creativity Journal
Srujan ISSN 2976-9329

## ହରିଶ୍ଚନ୍ଦ୍ର ବେହେରା

ଋତୁ ପରେ ଋତୁ ହାତ ଧରା ଧରି
ଚାଲି ଯା'ନ୍ତି ଏଇ ବାଟେ
ଶୀତ ଓ ବସନ୍ତ ପଛରେ ନିଦାଘ
କବି ଜଗିଥାଏ ଘାଟେ ।୦।

କେଉଁ ଋତୁ ମାଗି କବିତା ଲେଖିବ
କେଉଁ ରାଗ ଲୟ ଯୋଖି
ମେଘ ମହ୍ଲାର ରାଗ ଆଶାବରୀ
କାମୋଦି ଅଥବା ଚୋଖୀ
କବିତା ଦେହରେ କେତେ ଅଳଙ୍କାର
ଯାହାକୁ ଯେମିତି ଖାଟେ ।୧।

ଏବେ ତ କବିତା ସ୍ୱାଧୀନଭର୍ତ୍ତୃକା
ନାହିଁ ଅଳଙ୍କାର ଲୋଭ
ବେଶି ପ୍ରସାଧନ ଲୋଡ଼େ ନାହିଁ ସିଏ
ନ ଥାଏ କିଛିବି କ୍ଷୋଭ
ନିରାଭରଣରେ ବୁଲୁଥାଏ ଏକା
କୁହୁଡ଼ିଆ ନଈ ତଟେ ।୨।

କାନ ଡେରିଥାଏ କାଳେ ଶୁଭିଯିବ
ତା'ପାଦ ନୀଳ ପାଉଁଜି
ଶବ୍ଦ ସବାରିରେ ଆସିବ ଆସିବ
କାହା ବରବଧୂ ସାଜି
ତୂରୀ ସାହାନାଇ ମଙ୍ଗଳ ମହୁରୀ
ଉଜାଗରେ ରାତି କଟେ ।୩।
***

# ପାହାଡ଼ୀ ଝରଣା କି ଗୀତ ଗାଉଛି

Srujan ISSN 2976-9329

## ହରିଶ୍ଚନ୍ଦ୍ର ବେହେରା

ପାହାଡ଼ୀ ଝରଣା କି ଗୀତ ଗାଉଛି
ମହକୁଛି ବଣ ଭୂଇଁ
ଦୂର ବଇଁଶୀର ଆଳାପ ସତେ କି
ଆମ୍ଭାକୁ ଦେଉଛି ଛୁଇଁ ।୦।

ଆଷାଢ଼ୀ ମେଘର ବାଜେଣି ନୂପୁର
ବାନ୍ଧିଛି ନିଜ ପାଦରେ
ଶ୍ୟାମଳ ବନାନୀ ପକ୍ଷୀ କାକଳିକୁ
ଗାଉଛି ମଧୁ ଛନ୍ଦରେ
କେତେ ଦେବକନ୍ୟା ଅପ୍ସରୀ ଆସନ୍ତି
ରାତ୍ରି ଜଳକେଳି ପାଇଁ ।୧।

ଋତୁ ଆସେ ପୁଣି ଋତୁ ଯାଏ ଚାଲି
ସରେ ନାହିଁ ତା'ର ଗୀତ
ତା' ଯିବା ବାଟରେ ଯିଏ ବି ଆସିଛି
କରିଛି ଆପଣା ମିତ
ପର ଓ ନିଜର ଭାବିନି କାହାକୁ
ଭେଦ ଭାବ ରଖି ନାହିଁ ।୨।

ପ୍ରେମ ତପସ୍ୱିନୀ ତରଙ୍ଗ ମାଳିନୀ
ଚାଲିଛି ଏକ ଲୟରେ
କେତେ ଦିନ କେତେ ରାତି ତ ବିତିଛି
ଚାହିଁନି ପଛକୁ ଥରେ
ପରବାସୀ ପ୍ରିୟ ହୃଦୟ କୁଞ୍ଜରେ
ନିଜକୁ ଦେବ ହଜେଇ ।୩।
***

Srujan ISSN 2976-9329

# ଦରଆଉଜା କବାଟ

## ହରିଶ୍ଚନ୍ଦ୍ର ବେହେରା

ଦରଆଉଜା କବାଟ ଖୋଲିଲେ
କେଁ କେଁ କାନ୍ଦେ

ଅଧାଢଙ୍କା ଓଢ଼ଣା ଭିତରେ ଲାଜ ଲାଜ ମୁହଁଟି ପରି
ଏ କବାଟ ସାଜେ

ପୂରା ଖୋଲିଲେ ଶାଶୂ ନଣନ୍ଦଙ୍କ ଗଞ୍ଜଣା
ଦାନ୍ତ ପଜେଇ ଠିଆ ହୋଇଥାନ୍ତି  ଝୁଣିବା ଲାଗି
ଏମିତି ପ୍ରଶ୍ନ ଚିହ୍ନଟିଏ ହୋଇ ରହିଯିବା କାଳ କାଳ
ତା' ନିୟତି

ବିନାଶ୍ରୟେ ନ ବର୍ତ୍ତନ୍ତେ କବିତା ବନିତା ଲତା
ଆଉ କେତେକାଳ କହୁଥିବ ଏମିତି
ଗୋଟେ ଚତୁର ଚାଲବାଜି କିଏ ନ ଜାଣେ  !!

ଦରଆଉଜା କବାଟ ସାମ୍ନାରେ ଲକ୍ଷ୍ମଣର  ତିନି ଗାର
ଡେଇଁବୁନି ଝିଅ ମୋର

ବଉଁଶ ଯାକର ପେଟ କଥା ବୁଝେ
ମୁହଁକୁ ଚାହିଁ ପଢିପାରେ ମନ କଥା
***

**ଡ. ହରିଶ୍ଚନ୍ଦ୍ର ବେହେରା** ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରି ଅବସର ଗ୍ରହଣ କରିଛନ୍ତି । 'ଅନ୍ଧାରରେ କାଠୁରିଆ, ତମାମ ଜୀବନ, ହସବିକୁଥିବା ଝିଅ, ଓଲଟ କଦମ୍ବ, ଇପ୍‌ସିତ ଇନ୍ଦ୍ରଧନୁ, ଅଝଟ ନଈର ଗୀତ, କୋଟି କୋକିଳର କୁହୁ, ଦରଆଉଜା କବାଟ, ମେଷ ପାଳକର ଗୀତ, ଅପାର୍ଥିବ ନିର୍ଜନତା ପ୍ରଭୃତି ତାଙ୍କର କବିତା ପୁସ୍ତକ । ତାଙ୍କ ପ୍ରତିଭାକୁ ସମ୍ମାନ ଜଣେଇ ଉତ୍କଳ ସାହିତ୍ୟ ସମାଜ, ସାରଳା ସାହିତ୍ୟ ସଂସଦ, ଅଖିଳ ଚକ୍ର ସାହିତ୍ୟ ସଂସଦ, ରାଧାନାଥ ସ୍ମୃତି ସଂସଦ, ଧ୍ବନି ପ୍ରତିଧ୍ୱନି କବିତା ସମ୍ମାନ, ଚଲାପଥ ସାହିତ୍ୟ ସଂସଦ, ଯାଜପୁର ପୁସ୍ତକ ମେଳା, ଫୁଲବାଣୀ ପୁସ୍ତକ ମେଳା, ବାଣୀପୀଠ ସାହିତ୍ୟ ସଂସଦ, ଭୋଗରାଇ ମହୋତ୍ସବ ପ୍ରଭୃତି ଅନେକ ଅନୁଷ୍ଠାନ ତାଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରିଛନ୍ତି ।

# ମା' ଚାଲିଗଲା ପରେ

Srujan ISSN 2976-9329

## ସୁମିତ୍ରା ମିଶ୍ର

ମା' ଚାଲିଗଲା ପରେ ଏ ସଂସାର ପ୍ରାନ୍ତରୁ
ମନେପଡ଼େ ତା'ର 'ଆହା' ପଦଟି
ଆଉ ନରମ ହାତର ଆଉଁଶା-
କେତେବେଳେ କେଉଁଠି ଝୁଣ୍ଟି ପଡ଼ିଲେ
କି କାହାର ଖେଣ୍ଟାଳିଆ କଥାରେ ଖଣ୍ଡିଆ ହେଲେ
କି କାହାର ପ୍ରତାରଣାରେ ଆଖିରୁ ଲୁହ ଝରିଲେ
ଶୁଭିଯାଏ ତା'ର ମମତା ମଧୁର ଡାକ ।
ମା' ଚାଲିଗଲା ପରେ
ମନେପଡ଼େ ତା ମିଳିଛିଆ ପଣତକାନି
ଯେଉଁଥିରେ ସେ ପୋଛି ଦେଉଥିଲା
ଆମ କପାଳର ସ୍ୱେଦ
ଆମ ମନର ଖେଦ
ଧୂଳି ଧୂସରିତ ହାତ ଗୋଡ଼ରୁ ଦାଣ୍ଡଧୂଳି, ନଦେଇ ଗାଳି
ଭଲ କରି ଦେଉଥିଲା ସବୁ ଜର, କାଶ, ବ୍ୟଥା, ବେଦନା
ତା ଗରମ ସୋରିଷ ତେଲରେ ଫୁଟା ରସୁଣର ମସୃଣ ଘଷାରେ ।
ହେଲେ ମା'ର ସ୍ନେହବୋଳା ହାତ ଶିରାଳ ହେବା ପରେ
ତା'ର ସ୍ନେହଭରା ରଙ୍ଗିନ ଶାଢ଼ିର ପଣତ ସଫେଦ୍ ହେବା ପରେ
କିମ୍ବା ବାପାଙ୍କର ଦଶଦିନରେ ଧୂମ୍‌ଧାମରେ ବ୍ରାହ୍ମଣ ଭୋଜନ ଦେବା ବେଳେ,
ଆମେ ଆଉ ଥରେ ବି ଦେଖିନୁ
ପଚାରିନୁ କି ଖାତିର କରିନୁ,
ଦାଣ୍ଡଘର କାନ୍ଥରେ ଟଙ୍ଗା ବାପାଙ୍କର କଳାଧଳା ଫଟୋଟିକୁ
ବଦଳାଇ ଦେଇନୁ ଶୁଖିଲା ଗେଣ୍ଡୁମାଳର ହାରଟି
ହୁଏତ ମନେ ବି ପକେଇ ପାରିନୁ ତାଙ୍କ ଶ୍ରାଦ୍ଧ ଦିବସ!
ଆମେ ସବୁ, ଯେଉଁମାନେ, ଶୋଉଥିଲୁ ତା କୋଳରେ
ଥକ୍କା ମାରୁଥିଲୁ ତା ହାତ ତିଆରି
ଚଟେଇ, ସପ, ବିଛଣା ଉପରେ

ଭୁଲିଗଲୁ
କେମିତି ସିଝୁଥିଲା ତା'ର ଦେହ, ମନ, ପ୍ରାଣ
ଏକାନ୍ନବର୍ତ୍ତୀ ଏକ ବିଶାଳ ପରିବାରର ଭାତହାଣ୍ଡି ସାଙ୍ଗରେ,
ଭୁଲିଗଲୁ କେତେ ଓଷା, ବାର, ବ୍ରତ, ଉପବାସ କରୁଥିଲା
ସେ ଆମ ସମସ୍ତଙ୍କ ମଙ୍ଗଳ ପାଇଁ,
କାହାର ଅସୁସ୍ଥ ଶରୀରର ସୁସ୍ଥତା କାମନା କରି

କାହାର ପରୀକ୍ଷାରେ ପାସ୍ ଅବା ଭଲଫଳ ପାଇଁ ପ୍ରାର୍ଥନା କରି
କାହାପାଇଁ ଭଲ ବର, ଭଲ କନିଁଆଟିଏ
ଯୋଗେଇ ଦେବା ପାଇଁ ଗୁହାରି କରି,
ଏବେ ମନେ ପଡୁନି କେବେ
ଶେଷଥର ତାକୁ କୁଣ୍ଢେଇ ଧରିଥିଲି
କି ପୋଛି ଦେଇଥିଲି ତା ଆଖିରୁ ଗଡୁଥିବା ଲୁହଧାର ।
ତାକୁ ମନେପକାଇବାକୁ, ଝୁରିବାକୁ ଆଉ ବେଳ କାହାର?
ସଭିଏଁ ତ ଏବେ ବୁଡ଼ି ରହିଛୁ
ସଂସାର ମୋହର ଭଉଁରିରେ
ସଭିଏଁ ଆମେ କର୍ତ୍ତବ୍ୟର ବାହାନା କରି
ଏଡ଼େଇ ଯାଉଛୁଁ ତା ଭସ୍ମଟିକକ
ଉଝେଇ ଦେବାକୁ ତ୍ରିବେଣୀ ଘାଟରେ
କି ଫୁଲ ତୋଡ଼ାଟିଏ ନେଇ ରଖିବା ପାଇଁ ତା ସମାଧି ସ୍ଥଳରେ ।
ମା' ଚାଲିଗଲା ପରେ
କି ଲାଭ ଆଉ ଏବେ ଝରେଇଲେ
ଅନୁତାପର ଅଶ୍ରୁ
କି ଲାଭ ଏବେ ଲେଖିଲେ
ଯେତେ କବିତା
ତା'ର ଗୁଣଗାନ କରି
ଯଦି ଜୀଇଁଥିବା ବେଳେ ନପାରିଲୁ
ତା ପେଯୁଆ ଆଖିତଳୁ ଲୁହର
କି ମୋତିଆବିନ୍ଦୁର ଯାତନାକୁ ସମ୍ଭାଳି?
***

# କିଛି ସ୍ୱପ୍ନ

SRUJAN
The Creativity Journal
Srujan ISSN 2976-9329

## ସୁମିତ୍ରା ମିଶ୍ର

କିଛି ସ୍ୱପ୍ନ ଦିଶେ ସ୍ନିଗ୍ଧ ଯୌବନ ଲତାରେ ପେନ୍ଥେ
ଗୋଲାପର କଳି ପରି ଅତି କମନୀୟ
କିଛି ସ୍ୱପ୍ନ ଲାଗେ ସେ ତ ପ୍ରେମିକା ତନୁବଲ୍ଲରୀ
ପରି ବିଚିତ୍ରବର୍ଣ୍ଣା ସ୍ନିଗ୍ଧ ନମନୀୟ । (୧)
କିଛି ସ୍ୱପ୍ନ ଲିଭିଯାଏ କଳା ବାଦଲ କୋଳେ
କ୍ଷଣପ୍ରଭା ପରି କ୍ଷଣେ ଚମକି ଚଞ୍ଚଳ
କିଛି ସ୍ୱପ୍ନ ଜଳିଯାଏ ଯଜ୍ଞକୁଣ୍ଡେ ସମିଧ ପରି
ମରୀଚିକା ସମ ତା'ର ମାୟାବିନୀ ଖେଳ । (୨)
କିଛି ସ୍ୱପ୍ନ ମନେହୁଏ ବିଶ୍ୱାସର ସରସୀରେ
ମନୋହାରୀ ଦରଫୁଟା, ଶାନ୍ତ ଶତଦଳ
କିଛି ସ୍ୱପ୍ନ ଧୋଇଯାଏ ଶ୍ରାବଣୀ ବନ୍ୟାର ଜଳେ
ସତେ ଏକ କ୍ଷଣସ୍ଥାୟୀ ପାଦପ ଶ୍ୟାମଳ । (୩)
କିଛି ସ୍ୱପ୍ନ ମନେ ଆଣେ କକ୍ଷଚ୍ୟୁତ ନକ୍ଷତ୍ରର
ଶେଷ ପର୍ବ ପରି ଏକ ବିସ୍ଫୋଟକ ସ୍ଥିତି
କିଛି ସ୍ୱପ୍ନ ହୃଦେ ଟାଣେ ପୌର୍ଣ୍ଣମାସୀ ନିଶିଥରେ
ଜ୍ୟୋତ୍ସ୍ନାର ଚନ୍ଦ୍ରିକା ପରି ସ୍ନିଗ୍ଧ ପ୍ରୀତି । (୪)
କିଛି ସ୍ୱପ୍ନ ବାଲ୍ୟକାଳେ ମନତଳେ ଜାଳିଥିଲା
ଜିଜ୍ଞାସାର ଦୀପ୍ତିମନ୍ତ ଅଲିଭା ଦିପାଳୀ
କିଛି ସ୍ୱପ୍ନ ପୂର୍ଣ୍ଣ ହେଲା ଶିକ୍ଷୟିତ୍ରୀ ଜୀବନରେ
ଜ୍ଞାନଦୀପଟିଏ ଯେବେ ପାରିଲି ମୁଁ ଢାଳି । (୫)

***

# କିଏ ଏମାନେ

SRUJAN
The Creativity Journal
Srujan ISSN 2976-9329

## ସୁମିତ୍ରା ମିଶ୍ର

ଚିହ୍ନିଛ କି ବନ୍ଧୁ କିଏ ଏମାନେ ?
ପଡ଼ିରହିଥାନ୍ତି ଶୀତ କାକରରେ ସଡ଼କ କଡ଼ରେ
ବସ୍ତି ବସେଇଥାନ୍ତି ରେଳଲାଇନ୍ ତଳ ଗହୀରାରେ
ଖାତିର୍ କରନ୍ତିନି ବସ୍ତିର ଧୂଳି, ଧୂଆଁ, ମଇଳା, ଡ୍ରେନ୍ ଗନ୍ଧକୁ,
ଜାଣିଛ କି ବନ୍ଧୁ କିଏ ଏମାନେ?
ଏମାନେ ସେଇ ଦୁର୍ଭାଗା ଶ୍ରମିକ, ଶିଳ୍ପୀ, କାରିଗର
ଲାଗି ପଡ଼ି ସଫା ରଖନ୍ତି ଆମ ସହରର ରାସ୍ତା, ନାଳ, ନର୍ଦ୍ଦମା
ମାତ୍ର ରହନ୍ତି ଡ୍ରେନ୍‌କଡ଼ ଝୋପଡ଼ିରେ
ଏମାନେ ସେଇ ହତଭାଗିନୀ ବାଈ, ରୋଷେଇଆ,
ଯିଏ ଧୋଇ ପୋଛି ପରିଷ୍କାର ରଖନ୍ତି
ଆମରି କୋଠାଘରର ଚଟାଣ, ବାସନ, ଲୁଗାପଟା
ରାନ୍ଧନ୍ତି ଆମ ପାଇଁ ପଲଉ, ପରଟା, ଚିକେନ୍, ମାଛ
ମାତ୍ର ଭାଗ ପାଆନ୍ତି ନାହିଁ ସେହି ଖାଦ୍ୟରୁ
କି ବସି ପାରନ୍ତି ନାହିଁ ସେହି ଚକ୍‌ମକ୍ ମାର୍ବଲ୍ ଚଟାଣରେ,
ଏବେ ଚିହ୍ନିଲ ତ?
ଜାଣିନାହଁ ବନ୍ଧୁ କିଏ ଏମାନେ ?
ଏମାନେ ସେଇ ପରିଶ୍ରମୀ ରିକ୍‌ସାବାଲା, ଅଟୋବାଲା
ଭଡ଼ା ନିଅନ୍ତି ଅଟୋଟିଏ କି ରିକ୍‌ସାଟିଏ ଧନୀ ପୁଞ୍ଜିପତି ଠାରୁ
ଦିନକୁ ତିନିଶହ କି ଚାରିଶହ ଟଙ୍କାରେ
ଖାଲି ପେଟରେ ଘୂରନ୍ତି ସହରର ଗଳିକନ୍ଦି
ନେଇ ଯାଆନ୍ତି ଆମକୁ ବସ୍‌ଷ୍ଟାଣ୍ଡ, ଷ୍ଟେସନ୍, ଏୟାରପୋର୍ଟ
ହେଲେ ଚାଲି ଚାଲି ଫେରନ୍ତି ନିଜ ବସ୍ତିକୁ
କେବେ ମଦପିଇ ଝୁଲି ଝୁଲି ତ
କେବେ ପାଉଡର ଶୁଙ୍ଘିଦେଇ ନାଲି ଆଖି କାଢ଼ି
ଝଗଡ଼ା କରନ୍ତି ସ୍ତ୍ରୀ ପିଲାଙ୍କ ସହ
ମେଣ୍ଟେଇବା ପାଇଁ ସାରାଦିନର

ଶ୍ରମ, ଅପମାନ ଓ ଭୋକ ଶୋଷର ଅଦଉତି ।
ଚିହ୍ନିନ କି ବନ୍ଧୁ କିଏ ଏମାନେ ?

ସେମାନେ ଆସନ୍ତି ମଫସଲରୁ
ଘର, ପରିବାର, ଗାଁ ମାଟିର ମମତାକୁ ପଛ କରି
ଟ୍ରେନ୍‌ର ଜେନେରାଲ୍ ଡବାରେ ବୋକଟା ପରି ଠେସି ହୋଇ
କେବେ ବିନା ଟିକେଟ୍‌ରେ ଦୁଆରକୁ ଆଉଜି ଛିଡ଼ା ହୋଇ
ଆସନ୍ତି ସେମାନେ ପାପୀ ପେଟର ଧିକ୍କାର ସହି ନପାରି
ସ୍ତ୍ରୀ, ପିଲାଙ୍କ ରୋଗ ପାଇଁ ଔଷଧ, ପଥ୍ୟ କିଣି ନପାରି
ଆସନ୍ତି ଦେହ ମିହନତ କରି ଗୁଜୁରାଣ ମେଣ୍ଟେଇବାକୁ ।
ଏମାନେ ହିଁ ପରା ଗଢ଼ନ୍ତି
ଆମ ସହରର ରାସ୍ତାଘାଟ, ଅଫିସ୍, ମଲ୍, ସିନେମା ହଲ୍
ଯାହା ଉପରେ ଅଧିକାର ଜମାଇବା ପାଇଁ ତର ନାହିଁ ତାଙ୍କର
ସେମାନେ ଗଢ଼ନ୍ତି ଆମର ସ୍କୁଲ, କଲେଜ, ହସ୍‌ପିଟାଲ୍
ଯେଉଁଠି ସ୍ଥାନ ମିଳିବନି ସେମାନଙ୍କ ପିଲାଙ୍କୁ
ସୁଯୋଗ ମିଳିବନି ହେବା ପାଇଁ ଆମପରି ବାବୁ କି ସାହାବ ।
ଦେଖିନ କି ଏମାନଙ୍କୁ ରାଜପଥର ଛକରେ ?
ତାଙ୍କ ପିଲାମାନେ ଧାଇଁ ଆସି ପୋଛି ପକାନ୍ତି ଆମ କାର୍‌ର କାଚ
ବିରକ୍ତ କରନ୍ତି କିଣିବାକୁ ତାଙ୍କ ହାତରେ, ମୁଣ୍ଡରେ, ପାଛିଆରେ ଥିବା
ବାଦାମ୍, ପିଜୁଳି, ରୁମାଲ୍, ଫୁଲ, କଲମ କି ତ୍ରିରଙ୍ଗା,
ଏବେ ବୁଝିଲ ତ ଏମାନେ କିଏ ---?
ଆସ ହେ ବନ୍ଧୁ, ଭାବିବା ଟିକେ ସେମାନଙ୍କ ବିଷୟରେ
ନିରେଖିବା ସେମାନଙ୍କ ଆଖିତଳ ଯାତନାର କାତରତାକୁ
ଲେଖିବା ଗପ, କବିତା କି ନାଟକ ସେମାନଙ୍କ ଜୀବନ ସଂଗ୍ରାମକୁ ନେଇ
ଜାଣେ ଆମକୁ ଲାଜ ଲାଗିବ
ଭାବିଲେ ସେମାନଙ୍କ ଦୟା, ସହାନୁଭୂତି, ସହିଷ୍ଣୁତାର କଥା,
ସହି ଯାଉଥିବା ପିଠିରେ ମାଲିକ୍‌ର ଚାବୁକ୍, ମାଲିକାଣୀର ଗାଳି ମାଡ଼
ପୋଲିସ୍ ବାବୁର ଲାଠି,
ଟ୍ରାଫିକ୍ ବାବୁର ଜୋରିମାନା ଚାତୁରୀ
ସେମାନେ ହୋଇ ପାରନ୍ତି ଦାଦନ ଶ୍ରମିକ, ରାଜମିସ୍ତ୍ରୀ, କୁଲି
କି ବାଇ, ରିକ୍‌ସାବାଲା, ସଫେଇ କର୍ମୀ କି ଜରି ଗୋଟଉଥିବା ଝିଅଟିମାନେ,

ହେଲେ ସେମାନେ ବି ତ ମଣିଷ ।
ଆମରି ପରି ସେମାନଙ୍କର ଦେହ, ମୁଣ୍ଡ

କଳ୍ପନା, ସ୍ୱପ୍ନ, ସମ୍ଭାବନା
ପାରିବା କି କରି ଏମାନଙ୍କୁ ନିଜର, ଆମରି ପରି

***

**ଡଃ (ଶ୍ରୀମତୀ) ସୁମିତ୍ରା ମିଶ୍ର** ଅବସରପ୍ରାପ୍ତ ଇଂରାଜୀ ଭାଷା ସାହିତ୍ୟର ଅଧ୍ୟାପିକା । କବିତା, ଗଳ୍ପ, ପ୍ରବନ୍ଧ, ନାଟକ ଓ ଅନୁବାଦ ବିଭାଗରେ ୨୪ଟି ଓଡ଼ିଆ ଏବଂ ୮ଟି ଇଂରାଜୀ ପୁସ୍ତକ ପ୍ରକାଶିତ: "ଉଦାସ ଗୋଧୂଳି", "ମନ ମୂର୍ଚ୍ଛନା", "ପ୍ରୀତି ପୁଷ୍ପା", "ବର୍ଷା ବିଥିକା", "ଅନ୍ତର୍ଦ୍ଧ୍ୱନି", "ତନୁ ତୀର୍ଥ" କରୋନା କକ୍ଷଣ, ବିଦଗ୍ଧ ଅସ୍ତରାଗ (କବିତା), "ଆହତ ଅପରାହ୍ନ", "ନିଶବ୍ଦ ଭଉଁରୀ", "ପଣତ କାନିରେ ଆକାଶ","ଭିନ୍ନ ପ୍ରଜାତିର ପ୍ରଜାପତି","କରୋନା କବଳେ", "କରୋନା କାଳିକା" (ଗଳ୍ପ), "ପଥ ପ୍ରାନ୍ତେ", "ବାତ୍ୟା ପରେ", ବିସ୍ଥାପନ", "କରୋନା କାଳ" (ନାଟକ), "କ୍ରୀତଦାସତ୍ୱର ବାର ବର୍ଷ", "ବଟ ବୃକ୍ଷ ଛାୟାରେ ଓ ଅନ୍ୟାନ୍ୟ ଗଳ୍ପ", "The Lord of Time" (ଅନୁବାଦ) **(ସମୟ ପୁରୁଷ)**, "ମୋ ଜୀବନ, ସତ୍ୟାନୁସଂଧାନର ଏକ କାହାଣୀ" (An Autobiography: My Experiments with Truth " by Mahatma Gandhi) (ଅନୁବାଦ) ଇତ୍ୟାଦି । ଭୁବନେଶ୍ୱରରେ ସପରିବାର ରହନ୍ତି ।

# ମାଆ ଠାରୁ ବଡ଼ କିଏ ?

Srujan ISSN 2976-9329

**ଅଲେଖ ନନ୍ଦୀ**

କିଏ କହେ ଏହି ଦୁନିଆଁରେ ବଡ଼
ମାଆଠାରୁ କେହି ନାହିଁରେ ନାହିଁ ।
ମହା ଗରବରେ ଅତି ଦରପରେ
ମୁହିଁ କହେ ଅଛି ଭାଇରେ ଭାଇ (୧)
ମୋର ମଥା ସିନା ମାଆର ପଦରେ
ନତ ହୋଇଥାଏ ଅବେଳେ ବେଳେ
କହିକି ପାରିବ କାହାର ପଦରେ
ମା ମଥାନତ ସବୁରି କାଳେ ? (୨)
ମାଆ ପଦ ତଳେ ଏକ ମଥା ନତ
ତାହା ପଦତଳେ ସରବେ ନତ
କେତେ କେତେ ମାଆ ନହୋଇଣ ମା
ପୁଅଠାରୁ ବଳି ସ୍ନେହ କରେ ତ (୩)
ଯାହାର ପାଇଁକି ଏକ ମାଆ ନୁହେଁ
କୋଟି ମାଆ ଶିର ଉଚ୍ଚା ।
ଆମ ପ୍ରେମସିନା ଲୋକ ଦେଖାଣିଆ
ତାର ପ୍ରେମ ଅଟେ ସଚ୍ଚା (୪)
ଯା ପାଇଁ ସବୁରି ନୟନରେ ଲୁହ
ମଥା ହୋଇଅଛି ନତ
ହୃଦରେ ଆବେଗ ଅନ୍ତରରେ କୋହ
କରୁଅଛି ପ୍ରଣିପାତ (୫)
ସିଏ ସବୁଦିନେ ଅମର ରହିଛି
ଅମର ରହିବ ସଦା
ମାଆର ମହତ ମରଯାଦା ରକ୍ଷା
ପାଇଁକି ନେଇଛି ବିଦା (୬)
ନିଜକୁ କନ୍ଦାଇ ପରକୁ ହସାଇ
ପାରେ ଯେଉଁ କ୍ଷୁଦ୍ର ଜନ
କ୍ଷୁଦ୍ର ନୁହେଁ ସିଏ ମହାଦ୍ରୁମ ସେହି
ବୁଝିକି ପାରୁନୁ ମନ (୭)
କୋଟିମାଆ ଯଦି ତା' ପାଦରେ ନତ
ଧନ୍ୟ ଧନ୍ୟ ତା'ର ପଦ
ମୁହଁ ସେହି ପଦେ ମଥା କରେ ନତ
ଧନ୍ୟ ଧନ୍ୟ ତୁ ସହିଦ (୮)
***

# ମୋକ୍ଷ

Srujan ISSN 2976-9329

## ଅଲେଖ ନନ୍ଦୀ

ଚାହେଁ ନାହିଁ ମୁଁହି ମୋକ୍ଷ
ଚାହେଁ ନାହିଁ ମୁହିଁ ମୋକ୍ଷ
ଚାହେଁ ନାହିଁ ମୁହିଁ ସରଗ ରାଇଜେ
ହେବାକୁ ଇନ୍ଦ୍ର ବା ଯକ୍ଷ
ଚାହେଁ ନାହିଁ ମୁହିଁ ମୋକ୍ଷ (୧)

କଉପୁନି ପିନ୍ଧି ନିଶଦାଢ଼ି ଛାଡ଼ି

ମସ୍ତକରେ ବାନ୍ଧି ଜଟା
ହାତେ କମଣ୍ଡଳୁ ହାତେ ବକ୍ର ଦଣ୍ଡ
ଧରି ବୁଲିବାର ଛଟା

ଆଖି ବୁଜିକରି ମାଳାଜପ କରି

ଫୁଲାଇ ଗରବେ ବକ୍ଷ
ଚାହେଁ ନାହିଁ ମୁହିଁ ମୋକ୍ଷ (୨)
ବନ ଉପବନେ ଆଶ୍ରମ କରି
ବସି ମୃଗ ଛାଲ ପରେ
ହରିନାମ କହି ପ୍ରବଚନ ଦେଇ
ଜନମନ ଜିତିବାରେ

ଅସାର ଦୁନିଆଁ କହିବାକୁ ଦେଇ

ହଜାର ହଜାର ସାକ୍ଷ୍ୟ
ଚାହେଁ ନାହିଁ ମୁଁହି ମୋକ୍ଷ (୩)
ସଂସାର ଛାଡ଼ିଲେ ପାଇବା ମୁକତି

ମିଳିବ ପରମ ଆତ୍ମା
ଯେଉଁଠିକି ଗଲେ ସବୁଦିନ ପାଇଁ

ମିଳିବନି ଆଉ ସତ୍ତା
ତାଙ୍କଠାରୁ ସୃଷ୍ଟି ତାଙ୍କଠି ବିଲୟ

ଦୁନିଆଁର ସେହି ଅକ୍ଷ
ଚାହେଁ ନାହିଁ ମୁହିଁ ମୋକ୍ଷ (୪)

ସବୁଜନ ଯଦି ସେ ପଦେ ମିଶିବେ
ଦୁନିଆଁ କାହିଁକି ଗଢ଼ା ?
ଦୁନିଆଁ କରତା ଦୁନିଆଁ କାହିଁକି
ରଖିବେଟି ଆଉ ଛିଡ଼ା ?

କିଏ ତେବେ ଆଉ ସଂସାରେ ରହିବ

ରଖିବ ତାଙ୍କର ପକ୍ଷ ?
ଚାହେଁ ନାହିଁ ମୁହିଁ ମୋକ୍ଷ (୫)
ସୃଷ୍ଟିର ବିଲୟ ପାଇଁ କ'ଣ ସୃଷ୍ଟି

ଗଢ଼ିଛନ୍ତି ପରମେଷ୍ଠୀ
ଦୁନିଆଁରେ କେହି ନରହନ୍ତୁ କେବେ
ଏହାକି ତାଙ୍କର ଦୃଷ୍ଟି ?

ପରମାତ୍ମା ପଦେ ମିଶିଯିବା ପାଇଁ

ବନାଇଛନ୍ତି କି କକ୍ଷ ?
ଚାହେଁ ନାହିଁ ମୁହିଁ ମୋକ୍ଷ (୬)
ଯୁଗେ ଯୁଗେ ଯଦି ରହିଛି କଷଣ
ତାର ନିବାରଣ ପାଇଁ

ଆସି ଯାଉଥାଏ ଯାଇ ଆସୁଥାଏ

ଯେବେ ତକ ମରି ନାହିଁ
ଜନ୍ମପରେ ଜନ୍ମ ଦିଅନ୍ତୁ କରତା
ଏହା ମୋ ଜୀବନ ଲକ୍ଷ୍ୟ
ଚାହେଁ ନାହିଁ ମୁହିଁ ମୋକ୍ଷ (୭)
***

# ମେଧା

Srujan ISSN 2976-9329

**ଅଲେଖ ନନ୍ଦୀ**

ସରବେ କହନ୍ତି କେହି କିଛି କେବେ
ନେଇ ନାହିଁ ନେବ ନାହିଁ
ମରତ ସଂସାରେ ଆସିଅଛି ଏକା
ଯିବ ଏକାଏକା ହୋଇ (୧)
କେହି କେବେ କିଏ ନିରୀକ୍ଷଣ କରି
ଖୋଜିଛିକି ଏହାର ଅର୍ଥ
ପରିଶ୍ରମ କରି ଖୋଜିଲେ ପରାଏ
କରମ ନଯାଏ ବ୍ୟର୍ଥ (୨)
ନଖୋଜି କହିଲେ କିଛି ନିଏ ନାହିଁ
ଆମେ ତ ଗଉଡ଼ ଗାଈ
ସବୁ ଯା'ଡ଼େ ଯା'ନ୍ତି ଆମେ ବି ସକଳେ
ଚାଲୁଅଛେ ପଛ ହୋଇ (୩)
ଜ୍ଞାନର ସଂସାରେ ଜ୍ଞାନର ଆଲୋକ
ବି ତଡ଼ଇ ଅନ୍ଧକାର
ଆଲୁଅ ଭିତରେ ଆଲୁଅ ଖୋଜିଲେ
ବିଶ୍ୱାସ କି ହେବ ଦୂର ? (୪)
ପାଇବାର ପାଇଁ ଖୋଜିକି ବସିଲେ
ମିଳିଯାଏ ଆଦିଅନ୍ତ
ନମିଳଇ ବୋଲି ଶୋଇଯିବ ଯଦି
ସବୁ ହୋଇଯିବ ବ୍ୟର୍ଥ (୫)
ଯାହାବଳେ ହୁଏ ଜ୍ଞାନର ପ୍ରକାଶ
ବିତରଇ ଜ୍ଞାନାଲୋକ
ସରବେ ତ ତାହା ନେଇ କରିଯାନ୍ତି
ଯାହାର ଅଛି ଯେତେକ (୬)
ବୁଝିପାରୁନାହିଁ ତଥାପି ଯଦିଓ
ଜ୍ଞାନ ରହିଗଲା ଅଧା
ସରବେ ନିଅନ୍ତି ଆପଣା ସାଥୀରେ
ଆପଣା ଆପଣା ମେଧା (୭)

***

**ଅଲେଖ ନନ୍ଦୀ,** ପିଏଚ୍.ଡି, ଡି.ଲିଟ୍, କେନ୍ଦ୍ରୀୟ ସରକାରୀ ବ୍ୟାଙ୍କ୍ର ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ । ରୁଚି ଓ ତୃପ୍ତି : ସାହିତ୍ୟସାଧନା (ମୁଖ୍ୟତଃ କବିତା), ପଶୁପକ୍ଷୀମାନଙ୍କର ଆଦର ଓ ଯତ୍ନ, ଫୁଲ ଓ ଅନ୍ୟାନ୍ୟ ଗଛମାନଙ୍କର ସେବା ଓ ଯତ୍ନ, ସମାଜସେବା । ବାରଟି ପୁସ୍ତକ ପ୍ରକାଶିତ- (ଦୁଇଟି ଗୀତ ଓ ସଙ୍ଗୀତ- କାଗଜ ଫୁଲର ମହକ ଓ ବାସିଫୁଲ; ଛଅଟି କବିତା- ମିଛିମିଛିକା ଗୀତ, ମୋ ପଲ୍ଲୀ, ପଲ୍ଲୀ ଐତିହ୍ୟ, ଅମ୍ଳାନଦ୍ୟୋତି, ପ୍ରଦ୍ୟୋତିକା, ଶତହ୍ରଦା ତିନୋଟି ଗଳ୍ପ- ଆମ ଐଶ୍ୱର୍ଯ୍ୟ ଭାଗ-୧,୨,୩) । ବିଭିନ୍ନ ପତ୍ରପ୍ରତିକାରେ ଲେଖାମାନ ପ୍ରକାଶ ପାଉଛି । ସ୍ୱଭାବକବି ଗଙ୍ଗାଧର ସ୍ମୃତି ସମ୍ମାନ ଓ କବିସୂର୍ଯ୍ୟ ବଳଦେବ ରଥ ସ୍ମୃତି ସମ୍ମାନରେ ସମ୍ମାନିତ । ବର୍ତ୍ତମାନ ଭୁବନେଶ୍ୱରରେ ରହୁଛନ୍ତି ।

# ବହି

Srujan ISSN 2976-9329

## ତପତୀ ପାଣିଗ୍ରାହୀ

ଜ୍ଞାନ, ବୁଦ୍ଧି, ବିଦ୍ୟା     ସକଳ ଶିକ୍ଷାର
ଅଟଇ ଯେ ଗନ୍ତାଘର,
ସେହି ଆମ ବହି     ମୂଲ୍ୟବାନ ବସ୍ତୁ
ତୁଳନା ନାହିଁ ତାହାର ।
କାହିଁ କେତେ ବାର୍ତ୍ତା     କେତେ ଇତିହାସ
ଦେହେ ସାଇତିଛି ରହି,
ସଭିଙ୍କ ପାଖରେ     ଥାଏ ସିଏ ନିତି
ଜ୍ଞାନ ବଢ଼ାଇବା ପାଇଁ ।
ଶିକ୍ଷିତ ହେବାର     ଗୋଟିଏ ମାଧ୍ୟମ
ବହି ତ ଅଟେ ଆମର,
କବି, ଲେଖକ ଓ     ଗାଳ୍ପିକମାନଙ୍କୁ
କରିଛି ବହି ଅମର ।
ରଙ୍ଗ ବେରଙ୍ଗର     ମଲାଟ ସହିତ
ସୁନ୍ଦର ଦିଶଇ ସିଏ,
ମୋଟା ବା ପତଳା     ତାହାର ସ୍ୱରୂପ
କାଳ କାଳ ରହିଥାଏ ।
ବହୁ ଲୋକଙ୍କର କେତେ କେତେ ଲେଖା
ତା ଦେହେ ସାଇତି ଅଛି,
ତାକୁ ଆଦରରେ     ପଢ଼ି ଲୋକମାନେ
ନିଜକୁ ଧନ୍ୟ ମଣିଛି ।
ପ୍ରତ୍ୟେକ ଜାଗାରେ ବିଭିନ୍ନ ଭାଷାରେ
ଲୋକ ଦେଖିବାକୁ ମିଳେ,
ସବୁ ଲୋକଙ୍କର     ଆପଣା ଭାଷାରେ
ବହି କିଣା ବିକା ଚାଲେ ।
ସରକାରୀ ଅବା     ବେସରକାରୀଙ୍କ
ପୁସ୍ତକାଗାର ମଧ୍ୟରେ,
ଅସଂଖ୍ୟ ସଂଖ୍ୟାରେ     ବିଭିନ୍ନ ବହି ଯେ
ରହିଅଛି ସେହିଠାରେ।
ଆଦିମ ଯୁଗରେ     ତାଳପତ୍ର ଲେଖା
ପ୍ରଚଳିତ ହେଉଥିଲା,
ଖାତା, କାଗଜର ଆବିଷ୍କାର ପରେ
ସେ ସବୁ ଲୋପ ପାଇଲା ।
ଏବେ ଆଧୁନିକ     ଯୁଗରେ ବହିର
ଆଦର କମି ଯାଇଛି,
ବହି ବଦଳରେ     କମ୍ପ୍ୟୁଟର, ଫୋନ୍,
ତାର ସ୍ଥାନ ଜମାଉଛି ।
ନୂଆ ଜିନିଷର     ବହୁଳ ପ୍ରସାର
ବୁଝି ନ ପାରେ ମଣିଷ,
ତା'ର କୁପ୍ରଭାବ     ଶରୀରକୁ ସଦା
ଧୀରେ ଧୀରେ କରେ ଗ୍ରାସ ।
ନିଶ୍ଚିତକୁ ଛାଡ଼ି     ଅନିଶ୍ଚିତ ପଛେ
ସମସ୍ତେ ଧାଉଁ ଅଛନ୍ତି,
ପୁରୁଣା ଜିନିଷ     ଅତି ମୂଲ୍ୟବାନ
ଯତ୍ନେ ରଖିବା ସାଇତି ।
ବହି ବିନା ଶିକ୍ଷା     ଅଧୁରା ଅଟଇ
ସେହି ଆମ ପୁଣ୍ୟ ପୋଥି,
ସକଳ ବିଦ୍ୟାର     ବହି ଆଦ୍ୟଗ୍ରନ୍ଥ
ସେ ତ ଆମ ପ୍ରିୟ ସାଥି ।

***

# ମୋ ଗାଆଁ

SRUJAN
The Creativity Journal
Srujan ISSN 2976-9329

**ତପତୀ ପାଣିଗ୍ରାହୀ**

ମୋ ଗାଆଁ ମୋତେ ଭାରି ସୁନ୍ଦର
ତା ପରିବେଶ କେଡ଼େ ମଧୁର,
ଅତୁଳନୀୟ ଦାନ ତାହାର
ଚିରସ୍ମରଣୀୟ  ସେ ସଭିଙ୍କର ।
ମୋ ଗାଆଁ ମୋତେ ଭାରି ସୁନ୍ଦର ----
ତା ନଦୀ, ଗିରି, ପାଣି, ପବନ,
ଗଢ଼ିଛି ସିଏ କେତେ ଜୀବନ,
ସବୁଜ କ୍ଷେତ, ପାହାଡ଼, ବନ,
ମୋହିତ କରେ ସଭିଙ୍କ ମନ
ପ୍ରକୃତିର ସେ ଗନ୍ତାଘର ।
ମୋ ଗାଆଁ ମୋତେ ଭାରି ସୁନ୍ଦର -----
କେତେ ଆପଣାର ଗାଁ ମନ୍ଦିର,
ମୂକସାକ୍ଷୀ ସେ ଯୁଗ ଯୁଗର,
ପୂଜା କରନ୍ତି ସବୁ ଧର୍ମର,
ଦୃଢ଼ କରିଛି ସେ ସମ୍ପର୍କ ଡୋର,
ମୋ ଗାଆଁ ମୋତେ ଭାରି ସୁନ୍ଦର ------
ଗାଆଁ ପୋଖରୀ, ଜଳ କୂପର,
କେତେ ଶୀତଳ ତା' ଜଳାଧର,
କଇଁ, ପଦୁଅଁ ନାନା ପ୍ରକାର,
ଫୁଟି ଦିଶଇ ସେ ମନୋହର।
ମୋ ଗାଆଁ ମୋତେ ଭାରି ସୁନ୍ଦର -----
କେଡ଼େ ପ୍ରଶସ୍ତ ଖେଳ ପ୍ରାନ୍ତର,
ଆଖିରେ ନାଚେ ସେ ବାରମ୍ବାର,
ପାଠ ସହିତ ଖେଳକୁଦର,
ଅଭୁଲା ସ୍ମୃତି ସେ ଜୀବନର ।
ମୋ ଗାଆଁ ମୋତେ ଭାରି ସୁନ୍ଦର --------
***

# ଗୀତ

SRUJAN
The Creativity Journal
Srujan ISSN 2976-9329

## ତପତୀ ପାଣିଗ୍ରାହୀ

ଗୀତରେ ଗୀତ    ସବୁରି ମିତ,
ତୋ'ଠାରେ ବନ୍ଧା   ସାରା ଜଗତ ----
ଗୀତ ରେ ଗୀତ --------
ତୋ ପାଇଁ ହଜେ   ସବୁରି ନିଦ,
ତୋ ପାଇଁ  ବର୍ଷେ   କଳା ବଉଦ,
କରୁ ତୁହି ସଦା    ସବୁରି ହିତ,
ସମସ୍ତଙ୍କ ଠି       ତୁ ପରିଚିତ ------
ଗୀତରେ ଗୀତ ----------
ତୋତେ ଲେଖନ୍ତି     କେତେ ଯେ କବି,
ମନରେ  ତାଙ୍କ        ଆଙ୍କିଣ ଛବି,
ପ୍ରକୃତିର ତୁ          ଅଟୁ ସଙ୍ଗାତ,
ମନକୁ କରୁ          ତୁ ମୋହିତ ।
ଗୀତ ରେ ଗୀତ ---------
ପୂଜା ପର୍ବରେ      ତୋହର ମାନ,
ବାଦ୍ୟ ଯନ୍ତ୍ରରେ   ବଢ଼େ ତୋ ଗୁଣ,
ତାଳ, ଲୟରେ    ତୋତେ ବୋଲିଲେ,
ସଭିଙ୍କ ପାଶେ      ହେଉ ଆଦୃତ ।
ଗୀତରେ ଗୀତ ----------
ପଶୁ, ପକ୍ଷୀ ଙ୍କ       କଣ୍ଠରେ ରହି,
ଆନନ୍ଦ ଦେଉ       କେତେ ଯେ ତୁହି,
ବେଳେ ବେଳେ     ତୁ ମଜା ସହିତ,
ମଜା ଠୁଁ ବଳି      ତୁ ପୁରସ୍କୃତ -------
ଗୀତ ରେ ଗୀତ ----------
କାବ୍ୟ, ପୁରାଣ      ମଧ୍ୟେ ତୋ ସ୍ଥାନ, ପଢ଼ା
ବହିରେ       ହୁଏ ତୋ ଗାନ,
ଭଜନରେ  ତୁ      ନୁହେଁ ସୀମିତ,
ଆଧୁନିକରେ       କରୁ ତୁ ପ୍ରୀତ ।
ଗୀତ ରେ ଗୀତ ----------
ପିଲା ଠୁଁ ବୁଢ଼ା      ସଭିଙ୍କ ପାଇଁ,
ସବୁ ଭାଷାରେ      ରହିଛୁ ତୁହି,
ତୋତେ ଯେ କରେ  ଜୀବନେ ବ୍ରତ,
ସବୁଠି  ହୁଏ      ସେ ପ୍ରଶଂସିତ ।
ଗୀତରେ ଗୀତ    ସବୁରି ମିତ,
ତୋ ଠାରେ  ବନ୍ଧା  ସାରା ଜଗତ ।

***

**ତପତୀ ପାଣିଗ୍ରାହୀ,** ଗୃହିଣୀ, କବିତା ଲେଖନ୍ତି । ଅନେକ କବିତା ଓଡ଼ିଆ ସାହିତ୍ୟ ପତ୍ରିକାରେ ପ୍ରକାଶିତ । ସାମାଜିକ କାମରେ ରୁଚି । ସମାଜସେବା ପାଇଁ ପାଣିନି ସମ୍ମାନରେ ସମ୍ମାନିତା । ଭୁବନେଶ୍ୱରରେ ରହନ୍ତି ।

# ନିଃଶବ୍ଦ ଶବ୍ଦରେ ଆଜି

SRUJAN
The Creativity Journal
Srujan ISSN 2976-9329

## ମାନସ ରଂଜନ ମହାପାତ୍ର

ଥରେ ମାଗିଦେଇଛି
ବାରମ୍ବାର ହାତ ପତେଇପାରିବି ନାହିଁ
ଇଚ୍ଛାହେଲେ ଦେବ
ନହେଲେ ମନାକରି ଫେରେଇ ଦେବ

ଯାତ୍ରା ସରିଗଲାଣି
ଏବେ ଫେରିବାର ବେଳ
ଯିଏ ଯାହା ଜାମାଯୋଡ଼, ବକସିସ୍ ପାଇଲେ
ନେଇ ଫେରିଗଲେଣି
ମୁଁ ତୁମ ବଡ଼ଦାଣ୍ଡରେ
ହାତପତେଇ ଠିଆହୋଇଛି
କେଉଁ ଅନନ୍ତକାଳରୁ

ବହୁ ଭିକାରି ତୁମ କରୁଣାରୁ
ଏ ଭିତରେ କୋଟିପତି ହୋଇଗଲେଣି, ଜାଣ !
ଏବେ ଉତ୍ସବ କରି ବଖାଣୁଛନ୍ତି
ଗୁଣଗ୍ରାମ
ତୁମେ ଚୁପଚାପ୍ ଦାରୁଭୂତ ମୁରାରି
ଏବେ ଉଠ, କେବେଠୁ ଶୋଇଛ ଅନନ୍ତ ଶୟନରେ କହିଲ !

ଆଜି ଶେଷଦିନ
କାଲିକୁ ମାଗିବାକୁ ମୁଁ ନଥିବି
ତୁମେ ଥିବ ତ !
***

# ଆସମାନ୍ ତାରା

Srujan ISSN 2976-9329

## ମାନସ ରଂଜନ ମହାପାତ୍ର

ବହୁଦିନୁ ଆକାଶକୁ ଲେଖୁଛି ଚିଠି
ପକଉଛି ସମୟର ଡାକବାକ୍ସରେ
ହେଲେ ମୋ ଚିଠି ପହଞ୍ଚୁଛି କି ନାହିଁ
ଠିକଣା ଜାଗାରେ
ଜାଣେନାହିଁ, ଜାଣିବାର ସମ୍ଭାବନା ବି ନାହିଁ

ମୁଁ ଗୋଟେ ଅଜଣା ବନ୍ଦରରେ
ଗଲା କିଛି ବର୍ଷ ଧରି
ନିରବରେ ଅଟକି ରହିଛି
ଲଢୁଛି ଗୋଟେ ଅଜଣା ଅଦୃଶ୍ୟ
ଶତ୍ରୁ ସହ

ବହୁଦିନୁ ମୋ ଲାଗି ମୋ ପ୍ରେମମୟୀ
ଜୀବନ ସଙ୍ଗିନୀ
ପାଳୁଛନ୍ତି ସାବିତ୍ରୀ ଅମାବାସ୍ୟା
ହେଲେ ଯମ ଥରେ ବି
ମୋ ଆତ୍ମାକୁ ନେଇଯିବା କଥା
କହିନି, କାହିଁକି କେଜାଣି
ଆଉ ମୁଁ ଗୋଟେ ଅଜଣା ଅଦେଖା
ପ୍ରେମିକାର ସନ୍ଧାନରେ ଘୂରି ବୁଲୁଛି ଓ
ପ୍ରତିଦିନ ପାଉଛି ଛାଞ୍ଚୁଣୀ ପାହାର
ସାବିତ୍ରୀଙ୍କ ହାତରୁ
ନିରବରେ !!

***

# ପ୍ରମ୍ପ୍‌ଟର୍

SRUJAN
The Creativity Journal
Srujan ISSN 2976-9329

## ମାନସ ରଂଜନ ମହାପାତ୍ର

ପର୍ଦ୍ଦା ଉଠିନି ଏଯାଏଁ
ଶେଷଥର ପାଇଁ ଘୋଷି ନିଅ ସଂଳାପ
କିଏ ଜାଣେ ଏଥର ବଦଳି ଯାଇଥିବ ଯଦି ନାୟକ !
ସବୁ ଖେଳ ତ ଚଉକିର !

ପ୍ରଶଂସା ବା ନିନ୍ଦାର ଭିଡ଼କୁ
ନଡରି ତ ଆଗେଇ ଆସିଲ ଏଯାଏଁ
ନେପଥ୍ୟେ କୋଳାହଳରେ ବିତିଗଲା
ଅନନ୍ତ ଜୀବନ
ଥରେ ମଞ୍ଚକୁ ତ ଆସ
କରତାଳି କି ଗାଳି
ନିରବରେ ନିଃସର୍ତ୍ତରେ ନିଅ

ମଞ୍ଚ ଏବେ ସାମ୍ନାରେ ତୁମର
ପର୍ଦ୍ଦା ଉଠିବ କି ନା କାଲି
କିଏ ଜାଣିଛି କି କୁହ !

***

**ମାନସ ରଞ୍ଜନ ମହାପାତ୍ର** ଜଣେ କବି, ଅନୁବାଦକ, ଓ ସମ୍ପାଦକ । ସେ ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆରେ ବରିଷ୍ଠ ସମ୍ପାଦକ, ନେସନାଲ ସେଣ୍ଟର ଫର ଚିଲ୍‌ଡରେନ୍ସ ଲିଟରେଚରର ମୁଖ୍ୟ ଓ ଆର୍ଟ ଆଣ୍ଡ କଲ୍‌ଚର ଅଫ ନର୍ଥ ଇଷ୍ଟର୍ଣ୍ଣ ରିଜିଅନର ଡାଇରେକ୍ଟର ଥିଲେ । ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ସେ ଶତାଧିକ ଗଳ୍ପ, ପ୍ରବନ୍ଧ,ଏକାଙ୍କିକା, ସସ୍ମରଣ, ଅନ୍ତରଙ୍ଗ ଆଳାପ, ବିଜ୍ଞାନ କଥା, ଫିଚର୍, ଶିଶୁ ସାହିତ୍ୟ ଓ ସହସ୍ରାଧିକ କବିତା ଲେଖିଛନ୍ତି । ତାଙ୍କର ଛ'ଟି କବିତା ପୁସ୍ତକ, ଗୋଟିଏ ଉପନ୍ୟାସ, ଗୋଟିଏ କ୍ଷୁଦ୍ର ଗଳ୍ପ ସଂକଳନ, ଇଂରାଜୀ ଓ ହିନ୍ଦୀ ଭାଷାରେ ଦୁଇଟି ପୁସ୍ତକ, ଦୁଇଟି ଶିଶୁ ସାହିତ୍ୟ ପୁସ୍ତକ ଓ ପଚାଶରୁ ଅଧିକ ଅନୁବାଦ ଲେଖା ରହିଛି । ସେ ଅନେକ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ପତ୍ରିକାର ସମ୍ପାଦନା କରିଛନ୍ତି ।

# ଫଗୁଣ

SRUJAN
The Creativity Journal
Srujan ISSN 2976-9329

## ସୁରାତ୍ରୀ ପ୍ରଧାନ

ମାଘ ଚାଲିଗଲା ଶୀତ ସବାରିରେ
ଫଗୁଣ ହେଲା ପ୍ରବେଶ
ମଳୟ ପବନେ ମନ ଶିହରଣ
ସୁଶୀତଳ ଦଶ ଦିଶ ।
ଜୀର୍ଣ୍ଣ ବସ୍ତ୍ର ଅଙ୍ଗୁ ତେଜି ତରୁ ଲତା
ନବ ପଲ୍ଲବ ପିନ୍ଧିଣ
କେତକୀ ମାଳତୀ ଶେଫାଳି ସେବତୀ
ଋତୁ ରାଜାଙ୍କୁ ବରଣ ।
ଆମ୍ବର ବଉଳ କୁମ୍ଭାଟୁଆ ରୋଳ
ମହୁଲ ଫୁଲର ବାସ
କୋଇଲିର ସ୍ୱର ପଞ୍ଚମ ରନ୍ଧ୍ରରେ
ସଭିଙ୍କ ମନ ହରଷ ।
ପ୍ରୀତି ପାରାବାରେ ପୀରତି ପସରା
ଘରେ ଘରେ ରତି ଯାଇ
ମଦନ ଅନଳେ ଝାସ ଦେବାପାଇଁ
ପ୍ରେମିକ ପ୍ରେମିକା ବାଇ ।
ମଳୟ ଚନ୍ଦନ ହୃଦେ ପ୍ରଲେପନ
ମତେ ମତୁଆଲା ହୋଇ
ପ୍ରଣୟ ପତର ଲେଖି ଆରମ୍ଭନ୍ତି
ନିରୋଳା ପ୍ରକୋଷ୍ଠ ଯାଇ ।

ଉଜାଗର ରହି ପ୍ରଦୀପ ଜଳାଇ
ଦେଖି ହରିହର ଭେଟ
ଭକ୍ତି ଭାବେ ତୃପ୍ତି କରି ହେବେ ମୁକ୍ତି
ଭକ୍ତଙ୍କ ମନ ଉଚ୍ଚାଟ ।
ଦୋଳରେ ମେଳଣ ପାରିପାଟି ଜନ
ବିମାନରେ ନନ୍ଦବଳା
କି ଅପୂର୍ବ ଆହା ଅବିରର ଖେଳ
ସଭିଙ୍କର ମୁଣ୍ଡେ ବୋଳା ।
ଲଉଡ଼ି ଖେଳକୁ ଗୋପାଳ ଓଗାଳ
ଫଗୁଣରେ ଫଗୁ ଖେଳ
ଦୋଳ ଗୋବିନ୍ଦଙ୍କୁ ବିମାନେ ଦର୍ଶନ
କୋଟି ପୁଣ୍ୟର ସେ ଫଳ ।
ହୋଲିର ପରବ ରଙ୍ଗର ପସରା
ଧରି ହାତେ ପିଚକାରୀ
ମାସ ମଧ୍ୟେ ଶ୍ରେଷ୍ଠ ଫଗୁଣ ଅଟଇ
ନାଶ କରି ଥାଏ ଅରି ।
***

# ଏକ ସୂତ୍ରେ ବନ୍ଧା ଜୀବନ

SRUJAN
The Creativity Journal
Srujan ISSN 2976-9329

## ସୁରାତ୍ରୀ ପ୍ରଧାନ

ସ୍ୱରରେ ନ ଥିଲା ଅବ୍ୟକ୍ତ ବେଦନା
ଥିଲା ଖାଲି ଅନ୍ତଃସ୍ୱର
ଆଖିରେ ନଥିଲା ଲୁହର ଜୁଆର
ହୃଦୟେ ଲହୁର ଧାର,

କଳ୍ପନାରେ ନାହିଁ ଆଶା ପାରିଜାତ
ଥିଲା କିଛି ନିବିଡ଼ତା
ମନରେ ନଥିଲା ପାଇବାର କିଛି
ଥିଲା ତ ଆନ୍ତରିକତା,

ଇଚ୍ଛାରେ ନଥିଲା ଭଲ ପାଇବାର
ରୋମାଞ୍ଚ ଭରା କାହାଣୀ
ଚାହୁଁ ଥିଲା ମନ ସ୍ନେହ ମମତାର
ଛୋଟ ଏକ ନିର୍ଝରିଣୀ,

ହୀରା ନୀଳା ମୋତି କିଛି ଲୋଡ଼ା ନାହିଁ
ଜୀବନର ପଥ ଧାରେ
ବଞ୍ଚିବାକୁ ଲୋଡ଼ା ଏକସୂତ୍ରେ ବନ୍ଧା
ପରସ୍ପର ବିଶ୍ୱାସରେ,
***

# ପ୍ରତୀକ୍ଷାର ଅନ୍ତରାଳେ

Srujan ISSN 2976-9329

## ସୁରାତ୍ରୀ ପ୍ରଧାନ

ତୋ ପ୍ରତୀକ୍ଷାର ଅନ୍ତରାଳେ
ମୋ ଉଦ୍-ବେଳିତ ସୀମାହୀନ ଆଶାର ଭାବ ବିହ୍ୱଳ ମୁହୂର୍ତ୍ତ
ଚାପି ରଖିଛି ଛାତି ତଳେ,
ପୁଣି ପ୍ରଜ୍ୱଳିତ କରୁଛି
ଲିଭି ଆସୁଥିବା ମନର ଉଦ୍‌ବେଗ ।

ଦିନ ସରି ଯାଇ ରାତି ଆସୁଛି,
ରାତି ସରି ଯାଇ ପୁଣି ଦିନ ଆସୁଛି
ହେଲେ ମୋ ପ୍ରତୀକ୍ଷାର ଅନ୍ତ ଘଟୁନି ଛାତି ତଳେ
ଆଗକୁ ଆହୁରି ସେଇ ସ୍ମୃତି ଟିକକ
ପୁଣି ମନ ଭିତରେ ଗୁଡ଼େଇତୁଡ଼େଇ ହେଉଛି ,
ବୁଝିପାରୁନି ମୁଁ
ସମ୍ପର୍କକୁ  କ'ଣ ଭାବୁଛୁ ତୁ ।

ହଜାରେ ସମ୍ପର୍କକୁ ନିଜର କରିବା
କେତେ ଯେ ଭୁଲ୍ ତାହା ତୁ ପାରିବୁନି ବୁଝି
ଗୋଟିଏ ଭଲ ସମ୍ପର୍କକୁ ନିଜର କରିଲେ ହୁଏତ
ସେଇ ସମ୍ପର୍କ ଦିନେ ତୋ ପାଇଁ କେତେ ଜରୁରି
ହେବ ତାହା ତୁ  ପାରିବୁନି ଭାବି
ଶେଷରେ ତୋ ପାଇଁ ଅନେକ ଅନେକ ଶୁଭକାମନା
ମୋ ହୃଦୟର ପ୍ରତିଟି ସ୍ପନ୍ଦନରୁ ।

***

**ସୁରାତ୍ରୀ ପ୍ରଧାନ,** ଗୃହିଣୀ । କୁସୁପୁର, ଗୋପ, ପୁରୀରେ ଶାଶୁଘରେ ସ୍ୱାମୀ ଓ ପିଲାମାନଙ୍କ ସହ ରହନ୍ତି । କବିତା ଲେଖିବାରେ ଆଗ୍ରହ । ସାହିତ୍ୟ ପତ୍ରିକାରେ ଅନେକ ଲେଖା ପ୍ରକାଶିତ ।

# ଓଡ଼ିଆ ଲିଖନକୁ ତ୍ରୁଟିଶୂନ୍ୟ କିପରି କରିବା ?

SRUJAN
The Creativity Journal
Srujan ISSN 2976-9329

## ପ୍ରଭାତ ରଞ୍ଜନ ବେହୁରା

ଆମେ ଜାଣିଛୁ ଯେ କୌଣସି କଥାବାର୍ତ୍ତା ବେଳେ କହୁଥିବା ଲୋକର କଥାକୁ ଶୁଣୁଥିବା ଲୋକ ଯଦି ବୁଝିପାରେ, ତେବେ ସେତେବେଳେ କଥାବାର୍ତ୍ତା ବା ଯୋଗାଯୋଗ ସଫଳ ହୋଇଥାଏ ବୋଲି କୁହାଯାଏ । କିନ୍ତୁ ଏହି ଉକ୍ତିଟି ଠିକ୍ ଥିଲେ ବି ବକ୍ତାର ଭାବନା ସହିତ ଶ୍ରୋତାର ଭାବନା ଶତ ପ୍ରତିଶତ ସମାନ ହୋଇନପାରେ । ଅନ୍ୟ ଭାଷାରେ କହିଲେ, ଉକ୍ତିଟି ସମାନ ଥିଲେ ବି ବକ୍ତାଙ୍କ ବିଚାର, ଶ୍ରୋତାଙ୍କ ବିଚାର ସହିତ ମେଳ ହୋଇନପାରେ । ନିମ୍ନ ଉଦାହରଣଟି ପାଠକଙ୍କ ଗୋଚରାର୍ଥେ ପ୍ରଦତ୍ତ ହେଲା ।

ପ୍ରାୟ ସତୁରି ବର୍ଷ ତଳର କଥା । ଗଣିଜେଜେ ଥିଲେ ଭାରି କୁହାଳିଆ ମଣିଷ । ଭାରି ବୁଦ୍ଧିମାନ । ତାଙ୍କ ସହିତ କୁମ୍ଭ ପାତ୍ର ବୋଲି ଜଣେ ଲୋକର ଖୁବ୍ ଭାବଦୋସ୍ତି ରହିଥିଲା । କୁମ୍ଭ ପାତ୍ର ମହାଶୟଙ୍କ ଘର ରାଜନଗର ଥାନାର ଦାଣ୍ଡି ଗାଆଁରେ । ତାଙ୍କର ଚାରି ପାଞ୍ଚଟି ଡଙ୍ଗା ଥିଲା ଏବଂ ସେ ରାଜନଗରରେ ତେଜରାତି ଦୋକାନଟିଏ ବି କରିଥିଲେ । ତାଙ୍କ ଡଙ୍ଗାଗୁଡ଼ିକ ରାଜନଗର ଓ ଚାନ୍ଦବାଲି ମଧ୍ୟରେ ବର୍ଷର ବାରମାସ ଯାତାୟାତ କରୁଥିଲା । କେତେବେଳେ କେମିତି ଦରକାର ହେଲେ ସେଥିରୁ ଗୋଟାଏ ଦୁଇଟା କଟକ ବି ଯାଉଥିଲା । ସେଥିରେ ମାଲପତ୍ର ନେବା ଆଣିବା ହୋଇଥାଏ ଓ ଲୋକମାନେ ବି ଯାତାୟାତ କରନ୍ତି । ଚାନ୍ଦବାଲି ସହିତ କାରବାର କରୁଥିବା ଡଙ୍ଗାଗୁଡ଼ିକ ଦିନବେଳା ଘାଟରେ ବନ୍ଧା ହୋଇରହିଥାଏ । ସନ୍ଧ୍ୟାରୁ ରାତି ଆଠଟା ନଅଟା ଭିତରେ ନଦୀରେ ଜୁଆର ଭଟ୍ଟାକୁ ନିରୀକ୍ଷଣ କରି ଘାଟ ଛାଡ଼େ ଏବଂ ରାତିସାରା ଚାଲେ, ପାହାନ୍ତା ବା ସକାଳର ସିନ୍ଦୂରା ଫାଟିଲା ବେଳକୁ ଉଦ୍ଦିଷ୍ଟ ଜାଗାରେ ପହଞ୍ଚିଥାଏ । ଥରେ ଗଣିଜେଜେ କୌଣସି କାମରେ ଚାନ୍ଦବାଲି ଯାଇଥିଲେ । ସେଦିନ ସେ ଫେରି ଆସିବାର ଥିଲା । କିନ୍ତୁ କୌଣସି କାରଣରୁ ତାଙ୍କର କାମ ସରିବା ବେଳକୁ ସନ୍ଧ୍ୟା ହୋଇଗଲାଣି । ଅନ୍ୟ ଦିନେ ସେ ଭଦ୍ରକ ବାଟେ କଟକ ହୋଇ ଘରକୁ ଫେରୁଥିଲେ । ଆଗରୁ ଥରେ କି ଦୁଇଥର ଗଣିଜେଜେ ତାଙ୍କ ସାଙ୍ଗ, କୁମ୍ଭଜେଜେଙ୍କ ଡଙ୍ଗାରେ ଚାନ୍ଦବାଲିରୁ ରାଜନଗର ଆସିଥିଲେ ।

ଏଥର କିନ୍ତୁ ସେଦିନ ସଞ୍ଜ ହୋଇଯିବାରୁ ସେ କୁମ୍ଭଜେଜେଙ୍କ ଡଙ୍ଗାରେ ଘରକୁ ଫେରିଯିବାକୁ ମନସ୍ଥ କରି ଡଙ୍ଗା ଲଙ୍ଗର ପକେଇଥିବା ଘାଟକୁ ଗଲେ । ଡଙ୍ଗା ଯଦି ରାଜନଗର ଯାଉନଥିବ, ତେବେ ରାତିରେ ତାଙ୍କ ଡଙ୍ଗାରେ ରହିଯିବେ, ପରଦିନ ସକାଳେ କଟକ ବାଟେ ଘରକୁ ଫେରିଆସିବେ ବୋଲି ମନରେ ବିଚାର କରିଥିଲେ ।

ମୁହଁ ଅନ୍ଧାର ହୋଇଯାଇଥିଲା । ସେତେବେଳେ ତ ବିଜୁଳି ଆଲୁଅର ସୁବିଧା ନଥିଲା । ତେଣୁ ଘାଟରେ ପହଞ୍ଚିଲା ବେଳକୁ ଅନ୍ଧାର ହୋଇଗଲାଣି । ଡଙ୍ଗାଗୁଡ଼ିକ ଘାଟରେ ଥିଲେ ବି କୂଳକୁ ଲାଗିକରି

ନଥିଲେ । ତେଣୁ ନଈକୂଳରେ ଛିଡ଼ାହୋଇ ଜେଜେ ପାଟିକରି କହିଥିଲେ, "ଦାଣ୍ଡି ଡଙ୍ଗା ଅଛି କି ?" ଉତ୍ତର କିଛି ମିଳିଲା ନାହିଁ । ପୁଣି ଥରେ ଟିକିଏ ବଡ଼ପାଟିରେ ସେଇକଥାକୁ ପୁନରାବୃତ୍ତି କଲେ ।

ଏଥର ଜବାବ ଆସିଲା, "ହଁ, ଅଛି । କିଏ ଡାକୁଛ ?"

ଜେଜେ ଏଥର ପୁଣି ପଚାରିଲେ, "କୁମ୍ଭ ପାତ୍ର ଅଛି କି ?"

ଏଥର ଉତ୍ତର ଆସିଲା, "ହଁ, ଅଛି ।"

ଜେଜେ କହିଲେ, "ଡଙ୍ଗା କୂଳକୁ ଆଣ ।"

ଡଙ୍ଗା କୂଳରେ ଲାଗିବା ପରେ, ଜେଜେ ଡଙ୍ଗାର ନାଉରୀକୁ ତ ଚିହ୍ନିପାରିଲେ ନାହିଁ । ପଚାରିଲେ. "କୁମ୍ଭ ନାହିଁ କି ?"

ନାଉରୀ କହିଥିଲା, "ଲଣ୍ଠନ ଆଲୁଅରେ ଦେଖିପାରୁନ ? ତମେ ପରା କୁମ୍ଭ ପାଇଁ ହାଣ୍ଡି-ଡଙ୍ଗା ଖୋଜୁଥିଲ ! ଛୋଟରୁ ବଡ଼ ହୋଇ କେତେ ପ୍ରକାରର ମାଠିଆ ଦେଖିପାରୁନ ଯେ 'କୁମ୍ଭ ନାହିଁ' ବୋଲି କହୁଛ ?"

ନାଉରୀର କଥା ଶୁଣି, ଜେଜେ ଥମ୍ କରି ଠିଆ ହୋଇ ରହି କିଛି ସମୟ ପରେ କହିଲେ, "ମୁଁ ଦାଣ୍ଡି ଗାଆଁର କୁମ୍ଭ ପାତ୍ରଙ୍କୁ ଖୋଜୁଥିଲି ।" ନାଉରୀ ଏପରି କଥା ଶୁଣି ପ୍ରଥମେ ହୋ-ହୋ ହୋଇ ହସିଥିଲା ସିନା, କିନ୍ତୁ ପରେ ସେ ଜାଣିଗଲା ଯେ – ଗଣିଜେଜେ କହିଥିବା 'ଦାଣ୍ଡି-ଡଙ୍ଗା'କୁ 'ହାଣ୍ଡି-ଡଙ୍ଗା'(ଯେଉଁ ଡଙ୍ଗାରେ ହାଣ୍ଡି ରହିଥାଏ) ଏବଂ 'କୁମ୍ଭ ପାତ୍ର'କୁ 'ମାଠିଆ' ('କୁମ୍ଭ' ଶବ୍ଦର ଅର୍ଥ ପାଣି ରଖାଯାଉଥିବା ଲୋଟା ବା କଳସୀ, ଏବଂ 'କୁମ୍ଭ ପାତ୍ର'କୁ ମାଟି ତିଆରି ପାତ୍ର) ବୋଲି ବୁଝିଥିଲା । ସେଥିପାଇଁ ସେ ଡଙ୍ଗାକୁ କୂଳରେ ଲଗାଇଥିଲା ।

ପରେ ଗଣିଜେଜେ କ'ଣ କଲେ, ସେକଥା ଭିନ୍ନ କଥା । ତେବେ ଉପର୍ଯ୍ୟୁକ୍ତ ହାସ୍ୟ ସୃଷ୍ଟିକାରୀ କଥାଟି ସେତେବେଳେ ବହୁଦିନ ପର୍ଯ୍ୟନ୍ତ ଆମ ଅଞ୍ଚଳର ଲୋକମୁଖରେ ଶୁଣାଯାଇଥିଲା । ଏହା ଏକ ମନୋରଞ୍ଜନର ନମୁନା ଥିଲା ।

ତେଣୁ ଏଇଭଳି ଅନେକ କଥା ବି ରହିଛି । ଉପର୍ଯ୍ୟୁକ୍ତ ତଥ୍ୟରେ ଜଣେ ଅନ୍ୟର କଥାକୁ ଭିନ୍ନ ଢଙ୍ଗରେ ଶୁଣିଥିଲେ । ସେହିଭଳି ସମୟ ସମୟରେ ଲେଖକର ଲେଖା ହେଉ ବା ଛାପାଯାଇଥିବା ଲେଖାରେ ବି ଭୁଲ ରହିଯାଏ । ଶବ୍ଦରେ ବନାନ ଭୁଲ ନଥିଲେ ବି ସେଇଟି ପଢ଼ିବା ବେଳେ ଲେଖକଙ୍କ ଉଦ୍ଦେଶ୍ୟଟି ପାଠକଙ୍କ ପାଇଁ ଭିନ୍ନ ହୋଇଯାଏ । ପାଠକଙ୍କ ଅବଗତି ନିମନ୍ତେ, ସେଥିରୁ କେତୋଟି ନମୁନାର ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା ।

**ଉଦାହରଣ-୧ : (ଶବ୍ଦରେ ମାତ୍ରା ବା ଫଳା ଅଦଳବଦଳ ପ୍ରସଙ୍ଗ)**

ଗ୍ରାମ ପଞ୍ଚାୟତର ପ୍ରତିନିଧି ଭାବରେ ଆମ ଗ୍ରାମର କାର୍ତ୍ତିକ ଚନ୍ଦ୍ର ବାରିକ ନିର୍ବାଚିତ ହୋଇଥିଲେ । ସେ ପ୍ରଥମେ ନିରକ୍ଷର ଥିଲେ । କିନ୍ତୁ ସରକାରଙ୍କ ସାକ୍ଷରତା ଅଭିଯାନରେ ସାମିଲ ହୋଇ ଓଡ଼ିଆ ବର୍ଣ୍ଣମାଳା

ଲେଖିବା ଓ ପଢ଼ିବା ବି ଶିଖିଯାଇଥିଲେ । ପଞ୍ଚାୟତ ସଭାମାନଙ୍କରେ ଆଗରୁ ସେ ଦସ୍ତଖତ ବଦଳରେ ଟିପ ଲଗାଇ ନିଜର ଉପସ୍ଥିତି ଜାହିର କରୁଥିଲେ । କିନ୍ତୁ ଓଡ଼ିଆ ଅକ୍ଷର ସବୁ ଲେଖିବା ଓ ପଢ଼ିବା ଶିଖିବା ପରେ ଦସ୍ତଖତ କରିବା ଆରମ୍ଭ କରିଦେଇଥିଲେ । ନବସାକ୍ଷର ଭାବରେ ସେ ଜଣାଶୁଣା ହୋଇଗଲେ । ସବୁଦିନ ସିନା କିଛି ପଢ଼ିବା ବା ଲେଖିବା ଅଭ୍ୟାସ ଜାରି ରଖିଥିଲେ ଭଲ ହୋଇଥାଆନ୍ତା । ତଥାପି ପ୍ରତି ଦୁଇ ତିନି ମାସରେ ପଞ୍ଚାୟତ ସଭାରେ ସେ ହାଜର ହୋଇ ଉଦ୍ଦିଷ୍ଟ ଖାତାରେ ଦସ୍ତଖତ କରିବାକୁ ସେ ଉଦ୍‌ବିଗ୍ନ ହେଉଥିଲେ । ସଭା ଶେଷରେ ହିଁ ଦସ୍ତଖତ କରିବାର ପରମ୍ପରା ରହିଥିଲା । ତେଣୁ କାର୍ତ୍ତିକ ମଉସା ସଭା ଶେଷ ପର୍ଯ୍ୟନ୍ତ ବସି ରହିବାକୁ ବାଧ୍ୟ ହେଉଥିଲେ । ତେବେ ସେ ଯେଉଁ ଦସ୍ତଖତ କରୁଥିଲେ, ତାହା ଠିକ୍ ଥିଲା କି ଭୁଲ୍, ସେଥିପ୍ରତି ତାଙ୍କ ନଜର ଯାଉନଥିଲା । ଥରେ ଜିଲ୍ଲାପାଳ ମହାଶୟ ପଞ୍ଚାୟତ ସଭାରେ ଯୋଗ ଦେଇଥିଲେ । ସରଗରମ ଆଲୋଚନା ବି ଜାରି ରହିଥିଲା । ସେଇ ଆଲୋଚନା ପରେ ସଭାର ବିବରଣୀ ଖାତାରେ ବି ଜିଲ୍ଲାପାଳ ଦସ୍ତଖତ କଲେ । ଦସ୍ତଖତ କରିବା ପରେ ପୂର୍ବ ବିବରଣୀଗୁଡ଼ିକ ଉପରେ ନଜର ପକାଇଥିଲେ । ସେତେବେଳେ ତାଙ୍କ ନଜର ପଡ଼ିଥିଲା ଆମ ପ୍ରତିନିଧିଙ୍କ ଦସ୍ତଖତ ଉପରେ । ସେ ପଢ଼ିଥିଲେ- "କାର୍ତ୍ତିକ ଚନ୍ଦ୍ର ବିରାକ" ଓ କାର୍ତ୍ତିକ ମଉସାଙ୍କୁ ପାଖକୁ ଡାକି ତାଙ୍କ ନାଆଁ 'କାର୍ତ୍ତିକ ଚନ୍ଦ୍ର ବାରିକ' ବଦଳରେ 'କାର୍ତ୍ତିକ ଚନ୍ଦ୍ର ବିରାକ' ହୋଇଥିବା କହିଥିଲେ । ଭୁଲ୍‌ଟି ଜଣେଇବା ସହିତ କେମିତି ଲେଖିଲେ ସେଇଟି ଠିକ୍ ହେବ, ସେକଥା ବୁଝେଇଦେଇଥିଲେ । ହେଲେ କାର୍ତ୍ତିକ ମଉସାଙ୍କ ଉତ୍ତର ଥିଲା, "ହଁ, ସାରେ, ତେମେ ଆପଣେ ଠିକ୍ କହିଲ ଯେ, ମୁଁ ତ ଆକାର ଆଉ ହର୍ସେଇକାର ଦେଇଚି, ସେ ଦୁଇଟା କେବଳ ଆଗପଛ ହେଇଯାଇଛି । ଅସୁବିଧା କ'ଣ ହେଇଗଲା ଯେ !" ପରେ କ'ଣ ଆଲୋଚନା ହୋଇଥିଲା, ସେକଥା ନିଷ୍ପ୍ରୟୋଜନ । କିନ୍ତୁ ଭୁଲ୍‌ଟା କେମିତି ହୋଇଥାଏ, ପାଠକେ ଜାଣିସାରିବେଣି । ଲେଖିଲାବେଳେ ଭୁଲ ହୋଇଥିଲା ନିଶ୍ଚୟ ।

**ଉଦାହରଣ-୨ : (ଶବ୍ଦରେ ଅକ୍ଷର ଲାଗିଯିବା ବା ଅଲଗା ହୋଇଯିବା ପ୍ରସଙ୍ଗ)**

ସେଇଭଳି ନାଆଁ ଲେଖିଲା ବେଳେ କେହି କେହି ବିଭ୍ରାଟ କରିବସନ୍ତି, ଯେମିତି 'ବସନ୍ତ କୁମାରୀ ଦେବୀ' କୁ 'ବସନ୍ତକୁ ମାରୀଦେବୀ' ଲେଖି ଦିଅନ୍ତି । ବନାନ ଶୁଦ୍ଧ ରହିଥିଲେ ବି ଶବ୍ଦରେ ବିଭ୍ରାଟ ହୋଇଯାଇଛି । ଦ୍ୱିତୀୟ ଶବ୍ଦର ପ୍ରଥମ ଅକ୍ଷର ପ୍ରଥମ ଶବ୍ଦ ସହିତ ଯୋଡ଼ିଦିଆଗଲା, ପୁଣି ତୃତୀୟ ଶବ୍ଦଟି ଦ୍ୱିତୀୟ ଶବ୍ଦ ସହିତ ଯୋଡ଼ିହୋଇଗଲା । ଫଳରେ ସେଇଟି ଯେ କାହାର ନାଆଁ, ସେକଥା ପାଠକ ଜାଣିବା ସହଜ ନୁହେଁ । ଯେହେତୁ ଏଇ ଉକ୍ତିଟି ପାଠକଙ୍କ ନଜରରେ ଏଇଟି କାହାର ନାଆଁ ବୋଲି ଜାଣିହେଉନଥିଲା, ସେ ନିଶ୍ଚିତ ଭାବରେ ବନାନ ଅଶୁଦ୍ଧ ବୋଲି ମନେକରି ଉକ୍ତିକୁ ସଂଶୋଧିତ ଉକ୍ତିରେ ଦେଖିବାକୁ ଚାହିଁବେ – ବସନ୍ତକୁ ମାରିଦେବି ।

ସେମିତି ଆଉ ଗୋଟିଏ ଉକ୍ତି ଅଧିକାଂଶ ଲୋକଙ୍କ ନଜରରେ ପଡ଼ିଥିବ । ଯାତ୍ରୀ ପରିବହନ କରୁଥିବା ଅନେକ ଅଟୋରିକ୍ସା ବା ଭଡ଼ାରେ ଲାଗୁଥିବା ଗାଡ଼ି ପଛରେ ଲେଖା ହୋଇଥାଏ – 'ମୁଁ ଫେରିଲେ ତୁମର' । କିନ୍ତୁ ସେଇ ଲେଖାଟି ଗାଡ଼ିପଛରେ ଲେଖୁଥିବା ଲୋକଟି ବେଳେ ବେଳେ ଲେଖିଦେଇପାରେ – 'ମୁଁ ଫେରିଲେ ତୁ ମର ।' ମାତ୍ର ଗୋଟିଏ ଅକ୍ଷର ଶେଷ ଶବ୍ଦରୁ ଅଲଗା ହୋଇଯିବାରୁ, ଉକ୍ତିର ଅର୍ଥାନ୍ତର ଘଟିଲା ।

କେତେବର୍ଷ ତଳେ ଏକ ଆଞ୍ଚଳିକ ଇଂରାଜୀ ଖବରକାଗଜର ପ୍ରଥମ ପୃଷ୍ଠାରେ ଓଡ଼ିଆରେ ଲେଖା ହୋଇଥିଲା- "ନୋବେଲ୍ ଫର୍ ଲାଲୁ ପ୍ରସାଦ ଯାଦବ" । ଏଇ ଉକ୍ତିଟି ନିଶ୍ଚିତ ଭାବରେ ପାଠକଙ୍କୁ ବିବ୍ରତ କରିଥିଲା । କାରଣ ଜଣେ ବିଶିଷ୍ଟ ଅସାଧୁ ରାଜନେତାଙ୍କୁ ନୋବେଲ ପୁରସ୍କାର ଭଳି ଆନ୍ତର୍ଜାତିକ ସମ୍ମାନ ମିଳିବା ପାଠକଙ୍କୁ ଚକିତ କରିଥିଲା । ପ୍ରକୃତରେ ତଥ୍ୟଟି ଏହିପରି ଥିଲା- "ନୋ ବେଲ୍ ଫର୍ ଲାଲୁ ପ୍ରସାଦ ଯାଦବ" । ତେଣୁ ଶବ୍ଦଗୁଡ଼ିକ ଯୋଡ଼ିହୋଇଗଲେ ଯେ ଅର୍ଥାନ୍ତର ହୋଇପାରେ, ତାହା ଉପର୍ଯ୍ୟୁକ୍ତ ଉକ୍ତିଗୁଡ଼ିକରୁ ସ୍ପଷ୍ଟ ଭାବରେ ଜାଣିହୁଏ ।

**ଉଦାହରଣ-୩ : (ଓଡ଼ିଆ ବର୍ଣ୍ଣମାଳାରେ ଅକ୍ଷରଗୁଡ଼ିକର ଆକୃତିରେ ସାମଞ୍ଜସ୍ୟ ଥିବା ପ୍ରସଙ୍ଗ)**


ଆମ ବର୍ଣ୍ଣମାଳାର ଅ-ଥ, ଉ-ଭ, ଚ-ର, ଜ-ଦ, ଝ-ଟ, ଡ-ଉ, ଢ-ତ, ଥ-ଧ, ଦ-ବ, ଦ-ହ, ପ-ଷ, ମ-ସ, ଯ-ୟ. ଳ-ଲ, ଶ-ଣ, ଷ-କ୍ଷ, ଡ-ଙ ଆଦି କିଛି ଅକ୍ଷରର ଆକୃତି ପ୍ରାୟ ଏକା ପରି । ଲେଖିଲାବେଳେ ସାବଧାନ ହୋଇ ନ ଲେଖିଲେ 'କଲମ' ଟା 'କଳମ', 'ଚାଉଳ' ଟା 'ରାଉଳ' ହେଇଯିବ, 'ଚାମର' ଟା 'ରାମର' ହେଇଯିବ, 'ତାଉଆ' ଟା 'ଢାଉଆ', 'ତାଳ' ହେଇଯିବ 'ଢାଳ' । ଏସବୁ କେତୋଟି ମାତ୍ର ନମୁନା ଥିଲା ।


**ଉଦାହରଣ-୪ : (ଓଡ଼ିଆ ଭାଷାର ଲିପି ପ୍ରସଙ୍ଗ)**

ଏବେ ବହୁତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସାମାନ୍ୟ ଆଲୋଚନା କରିବା । ପାଠକେ ସ୍ଥିର ମନରେ ଧ୍ୟାନ ଦେଲେ ହିଁ ଆଲୋଚନାଟି ସଫଳ ହେବ ବୋଲି ଲେଖକ ମନେକରେ ।

ମୁଦ୍ରଣ ପ୍ରକ୍ରିୟାରେ କମ୍ପ୍ୟୁଟରର ପ୍ରୟୋଗ ପୂର୍ବରୁ ମୁଦ୍ରିତ ମାତ୍ରା ଓ ଫଳାଯୁକ୍ତ ବର୍ଣ୍ଣଗୁଡ଼ିକର ରୂପ ନିମ୍ନ ପ୍ରକାରେ ଥିଲା । ଏହି ପ୍ରକାର ଅକ୍ଷରରେ ଅନେକେ ବି କଲମରେ ଲେଖିବା ଅଭ୍ୟାସ କରିଥିଲେ । ବର୍ତ୍ତମାନ ପିଢ଼ିଙ୍କ ଗୋଚରାର୍ଥେ ଏହି ଅକ୍ଷରର ନମୁନାଗୁଡ଼ିକ ରଖାଗଲା । ଏହି ପ୍ରକାରର ବର୍ଣ୍ଣ ଏବେ ଲେଖିବାର ଆବଶ୍ୟକତା ନାହିଁ ସତ, କିନ୍ତୁ ପୁରୁଣା ପୋଥି, ପୁରାଣ, ହାତଲେଖା ପତ୍ର ବା ଡାଏରୀ ଓ ମୁଦ୍ରିତ ପୁସ୍ତକ, ପୁସ୍ତିକା ପଠନରେ ସହାୟତା କରିବ ନିଶ୍ଚୟ ।

ଯେହେତୁ ବର୍ତ୍ତମାନ ସମୟର ଓଡ଼ିଆଲିପି, ପୁରୁଣା ଢଙ୍ଗରୁ ବାହାରିଆସିଲାଣି, ପୁରାତନ ଲିପିର ଲେଖାଗୁଡ଼ିକ ପାଠକମାନଙ୍କ ନିକଟରେ ଆଦୃତ ହୋଇନପାରେ। ପୁନଶ୍ଚ ଆଜିକାଲି ଯୁକ୍ତାକ୍ଷରରେ ହଳନ୍ତ ଓ ଅନୁସ୍ୱାରର ବ୍ୟବହାର ବୃଦ୍ଧିପାଉଥିବାରୁ ଉଦ୍ଦିଷ୍ଟ ରଚନା କେତେଦୂର ପାଠକୀୟ ଆଦୃତି ଲାଭ କରିବ, ତାହା ମଧ୍ୟ ସନ୍ଦେହାଚ୍ଛନ୍ନ ।

ଚା= , ଊା= , ଭା= , ରା= , ଲା= 

କି= ,  =ଖି, ଚି= , ଛି= , ଜି= , ଡି= , ଡ଼ି= , ଢି= , ଢ଼ି= , ତି= ,

=ଥି, ଦି= , =ଧି, ନି= , ବି= , ଭି= , ରି= , ଳି= , ଲି=
, ହି=

ଭୀ= , ରୀ = , ଲୀ= ,

ଭୋ= ରୋ= , ଲୋ=

ଢ଼= , =ଧ, କ୍ର= , ତ୍ର= , ର୍ଜା= , ଲ୍ୟ=

କ୍ତି= , ଝି= , ଉି= , ନ୍ତି= , ନ୍ଦି= , କ୍ଷି= , ନ୍ତୁ= , ସ୍ତୁ=

କେହି ଜଣେ ଲେଖିଲାବେଳେ ଜାଣିଶୁଣି ଭୁଲ କରନ୍ତି ନାହିଁ । ସାଧାରଣତଃ ଅଜ୍ଞତାବଶତଃ ଭୁଲଗୁଡ଼ିକ ଲେଖା ଭିତରକୁ ଧସେଇ ପଶିଯାଇଥାଆନ୍ତି । ଏମିତି ବି କେତେକ ଭୁଲ ଉଦ୍ଦିଷ୍ଟ ପାଠକଙ୍କ ନଜରରୁ ଖସିଯାଇଥାଏ । ଯେତେବେଳେ ସେଇ ଭୁଲଟି ଜଣାପଡ଼େ, ଭୁଲ କେମିତି ହୋଇଥିଲା, ସେକଥା ମଧ୍ୟ ବିଶ୍ଳେଷଣ ନ କରି ସେତେବେଳେ ଲେଖକଙ୍କୁ ହିଁ ଦାୟୀ କରାଯାଇଥାଏ । ଲେଖିଲାବେଳେ ଅନେକ ପ୍ରକାରର ଭୁଲ ହୋଇପାରେ । ତେବେ ସେସବୁର ନିରୀକ୍ଷଣ କରି ସୁଧାରିବାକୁ ଚେଷ୍ଟା କରିବା ଉଚିତ, ଯାହାଦ୍ୱାରା ଲିଖିତ ଓଡ଼ିଆ ଭାଷାର ଗୁଣାତ୍ମକ ମାନ ସର୍ବଦା ଉଚ୍ଚକୋଟୀର ରହିବ ।

***

**ପ୍ରଭାତ ରଞ୍ଜନ ବେହୁରା**, ବି.ଏସସି, ବି.ଏଡ୍, କାନାରା ବ୍ୟାଙ୍କରୁ ସେବାନିବୃତ୍ତ । ବ୍ୟାଙ୍କରେ ନିଯୁକ୍ତି ପାଇବା ପୂର୍ବରୁ ସେ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଥିଲେ । ସେବାନିବୃତ୍ତ ହେବା ପରେ ସେ ଓଡ଼ିଆ ଭାଷାର ଶୁଦ୍ଧତା ପ୍ରତି ଧ୍ୟାନ ଦେଇ ଏକାଧିକ ପୁସ୍ତକ ଓ ପତ୍ରିକାର ପ୍ରୁଫ୍ ସଂଶୋଧନରେ ସମୟ ଦେବା ସହିତ ମାସିକ ସାହିତ୍ୟ ପତ୍ରିକା 'ସାହିତ୍ୟ ଚର୍ଚ୍ଚା'ର ବର୍ତ୍ତମାନ ସହ-ସମ୍ପାଦକ ଅଛନ୍ତି । ସେ ଅନୁବାଦ, ପ୍ରବନ୍ଧ ଲିଖନରେ ସମୟ ଅତିବାହିତ କରିବାକୁ ପସନ୍ଦ କରନ୍ତି । ସେ ଭୁବନେଶ୍ୱରରେ ରହନ୍ତି ।

[ଏଇ ଆଲେଖ୍ୟ ମାଧ୍ୟମରେ ଓଡ଼ିଆ ଭାଷାରେ ଶୁଦ୍ଧଲିଖନ ସମ୍ପର୍କରେ ପାଠକଙ୍କୁ ସଚେତନ କରିବାକୁ ଉଦ୍ୟମ କରାଯାଇଛି । ପରବର୍ତ୍ତୀ ସମୟରେ ଆହୁରି କେତେକ ସରଳ ତଥ୍ୟ ଉପସ୍ଥାପନ କରି ପାଠକଙ୍କୁ ଅଧିକ ସଚେତନ କରିବାକୁ ଉଦ୍ୟମ ଜାରି ରହିବ । ସେଥିରେ ହଳନ୍ତ, ଅନୁସ୍ୱାର, ରେଫ୍ ଇତ୍ୟାଦିର ପ୍ରୟୋଗ, ବିଭକ୍ତି ସୂଚକ ଚିହ୍ନ, ଯୁକ୍ତାକ୍ଷର ସମ୍ବନ୍ଧୀୟ କେତେକ ତଥ୍ୟ ଅନ୍ତର୍ଭୁକ୍ତ । ଜଣେ ଭାଷାପ୍ରେମୀ ଭାବରେ ପାଠକମାନଙ୍କୁ ତ୍ରୁଟିଶୂନ୍ୟ ଲେଖା ଲେଖିବାକୁ ଉତ୍ସାହିତ କରିବାକୁ ଲେଖକ ଶ୍ରୀ ପ୍ରଭାତ ରଞ୍ଜନ ବେହୁରା ଲକ୍ଷ୍ୟ ରଖିଛନ୍ତି ।]

# You can be free

SRUJAN
The Creativity Journal
Srujan ISSN 2976-9329

## Nilamadhab Kar

I know I miss you.
Maybe you too.
But..., possibly
That’s my wish.

I wish you would come back.
One day.
I would love to see you.
Even after all these.
Living the life
Being an actor on the scene
I can't forget.

It was easier, forgiving others,
You!
I am getting ready,
Preparing myself, all these days,
and years,
to forgive.
Me. Myself

I know we can't start afresh.
With all that past.
I understand.
You don't need to say sorry,
You don't have to feel anything.

Mistakes are defined by others.
I don't see it anymore, that way.
I’ve moved on,
So do you, perhaps.

Now, that I’ve forgiven,
I’m free…
I feel the freedom.

More than seeing you,
I want to show you, me, myself,
in your eyes, to convince you,
that you can be free too
from yourself.
Your past, mistakes, bondages,
regrets, even obsessions, and
illusions...
And you.
You can transcend, beyond you!

***

# Heaviness of your teardrops

Srujan ISSN 2976-9329

Nilamadhab Kar

In your absences,
I feel the heaviness
of those wet eyelids,
you carried carefully
before you left.

Moments just froze over there,
There wasn't a streak of pretence.
There was no makeup, no drama,
you believed in the realism
that we all wanted to cover up.

I was shocked,
how can one be really happy
in this world,
with so much pain and suffering.
But I was amazed at your acceptance
and candour

In your absences,
I now understand
the heaviness of your teardrops,
when you are not here anymore,
that you won't be here anymore.

***

# I won’t be there for you

Srujan ISSN 2976-9329

## Nilamadhab Kar

I won't attend your funeral.
I don't want to be there.


I wish you attend mine.

Not a day I wish to live
Without you.

***


**Dr Nilamadhab Kar** is a psychiatrist, based in the UK. Besides scientific articles in the field of medicine, more specifically mental health; he also writes poems, stories and articles for public education in English and Odia, which have been widely published. He has authored and edited few medical books, an anthology of Odia poems and two books of translated poems from Odia to English. He is on the editorial board of a few medical and literary journals.

Srujan ISSN 2976-9329





'ସଜ ସକାଳ ' (୨୦୨୨), ସନ୍ତୋଷ ରଥ (ଲେଖକ), ଜଗତରାମ ମେହେର (ଅଳଙ୍କରଣ), ପ୍ରକାଶକ
ଶ୍ରୀମିରା ଟ୍ରଷ୍ଟ, ପଣ୍ଡିଚେରୀ ।

'ସଜସକାଳ' କବିତା ପ୍ରବାହ ଏକ ଅଭିନବ ପ୍ରଚେଷ୍ଟା । ଯାହାର ହେତୁ କୋଭିଡ଼ । ଯେତେବେଳେ ସେହି ଦୁରାରୋଗ୍ୟରୁ ବଞ୍ଚିବା ଓ ବର୍ତ୍ତିବା ପାଇଁ ସାମାଜିକ ଦୁରତ୍ୱକୁ ସଭିଏଁ ଆପଣେଇ ନେଲେ, ସେତେବେଳେ ଫୋନ୍ ହିଁ ହେଲା ସମ୍ପର୍କର ସେତୁ । ଆଉ ସେହି ଅବସରରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ବାଣୀକୁ ଆଶ୍ରା କରି ରଚିତ ଦିଗନ୍ତପ୍ରସାରୀ କବିତା ସକଳ ହ୍ୱାଟ୍ସଏପ ମାଧ୍ୟମରେ ପଠାଇବାରୁ ବେଶ୍ ଲୋକପ୍ରିୟତା ଅର୍ଜନ କଲା । କବିତାଗୁଡ଼ିକ ମୂଳଲେଖା ସହ ସପ୍ତାହକୁ ଦୁଇଥର ସକାଳୁ ସକାଳୁ ପ୍ରସାରିତ ହେଉଥିଲା । ପରବର୍ତ୍ତୀ କାଳରେ ପାଠକଙ୍କ ଅନୁରୋଧରେ ସେ ସବୁ ପୁସ୍ତକୀକୃତ କରାଯାଇ ତିନି ପର୍ଯ୍ୟାୟରେ ଯଥା 'ସଜ ସକାଳ' (୨୦୨୨), 'ଚେତନା ରଶ୍ମି' (୨୦୨୩) ଏବଂ 'ସିନ୍ଧୁରୁ ବିନ୍ଦୁଏ' (୨୦୨୪) ନାମରେ ପ୍ରକାଶିତ ହେଲା ।




'ସିନ୍ଧୁରୁ ବିନ୍ଦୁଏ' (୨୦୨୪), ସନ୍ତୋଷ ରଥ (ଲେଖକ), ଜଗତରାମ ମେହେର (ଅଳଙ୍କରଣ), ପ୍ରକାଶକ
ଶ୍ରୀମିରା ଟ୍ରଷ୍ଟ, ପଣ୍ଡିଚେରୀ ।

ପୁସ୍ତକ ତିନୋଟିର ପ୍ରତ୍ୟେକ ପୃଷ୍ଠା  ସଚିତ୍ର ଏବଂ ମୂଳ ଇଂରାଜୀ ଲେଖା ଓ ତଦ୍ ଅବଲମ୍ବନରେ ରଚିତ କବିତାରେ ଋଦ୍ଧିମନ୍ତ ।  ଏ ବହି ତିନୋଟିର ସ୍ରଷ୍ଟା ସନ୍ତୋଷ ରଥ ଓ ଜଗତରାମ ମେହେର ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀର ଅନ୍ତେବାସୀ ଏବଂ ଶ୍ରୀଅରବିନ୍ଦଙ୍କ ପ୍ରଣୀତ ପୂର୍ଣ୍ଣାଙ୍ଗ ଯୋଗ ପଥରେ ଅନୁପ୍ରାଣିତ ଓ ସାଧନରତ। ନିଜ ସୃଷ୍ଟି ସମ୍ବନ୍ଧରେ ସନ୍ତୋଷ ରଥ କହନ୍ତି, ଲବ୍ଧ ପ୍ରେରଣାର ଉତ୍ସ ନିଜସ୍ୱ ମନେ ହେଉଥିଲେ ବି ପ୍ରକୃତରେ ତାହା ନୁହେଁ ବରଂ ଏତିକି କହିଲେ ଯଥେଷ୍ଟ ହେବ ଯାହା ଶ୍ରୀଅରବିନ୍ଦଙ୍କ ସାବିତ୍ରୀରେ ଉଲ୍ଲିଖିତ (ପୃଷ୍ଠା ୫୪୨):





'ଚେତନା ରଶ୍ମି' (୨୦୨୩), ସନ୍ତୋଷ ରଥ (ଲେଖକ), ଜଗତରାମ ମେହେର (ଅଳଙ୍କରଣ), ପ୍ରକାଶକ ଶ୍ରୀମିରା ଟ୍ରଷ୍ଟ, ପଣ୍ଡିଚେରୀ ।

"Nothing is all our own that we create
The power that acts in us is not our force."

ସନ୍ତୋଷ ରଥ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ, ଭାରତ ।

..





Birendra Kar and Maya Samal, Manab O Manabata. Collected Lectures of Ananda Swami. Translated from the original compilation by Ranvir Singh. First edition, 2023, ISBN: 9789394466586; Publisher: AUMBOOKS, Puri, India.

The book contains Ananda Swami's articles published in Vedarashmi from 2007 to 2018. Vedarashmi is the magazine of the Arya Samaj, Bhubaneswar, edited and published by Birendra Kar continuously since 1990. The articles provide a glimpse of solutions provided by Ananda Swami the struggles and strains of human life.


.





Debaraj Bisoi, Preeti Batika 2024; Publisher Divya Prakashani, Bhubaneswar.




Debaraj Bisoi, Gitibithika, 2022; Publisher Divya Prakashani, Bhubaneswar.
Debaraj Bisoi, who formerly worked in the Agricultural Department, writes on various subjects e.g. devotional, patriotic, and social issues, mainly poems but has also written other creative articles. He has been inspired by Santha Bhima Bhoi. His other published books are Bhaktibhaktika and Pritipritika. He lives in Bhubaneswar.




Chaturveda Kabita Shatak, Banaja Devi, Publisher: Birendra Kar, Vedarashmi Prakashan, Bhubaneswar.




Somadev Shastri, (0riginal Hindi), Odia translation by Durgacharan Mohanty. Atharvaveda Sandesh, Publisher: Vedarashmi Prakashan, Bhubaneswar.

# Srujan: The Creativity Journal
# ସୃଜନ: ଦି କ୍ରିଏଟିଭିଟି ଜର୍ଣ୍ଣାଲ

ISSN 2976-9329

## Information about the journal

ସୃଜନ : ଦି କ୍ରିଏଟିଭିଟି ଜର୍ଣ୍ଣାଲ [The Srujan: The Creativity Journal (SCJ) **ISSN 2976-9329]** is an endeavour to showcase creative excellence from Odisha and promote it worldwide. This will include Poetry, Short Stories, Paintings, Photography, Dance, Sculpting and any other creative outputs. It is an attempt to put together the choicest creative articles in Odia Literature and creativity in other artistic expressions linked to Odisha for an international readership; with an aim of propagating, promoting Odia literature and creativity worldwide.

### Articles

Articles of creative writing (poems, short stories, paintings, sculpting, dance, photographs, and other art forms etc.) related to Odisha are included in this International Journal. It is designed to be a multilingual journal. Translations from different languages to Odia and from Odia to other languages (with written permissions from original copy right holder) are also accepted. Articles from authors connected to Odisha who are writing in other languages are also welcome (preferably in English).

Journal also encourages readers to suggest a good piece of creative writing or art of an author or creator to be included in this journal.

### Periodicity

At the moment it is thrice a year: **April, August and December**. The frequency may increase. There is provision of special issues occasionally.

### Publication Ethics

It is important that the authors need to adhere to the publication ethics. If plagiarism or any other unethical practice is brought the notice of the editorial board, a process will be followed and the article will be retracted and the readers will be informed. Readers are encouraged to report plagiarism or any unethical practice to the editorial board. Authors will remain responsible for any conflicts about their submission. Editorial board or the publishers will not have any liability.

## Instruction to authors

### Type of articles

**Poems:** Minimum 3 and up to 5 short poems can be submitted. Shorter poems with less than 20 lines are better.

**Short stories:** Only one short story can be submitted at a time, preferably in around 2000 words or less.

**Painting:** One or more paintings can be presented, along with a write up about the paintings, title, and theme, method of painting and about the painter. High quality JPEG files are needed.

**Photographs:** Artistic photographs can be submitted, one or more at a time, along with a write up about them. Photographs of creative sculptures can also be submitted. Photographs should be in high resolution JPEG files.

**Photographs of dance / dancer / with explanations**

**Photographs of sculptures / sculpting**

**Biography of famous creators in history:** Article on a creative person, detailing their creative achievements, and background can be submitted with relevant photographs. These articles are expected to be no more than 500 words.

**Book and Magazine Reviews:** short write ups up to 200 words with specific information.

### Preparation of the manuscript

Articles should be prepared in MS Word, any editable Font (Unicode font, e.g Kalinga). Please check spellings, and avoid objectionable content. Save the file in **your name and the type of article** (e.g. Ramnath Lenka - Poem)

### Please provide these details

1. Author name* [if you use a pseudonym, please provide actual name, address and phone number]
2. Address: Current place of residence, State/Country*
3. Author biography (around 50-100 words) Example style: Name Surname, Artistry, usual work, … etc. …],* Please make it in one paragraph, to be written in third person providing specific information.
4. Email*
   *[Please note: Articles sent from your email will be considered as your confirmation that it is your original article, and you will be solely responsible for any dispute or copyright violation.]*

5. Phone/WhatsApp (*not to be published*)
6. The details previous publication (if any) of submitted article: name of the magazine/newspaper where published, Year (date). *If published earlier, please ensure that, if needed, you have authority to republish or have written permission from the original publisher / copyright holder to republish.*
7. Title of the article
8. Content of the article
9. If submitting photographs of paintings, sculptures or artistic photography, etc., these should be given in high resolution JPEG files separately. JPEG file names should have the name of the author/contributor.

**Book and Magazine Reviews**

Srujan publishes **Book Reviews** in its issues to popularise books related to Odisha, Odia and translated literary / creative works. Interested authors, editors and publishers may send two copies of the book or an eCopy for review. Along with the book, please send following information by email to srujan.journal@gmail.com: 1 Title of the book: 2. Author full name: 3. Publisher and address: 4. Publication place: 5. Publication year: 6. Book availability: 7. Any Internet link to order the book and 8. Cover page photo of the book in JPEG. In addition any specific points about the book that should be considered for inclusion in review can be mentioned.

Srujan publishes **Magazine Reviews** in its issues to popularise magazines related to Odisha and Odia. Interested Editors and publishers may send two copies of the magazine or an eCopy for review. Along with the magazine, please send following information by email to srujan.journal@gmail.com: 1. Title of the magazine: 2. Full name of Editors: 3. Publisher and address: 4. Publication place: 5. Publication frequency: 6. Any link to order the magazine; 7. Cover page photo of the Magazine in JPEG. Along with these, any specific points about the magazine that should be considered for inclusion in review and article submission email or address can be provided.

***Address to send the books and magazines:***

**Editor, Srujan, 60 Highfield Drive, Epsom, KT19 0AP, London, UK.**

However, if required, the books and magazines can be sent to: Srujan, 130, Ratnakar Bag, Bhubaneswar, 751018, India.

## Submission of articles

**Articles are submitted by email**. srujan.journal@gmail.com or srujan@instituteofinsight.org Communication regarding outcome of the article (acceptance or rejection) will be communicated in a reasonable time frame or within 3-6 months. The scope of additional communication is limited, considering that the project is supported by volunteers.

## Selection process

Some articles are invited. All other submitted articles are subjected to a review process (mostly double-blind / anonymous without the identities of authors or reviewers disclosed). Following review, based on the reviewers' feedback, articles are selected for publication. Editors facilitate the overall process. Articles with objectionable content that may hurt the sentiments are rejected. Articles without adequate info on the 'author instructions' will not be processed further. Please check for spelling mistakes, typographical issues before submission. Editors' decisions are final.

## Copyright

Authors retain the copyright. The articles are published under suitable CreativeCommons License. Authors can submit their articles published in the past, if they hold the copyright, or have written permission from the previous publisher to republish. In the latter case the authors need to provide the written permission from the original copyright holder.

## Open access

The journal is open access. There are no publication fees for the authors; and it is freely available for the readers, with support from the Institute of Insight, UK.

---

## Template / Checklist for submission

**Author contact details:** Author name / Address: place, State/Country, / Email / Phone (not to be published)

**Author biography** (50-100 words) Please provide it in a paragraph. Examples of content (not mandatory) to include: Medium of creative expression, Education, Work, Leisure work, Published book titles, Recognitions / awards, Few lines about your creativity, Few lines about yourself

**Title of article**

**Content of the article**

Photographs for articles (paintings, photographs, sculptures etc.) should be given in high resolution JPEG files separately. File name should have the name of the author/contributor.

## Quality of Life Research and Development Foundation

Quality of Life Research and Development Foundation (QoLReF) is involved in improving Quality of Life through Evidence Based Methods. Its mission statement is: "Improving Life through Evidence and Experience."

The Foundation is a conglomerate of various disciplines involved in research and developmental activities to improve the 'Quality of Life'. It brings together the scientific and socio-cultural understandings to the awareness and utility of the public. Experts from various disciplines support the activities of the QoLReF. The foundation, through interactive ways helps in sharing the knowledge and experience improving the quality of life in general. It is registered as a charity organization, with scientific, sociocultural and service oriented objectives.

.

## The Institute of Insight, UK
## [A non-profit organisation]

The Institute of Insight is a non-profit organisation with an objective to advance education, promote health and creativity to improve quality of life by providing opportunities for lifelong learning, training, appropriate services, research, and publications for the benefit of general public and professionals worldwide.

The Institute is working in partnership with **Quality of Life Research and Development Foundation (QoLReF)** and **Geriatric Care and Research organisation (GeriCaRe)** which are academic and charitable organisations supported by resource persons worldwide.

The Institute of Insight is currently supporting various public education initiatives, research related works and publications. It is contributing to the Healthy Ageing Conference a public education event in India, for elderly people and their caregivers. It sponsors publication of Journal of Geriatric Care and Research, Srujan, The Creativity Journal, which are freely available to general public and professionals.